




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୨୨ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 22 JULY 2022
Vol.No. 35 ■ No. 190 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







# ଓଡ଼ିଆ ଝିଅ ଦ୍ରୌପଦୀ ହେଲେ ରାଷ୍ଟ୍ରପତି

## ■ ପ୍ରଥମ ଓଡିଆ ମହିଳା ଭାବେ ରାଷ୍ଟ୍ରପତି ନିର୍ବାଚିତ
## ■ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୧/୦୭ (ନି.ପ୍ର): ପ୍ରଥମ ଓଡ଼ିଆ ଝିଅ ଭାବେ ଦ୍ରୌପଦୀ ମୁର୍ମୁ ରଚିଛନ୍ତି ଇତିହାସ। ବିପୁଳ ଭୋଟରେ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇଛନ୍ତି ଦ୍ରୌପଦୀ ମୁର୍ମୁ। ସେ ତାଙ୍କ ନିକଟତମ ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ଏକତରଫା ଭାବେ ପରାସ୍ତ କରିଛନ୍ତି। ଆସନ୍ତା ୨୫ ତାରିଖରେ ଦେଶର ୧୫ତମ ରାଷ୍ଟ୍ରପତି ଭାବେ ଶ୍ରୀମତୀ ମୁର୍ମୁ ଶପଥ ଗ୍ରହଣ କରିବେ। ପ୍ରଥମ ଓଡିଆ ଆଦିବାସୀ ମହିଳା, ଦେଶର ଦ୍ୱିତୀୟ ମହିଳା ରାଷ୍ଟ୍ରପତି ସହ ସର୍ବକନିଷ୍ଠ ରାଷ୍ଟ୍ରପତି ଭାବେ ରେକର୍ଡ କରିଛନ୍ତି ଦ୍ରୌପଦୀ ମୁର୍ମୁ। ମାତ୍ର ୬୩ ବର୍ଷ ବୟସରେ ରାଷ୍ଟ୍ରପତି ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ଶ୍ରୀମତୀ ମୁର୍ମୁ। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଜେପି ରାଷ୍ଟ୍ରୀୟ ସଭାପତି ଜେ ପି ନଡ୍ଡା ଦ୍ରୌପଦୀଙ୍କ ବାସଭବନ ଯାଇ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ବର୍ତ୍ତମାନର ରାଷ୍ଟ୍ରପତି ରାମନାଥ କୋଭିନ୍ଦ ମଧ୍ୟ ଟୁଇଟ୍ କରି ଦ୍ରୌପଦୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅପରପକ୍ଷରେ ଦ୍ରୌପଦୀଙ୍କ ବିଜୟ ପରେ ସାରା ଦେଶରେ ବିଜୟ ଉତ୍ସବ ପାଳନ କରାଯାଉଛି। ଦେଶର ରାଜଧାନୀ ଦିଲ୍ଲୀ ଠାରୁ ଆରମ୍ଭ କରି ରାଜ୍ୟ ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ ସବୁଠି ଉତ୍ସବର ମାହୋଲ। ଦୌପଦୀଙ୍କ ଗ୍ରାମ ରାଇରଙ୍ଗପୁରରେ ମଧ୍ୟ ବାଜା , ବାଣ ନାଚଗୀତ ସହ ମିଠା ଓ ଭୋଜିର ଆସର ଦେଖିବାକୁ ମିଳିଛି। ରାଷ୍ଟ୍ରପତି ନିର୍ବାଚନ ପାଇଁ ଗତ ୧୮ ତାରିଖରେ ଭୋଟ୍ ଗ୍ରହଣ ହୋଇଥିଲା। ଗୁରୁବାର ପୂର୍ବାହ୍ନ ୧୧ଟାରୁ ଭୋଟ୍ ଗଣତି ଆରମ୍ଭ ହୋଇଥିବା ବେଳେ ସନ୍ଧ୍ୟା ସୁଦ୍ଧା ମୋଟ ୪ଟି ରାଉଣ୍ଡର ମଧ୍ୟରୁ ଏଯାଏ ୩ଟି ରାଉଣ୍ଡର ଭୋଟ ଗଣତି ସରିଛି। ଗୋଟିଏ ରାଉଣ୍ଡ ଅର୍ଥାତ ୧୦ଟି ରାଜ୍ୟର ଭୋଟ ଗଣତି ବାକିଥିବା ବେଳେ ଦ୍ରୌପଦୀ ମୁର୍ମୁଙ୍କ ସପକ୍ଷରେ ଭୋଟର ମୂଲ୍ୟ ୫୦% ଅତିକ୍ରମ କରି ଯାଇଛି। କେବଳ ଔପଚାରିକ ଭାବେ ନାଙ୍କ ନାମ ଘୋଷଣା କରାଯିବ। ପୂର୍ବରୁ ଦୁଇ ରାଉଣ୍ଡ ଗଣତି ସୁଦ୍ଧା ଦ୍ରୌପଦୀ ମୁର୍ମୁଙ୍କ ଭୋଟ ମୂଲ୍ୟ ୪,୮୩,୨୯୯ ରହିଥିଲା। ତୃତୀୟ ରାଉଣ୍ଡରେ ଆଉ ୧୦ ରାଜ୍ୟର ବିଧାୟକଙ୍କ ଭୋଟ ଗଣତି କରାଯାଇଥିଲା। ଏହି ରାଉଣ୍ଡରେ କର୍ଣ୍ଣାଟକା, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ମିଜୋରାମ, ନାଗାଲ୍ୟାଣ୍ଡ, ଓଡ଼ିଶା ଓ ପଞ୍ଜାବର ବିଧାୟକଙ୍କ ଭୋଟ ଗଣତି କରାଯାଇଥିଲା। ତୃତୀୟ ରାଉଣ୍ଡର ମୋଟ ୧୩୩୩ ବୈଧ ଭୋଟ ଥିବା ବେଳେ ଏହାର ମୂଲ୍ୟ ୧,୬୫,୬୬୪। ଏହା ମଧ୍ୟରୁ ଦ୍ରୌପଦୀ ମୁର୍ମୁ ୮୧୨ ଖଣ୍ଡ ଓ ଯଶୱନ୍ତ ସିହ୍ନା ୫୨୧ ଖଣ୍ଡ ଭୋଟ ପାଇଥିଲେ। ଏହାକୁ ମିଶାଇଲେ ତୃତୀୟ ରାଉଣ୍ଡ ସୁଦ୍ଧା ମୋଟ ବୈଧ ଭୋଟ ହେଉଛି ୩୨୧୯ ଓ ଏହାର ମୂଲ୍ୟ ୮,୩୮,୮୩୯। ଏହା ମଧ୍ୟରୁ ଦ୍ରୌପଦୀ ମୁର୍ମୁ ୨୧୬୧ ଖଣ୍ଡ ଭୋଟ ଓ ଯଶୱନ୍ତ ସିହ୍ନା ୧୦୫୯ ଖଣ୍ଡ ଭୋଟ ପାଇଛନ୍ତି। ଦ୍ରୌପଦୀଙ୍କ ଭୋଟ ମୂଲ୍ୟ ୫,୭୭,୭୭୭ ଓ ଶ୍ରୀ ସିହ୍ନାଙ୍କ ▶▶ପୃଷ୍ଠା ୭

# ହିଟୱେଭ ନେଲାଣି ୧୯ଶହରୁ ଅଧିକ ଲୋକଙ୍କ ଜୀବନ




ନୂଆଦିଲ୍ଲୀ, ୨୧/୦୭ : ହିଟୱେଭ ପାଇଁ ଯାଉଛି ଶହ ଶହ ଲୋକଙ୍କ ଜୀବନ । ୟୁରୋପ ମହାଦେଶରେ ବଡ ବିପଦ ସାଜିଥିବା ହିଟୱେଭରେ ଏବେ ସୁଦ୍ଧାରେ ୧୯ଶହରୁ ଅଧିକ ଲୋକଙ୍କ ଜୀବନ ଗଲାଣି । ବ୍ରିଟେନ, ପର୍ତ୍ତୁଗାଲ, ସ୍ପେନ ଓ ଗ୍ରୀସରେ ସ୍ଥିତି ସବୁଠୁ ଅଧିକ ସଂଗୀନ ରହିଛି । ପ୍ରଚଣ୍ଡ ତାତି ଓ ଗ୍ରୀଷ୍ମ ପ୍ରଭାବ ଯୋଗୁଁ ପିଚୁ ରାସ୍ତା ତରଳିବାରେ ଲାଗିଛି । ଟ୍ରାଫିକ ସିଗନାଲରେ ଲାଗିଥିବା ଲାଇଟ ଗୁଡିକ ତରଳୁଥିବା ଦେଖିବାକୁ ମିଳୁଛି । ଏଠାରେ ହିଟୱେଭ ଏତେ ଅଧିକ ରହିଛି କି ବିମାନ, ଟ୍ରେନ ଓ ବସ ଚଳାଚଳ ଏକ ପ୍ରକାର ମୁସ୍କିଲ ହୋଇପଡିଛି । ୨୦୦୩ ମସିହାରେ ସମାନ ସ୍ଥିତି ୟୁରୋପକୁ ସାମ୍ନା କରିବାକୁ ପଡିଥିଲା ଓ ଏଥିରେ ପ୍ରାୟ ୭୦ହଜାର ଲୋକଙ୍କ ମୃତ୍ୟୁ ମଧ ହୋଇଥିଲା । ପ୍ରାୟ ୧୯ବର୍ଷ ପରେ ୟୁରୋପ ମହାଦେଶରେ ପୁଣି କାଳ ସାଜିଛି ହିଟୱେଭ । ଥଣ୍ଡା ଦେଶ ଗୁଡିକରେ ତାପମାତ୍ରା ଏବେ ୪୨ ଡିଗ୍ରୀ ସେଲସିୟସରୁ ଅଧିକ ରହୁଛି ।

# ବିଧାନସଭାରେ କଂଗ୍ରେସ ଓ ବିଜେପି ବିଧାୟକ ମୁହାଁମୁହିଁ



ଭୁବନେଶ୍ୱର,୨୧/୦୭ (ନି.ପ୍ର): ସୋନିଆଙ୍କୁ ଇଡିର ସମନ ପ୍ରସଙ୍ଗ ଉଠାଇଲା କଂଗ୍ରେସ । ଏହାକୁ ନେଇ ବିଧାନସଭାରେ କଂଗ୍ରେସ ଓ ବିଜେପି ବିଧାୟକ ମୁହାଁମୁହିଁ । ଗୃହର ମଧ ଭାଗକୁ ଆସି ଉଭୟ ଦଳର ବିଧାୟକଙ୍କ ହଟ୍ଟଗୋଳ । ବିଧାନସଭା ବାହାର ପ୍ରସଙ୍ଗ କହିଲେ ବିରୋଧୀ ଦଳର ଉପନେତା । ମୁଲତବୀ ଆଲୋଚନା ଦାବି କଲେ ବିରୋଧୀ ଦଳର ସଚେତକ । ହଟ୍ଟଗୋଳ ପାଇଁ ଗୃହ ୪ଟା ଯାଏଁ ମୁଲତବୀ । ସେପଟେ ଭୁବନେଶ୍ୱର କଂଗ୍ରେସ ଭବନରୁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ବିଶାଳ ରାଲି ଇଡି ଅଫିସ ଅଭିମୁଖେ ବାହାରିଛି । ସୋନିଆଙ୍କୁ ଜେରା ପ୍ରତିବାଦରେ ପ୍ରବର୍ତନ ନିର୍ଦ୍ଦେଶାଳୟ ଘେରାଉ କରିବେ କଂଗ୍ରେସ କର୍ମକର୍ତ୍ତା । ରାଜନୈତିକ ଆକ୍ରୋଶ ରଖି ସୋନିଆ ଗାନ୍ଧୀଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ଆଣିଛି କଂଗ୍ରେସ । ବିରୋଧୀଙ୍କ ସ୍ୱରକୁ ଚପେଇ ଦେବା ପାଇଁ କେନ୍ଦ୍ର ସରକାର ଜାତୀୟ ସଂସ୍ଥାଗୁଡିକର ଅପବ୍ୟବହାର କରୁଥିବା ଅଭିଯୋଗ ହୋଇଛି । କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନକୁ ଆଖିରେ ରଖି ଭୁବନେଶ୍ୱର ସ୍ଥିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆଗରେ କଡା ସୁରକ୍ଷାର ବନ୍ଦୋବସ୍ତ କରାଯାଇଛି ।

# ଓଡିଶାବାସୀଙ୍କ ପାଇଁ ଗର୍ବର ବିଷୟ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୧/୦୭ (ନି.ପ୍ର): ଭାରତର ୧୫ତମ ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଥିବା ଓଡ଼ିଶାର ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଟୁଇଟ୍ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦେଶର ସର୍ବୋଚ୍ଚ କାର୍ଯ୍ୟାଳୟ ପାଇଁ ନିର୍ବାଚିତ ହେବା ପ୍ରକୃତରେ ଓଡିଶାବାସୀଙ୍କ ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ଦେଶର ପ୍ରଥମ ନାଗରିକ ହେବା ପାଇଁ ତାଙ୍କର ଯାତ୍ରା ପ୍ରକୃତରେ ପ୍ରେରଣାଦାୟକ ଏବଂ ଏହି ଯାତ୍ରା ମହିଳା ସଶକ୍ତିକରଣର ଏକ ଉଜ୍ଜ୍ୱଳ ଉଦାହରଣ। ଆଗକୁ ଏକ ପୂର୍ଣ୍ଣ କାର୍ଯ୍ୟକାଳ ପାଇଁ ତାଙ୍କୁ ବହୁତ ଶୁଭେଚ୍ଛା ଜଣାଉଛି ବୋଲି ନବୀନ କହିଛନ୍ତି। ସୂଚନାଯୋଗ୍ୟ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଦ୍ରୌପଦୀ ମୁର୍ମୁଙ୍କ ନାଁ ଘୋଷଣା କରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ରୌପଦୀଙ୍କୁ ସେ ଓ ବିଜୁ ଜନତା ଦଳ ସମର୍ଥନ କରିବ ବୋଲି ଘୋଷଣା କରିଥିଲେ। କେବଳ ସେତିକି ନୁହେଁ, ଦ୍ରୌପଦୀ ମୁର୍ମୁଙ୍କୁ ବିଜୟୀ କରାଇବାରେ ଓଡ଼ିଶାର ମଙ୍ଗୁଆଳ ସାଜିଥିଲେ। ସେ ରାଜ୍ୟର ସମସ୍ତ ସାଂସଦ ଓ ବିଧାୟକଙ୍କୁ ଦ୍ରୌପଦୀଙ୍କୁ ସମର୍ଥନ ଜଣାଇବା ପାଇଁ ଅପିଲ କରିଥିଲେ।

# ସମନ ପରେ ଇଡିରେ ହାଜର ହେଲେ ସୋନିଆ ଗାନ୍ଧୀ

## ପ୍ରତିବାଦରେ ଭୁବନେଶ୍ୱରରୁ ଦିଲ୍ଲୀ ଯାଏଁ, ରାସ୍ତାକୁ ଓହ୍ଲାଇଲା କଂଗ୍ରେସ



ନୂଆଦିଲ୍ଲୀ, ୨୧/୦୭ : ନ୍ୟାସନାଲ ହେରାଲ୍ଡ ମାମଲାରେ ଇଡିରେ ହାଜର ହେଲେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ । ଦିଲ୍ଲୀ ସ୍ଥିତ ଇଡି କାର୍ଯ୍ୟାଳୟରେ ସୋନିଆଙ୍କୁ ୨ ଘଂଟା ଧରି ପଚରାଉଚରା କରାଯାଇଛି । ସୂଚନା ମିଳିଛି ଯେ, ପୂର୍ବରୁ ରାହୁଲଙ୍କୁ ଇଡି ଯେଉଁ ସବୁ ପ୍ରଶ୍ନ ପଚାରିଥିଲା, ସୋନିଆଙ୍କୁ ମଧ ସେହିସବୁ ପ୍ରଶ୍ନ ପଚାରିଛି । ସେପଟେ ସୋନିଆଙ୍କୁ ଇଡିର ଜେରା ପ୍ରସଙ୍ଗକୁ ନେଇ କଂଗ୍ରେସ କେନ୍ଦ୍ର ବିରୋଧରେ ଦେଇଛି ଯୁଦ୍ଧଂ ଦେହି ଡାକରା । ବିଭିନ୍ନ ରାଜ୍ୟରେ କଂଗ୍ରେସ କର୍ମୀ ମାନେ ବିକ୍ଷୋଭ କରିଛନ୍ତି । ସେପଟେ ରାଜ୍ୟ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ସଂସଦର ଅଧିବେଶ ଚାଲିଥିବା ସମୟରେ ନିୟମ ଅଛି ଯେ, ଏପରି ଜେରା ପାଇଁ ଡାକିପାରିବ ନାହିଁ । ଝିଅ ପ୍ରିୟଙ୍କା ଓ ପୁଅ ରାହୁଲ ଗାନ୍ଧିଙ୍କ ସହ ଦିନ ୧୨ଟା ୧୦ରେ ଇଡି କାର୍ଯ୍ୟାଳୟରେ ପହଂଚିଥିଲେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ । ଇଡିର ଅତିରିକ୍ତ ନିର୍ଦ୍ଦେଶକ ମୋନିକା ଶର୍ମାଙ୍କ ନେତୃତ୍ୱରେ ସୋନିଆଙ୍କୁ ପଚରାଉଚରା କରିଛି । ପ୍ରାୟ ୨ ଘଂଟା ଧରି ସୋନିଆଙ୍କୁ ପଚରା ଉଚରା କରିଥିଲା ଇଡି ଟିମ୍ । ସୂଚନା ଅନୁସାରେ ଇଡି ସୋନିଆଙ୍କୁ ସେହି ସବୁ ପ୍ରଶ୍ନ ପଚାରିଛି, ପୂର୍ବରୁ ରାହୁଲ ଗାନ୍ଧିଙ୍କୁ ଯେଉଁ ସବୁ ପ୍ରଶ୍ନ ପଚାରିଥିଲା । ଏହାସହ କଂଗ୍ରେସ ଅଧକ୍ଷାଙ୍କ ଷ୍ଟେଟମେଂଟ ରେକର୍ଡ କରିଛି ତଦନ୍ତକାରୀ ଟିମ୍ । ତେବେ ଅସୁସ୍ଥତା ଦର୍ଶାଇ ସୋନିଆଙ୍କ ଅନୁରୋଧ ପରେ ତାଙ୍କୁ ଜେରାର ସମୟ କମ୍ ରଖିଥିଲା ଇଡି । ଭୁବନେଶ୍ୱର ଠାରୁ ଆରମ୍ଭ କରି ଦିଲ୍ଲୀ । ସୋନିଆଙ୍କୁ ଇଡିର ଜେରାକୁ ବିରୋଧ କରି ରାଜରାସ୍ତାକୁ ଓହ୍ଲାଇଛନ୍ତି କଂଗ୍ରେସ ସମର୍ଥକ । ଖାଲି କର୍ମୀ ନୁହଁନ୍ତି ଦଳର ବରିଷ୍ଠ ନେତାମାନେ ମଧ ଏହି ପ୍ରତିବାଦରେ ସାମିଲ ହୋଇଛନ୍ତି । ଭୁବନେଶ୍ୱରରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ▶▶ପୃଷ୍ଠା ୭

# ଚାଲିଗଲେ ଟେଲି ଅଭିନେତ୍ରୀ ରାଜେଶ୍ୱରୀ



ଭୁବନେଶ୍ୱର, ୨୧/୦୭ (ନି.ପ୍ର): ଓଡ଼ିଆ ଟେଲି ଜଗତର ଜଣାଶୁଣା ଟେଲି ଅଭିନେତ୍ରୀ ରାଜେଶ୍ୱରୀ ରାୟ ମହାପାତ୍ରଙ୍କର ବିଳମ୍ବିତ ରାତିରେ ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ ଗତ କିଛି ବର୍ଷ ହେବ କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ଟେଲି ଜବତର ବହୁ ସାଥୀ କଳାକାର ହସ୍ପିଟାଲରେ ପହଂଚିଥିଲେ। ପରେ ତାଙ୍କ ପାର୍ଥିବ ଶରୀରକୁ ଭୁବନେଶ୍ୱର ସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ରାଜେଶ୍ୱରୀଙ୍କ ଶେଷ ଦର୍ଶନ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ସୂଚନା ମିଳିଛି। ରାଜେଶ୍ୱରୀଙ୍କ ବିୟୋଗରେ ଟେଲି ଜଗତରେ ଶୋକର ଛାୟା ଖେଳିଯାଇଛି। ଧାରାବାହିକ 'ଉଆଁସୀ କନ୍ୟା'ରେ ଖଳନାୟିକା ଅଳକା ଭୂମିକା ନିଭାଇଓଡ଼ିଶାର ଘରେ ଘରେ ଲୋକପ୍ରିୟତା ହାସଲ କରିଥିବା ଏହି ଅଭିନେତ୍ରୀ ପରବର୍ତୀ ସମୟରେ 'ତୋ ପାଇଁ ମୁଁ' ସିରିୟଲରେ ତାରା ପଟ୍ଟନାୟକ ଚରିତ୍ରରେ ଅବତୀର୍ଣ୍ଣ ହୋଇ ହଇଚଇ ସୃଷ୍ଟି କରିଥିଲେ। ତାଙ୍କ ଅଭିନୀତ ▶▶ପୃଷ୍ଠା ୭

# ଦ୍ରୌପଦୀ ମୁର୍ମୁଙ୍କ ବିଜୟରେ ଜନଜାତି ଏବଂ ଦେଶର ସାଧାରଣ ନାଗରିକଙ୍କ ବିଜୟ ହୋଇଛି : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର,୨୧/୦୭ (ନି.ପ୍ର): ଦେଶର ୧୫ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିବା ଓଡ଼ିଶାର ଗୌରବ ଜନଜାତି ଜନନେତ୍ରୀ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀ ଠାରେ ଭେଟି ଅଭିନନ୍ଦନ ଜଣାଇଛନ୍ତି । ତାଙ୍କ ବିଜୟ ନେଇ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଜନଜାତି ଜନନେତ୍ରୀ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଦେଶର ଆଶା, ପ୍ରତିବଦ୍ଧତା ଏବଂ ଏକ ସଶକ୍ତ ଭାରତ ଓ ସୁଦୃଢ଼ ଗଣତନ୍ତ୍ରକୁ ପ୍ରତିନିଧିତ୍ୱ କରୁଛନ୍ତି । ତାଙ୍କର ବିଜୟ, ପ୍ରତ୍ୟେକ ଭାରତୀୟ ବିଶେଷ ଭାବରେ ଜନଜାତି ସମୁଦାୟ, ଏବଂ ଦେଶର ସାଧାରଣ ନାଗରିକଙ୍କ ବିଜୟ । ଶ୍ରୀମତୀ ମୁର୍ମୁଙ୍କ ଏହି ଐତିହାସିକ ବିଜୟରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଉଛି । ତାଙ୍କର ବିଜୟ ମହିଳା ସଶକ୍ତିକରଣ, ସାମାଜିକ ନ୍ୟାୟ, ମହିଳା ନେତୃତ୍ୱ, ବହୁସଂଖ୍ୟକ ଓ ସର୍ବସ୍ପର୍ଶୀ ସମାଜର ପ୍ରତୀକ, ଯାହା ନୂଆ ଭାରତର ପ୍ରତିବଦ୍ଧତାକୁ ଦର୍ଶାଉଛି । ଜଣେ ଓଡ଼ିଆ ଭାବରେ, ରାଷ୍ଟ୍ରପତି ନିର୍ବାଚନରେ ଓଡ଼ିଶାର ଗୌରବ ଶ୍ରୀମତୀ ମୁର୍ମୁଙ୍କ ବିଜୟ ମୋତେ ବ୍ୟକ୍ତିଗତ ଭାବରେ ବହୁତ ଆନନ୍ଦ ଦେଇଛି । ସାଧାରଣ ପରିବାରରୁ ଆସିଥିବା ଶ୍ରୀମତୀ ମୁର୍ମୁଙ୍କ ରାଇରଙ୍ଗପୁରରୁ ରାଷ୍ଟ୍ରପତି ଭବନର ଯାତ୍ରା ସମସ୍ତଙ୍କୁ ପ୍ରେରିତ କରିବ । ଏନଡ଼ିଏର ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ମନୋନୀତ ହୋଇ ଆଜିର ବିପୁଳ ବିଜୟ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ଏନଡ଼ିଏର ନେତୃତ୍ୱ ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କେନ୍ଦ୍ରମନ୍ତ୍ରୀ

# ଗୁଜରାଟରେ ଆପର ବଡ ଘୋଷଣା:ସରକାର ଗଢିଲେ ମିଳିବ ୩ ଶହ ୟୁନିଟ ମାଗଣା ବିଜୁଳି

ନୂଆଦିଲ୍ଲୀ, ୨୧/୦୭ : ଗୁଜୁରାଟରେ ଆଉ କିଛି ଦିନ ପରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ବିଭିନ୍ନ ଦଳ ବି ସେମାନଙ୍କ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ଆମ ଆଦମୀ ଦଳ ମଧ ଏଥିରେ ପଛରେ ପଡିନାହିଁ । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଦଳର ସଂଯୋଜକ ଅରବିନ୍ଦ କେଜରିୱାଲ ସୁରଟରେ ଦଳର ନିର୍ବାଚନୀ ଘୋଷଣା କରିଛନ୍ତି । ଦଳ ତରଫରୁ ଘୋଷଣା କରାଯାଇଛି ଯେ ସରକାର ଗଠନ ହେବାର ୩ ମାସ ମଧ୍ୟରେ ଏଠାରେ ୩ ଶହ ୟୁନିଟ ଯାଏ ବିଜୁଳି ମାଗଣାରେ ପ୍ରଦାନ କରାଯିବ । ଏହା ଛଡା ରାଜ୍ୟରେ ୨୪ ଘଣ୍ଟା ବିଜୁଳି ଲୋକଙ୍କୁ ମିଳିବ । ସବୁଠାରୁ ବଡ ଘୋଷଣା ହେଉଛି ଡିସେମ୍ବର ୩୧ ଯାଏ ବାକି ଥିବା ସମସ୍ତ ବିଲକୁ ଛାଡ କରାଯିବ ।

# ଅତ୍ୟାବଶ୍ୟକ ସାମଗ୍ରୀ ଉପରୁ ଜିଏସ୍‌ଟି ପ୍ରତ୍ୟାହାର ଦାବିରେ ବିକ୍ଷୋଭ

ଭୁବନେଶ୍ୱର,୨୧/୦୭ (ନି.ପ୍ର): ଅତ୍ୟାବଶ୍ୟକ ସାମଗ୍ରୀ, ଖାଦ୍ୟ ପଦାର୍ଥ, ଔଷଧ, ଚୁଡ଼ା, ମୁଢି ଇତ୍ୟାଦି ଉପରୁ ଜି.ଏସ୍.ଟି ପ୍ରତ୍ୟାହାର ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ବୃଦ୍ଧି ବନ୍ଦ କରିବା ଦାବିରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି, ଭୁବନେଶ୍ୱର ଶାଖା ତରଫରୁ ସ୍ଥାନୀୟ ମାଷ୍ଟ କ୍ୟାଂଟିନ ଛକଠାରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କରୋନା ପରବର୍ତ୍ତୀ ଅବସ୍ଥାରେ ଲୋକଙ୍କର ଆୟ ହ୍ରାସ ପାଇବା ସମୟରେ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପରିବର୍ତେ ଦୈନନ୍ଦିନ ବ୍ୟବହାର କରୁଥିବା ସାମଗ୍ରୀ ଚୂଡ଼ା, ଚିନି, ମୁଢି, ଉଖୁଡ଼ା, ଡ଼ାଲି, ତେଲ, ଲୁଣ, ହଳଦୀ, ଜିରା, ସୋରିଷ, କ୍ଷୀର, ଦହି ଇତ୍ୟାଦି ଉପରେ ଜିଏସ୍‌ଟି ଲାଗୁ କରିବା ଓ ତୈଳଜାତୀୟ ପଦାର୍ଥର ଅହେତୁକ ଦର ବୃଦ୍ଧି ଯୋଗୁଁ ସାଧାରଣ ଜନତାଙ୍କ ଜୀବନଯାପନ ଦୁର୍ବିସହ ହୋଇପଡ଼ିଛି। ଏଥିରେ ମହିଳାମାନେ ଅଧିକ ଶାରୀରିକ ଓ ଆର୍ଥିକ ଭାବରେ କ୍ଷତିଗ୍ରସ୍ତ ହେବେ। କେରଳ ରାଜ୍ୟ ସରକାର ଜିଏସ୍‌ଟିକୁ କାର୍ଯ୍ୟକାରୀ ନ କରିବାକୁ ଘୋଷଣା କରିଥିବା ବେଳେ ଆମ ରାଜ୍ୟ ସରକାର କାହିଁକି ଜିଏସ୍‌ଟି ବିରୋଧରେ ପଦକ୍ଷେପ ନେଉନାହାଁନ୍ତି ବୋଲି ଚିନ୍ମୟ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ବିକ୍ଷୋଭରେ ମହିଳା ନେତ୍ରୀମାନେ ପ୍ରଶ୍ନ କରିଛନ୍ତି। ଏହି ବିକ୍ଷୋଭରେ ମହିଳା ନେତ୍ରୀ ତାପସୀ ପ୍ରହରାଜ, ପୁଷ୍ପା ଦାସ, ମିନତୀ ପାଣିଗ୍ରାହୀ, ବିମଳି ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଗଞ୍ଜେଇ ଚୋରା ଚାଲାଣ ମାମଲା : ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ମାଲକାନଗିରି,୨୧/୦୭ (ନି.ପ୍ର): ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଗିରଫ ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ସହ ୨ ଲକ୍ଷ ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି ମାଲକାନଗିରି ଜିଲା ବିଚାରପତି ଏସରେଖା ପ୍ରସାଦ । ଏଥି ସହ ଜୋରିମାନା ଅନାଦେୟ ହେଲେ ଅଧିକ ଦୁଇ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ରାୟରେ ଦର୍ଶାଇଛନ୍ତି। ବାଲିମେଳା ଛକରେ ଓ ର୍କେଲ ପୁଲିସ ଏସଆଇ ନୀଳାଦ୍ରିଚରଣ ବିଶ୍ୱାଳଙ୍କ ନେତୃତ୍ୱରେ ଗତ ୧୮/ ୦୫ /୨୦୧୯ରେ ରାତ୍ରିକାଳୀନ ପାଟ୍ରୋଲିଂ ଜାରି ରହିଥିଲା । ସେହି ସମୟରେ ମୋଟରସାଇକେଲ ନମ୍ବର ଓଡି ୩୦ଏ ୯୨୧୫ରେ ଜଣେ ବ୍ୟକ୍ତି କିଛି ବସ୍ତା ରଖି ଦ୍ରୁତ ଗତିରେ ଆସୁଥିଲା । ପୁଲିସ ଗାଡିକୁ ଅଟକାଇ ଯାଂଚ୍ କରିଥିଲା । ଯାଂଚ୍ ବେଳେ ଦୁଇଟି ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା । ତୁରନ୍ତ ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରି ଗାଡି ଓ ଗଞ୍ଜେଇକୁ ଜବତ କରିଥିଲା । ଗିରଫ ବ୍ୟକ୍ତିଙ୍କ ନାମ ପୂର୍ଣ୍ଣ ଡୁରକା । ତାଙ୍କ ଘର ମାଲକାନଗିରି ଜିଲା ସେରପାଲୀ ଗ୍ରାମରେ । ଜବତ ଗଞ୍ଜେଇର ଓଜନ ୫୩ କିଲୋ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରାଯାଇଥିଲା । ସରକାରୀ ପିପି ବିଜୟ ମହାନ୍ତି ଏହି ମାମଲାର ପରିଚାଳନା କରିଥିଲେ ।

# ଜିଲ୍ଲା ବରିଷ୍ଠ ନାଗରିକ ସଂଘର କରୋନା ସଚେତନତା ସହିତ ମାସ୍କ ବଂଟନ

ବଲାଙ୍ଗିର,୨୧/୦୭ (ନି.ପ୍ର): ସଂଘର ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଆଯଇଥିବା ପ୍ରସ୍ତାବ ଅନୁସାରେ ୨୦.୦୭.୨୦୨୨ ଦିନ ଦୈନିକ ବଜାର ମଧ୍ୟରେ ମାସ୍କ ବ ଂଟନ କରାଯାଇଥିଲା । ଆସନ୍ତା କାଲି ସଂଘ ଆନୁକୁଲ୍ୟରେ ସବୁରି ନାରାୟଣ ମନ୍ଦିର ପରିଷରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯିବାର ସ୍ଥିର କରାଯାଇଥିଲା । ଏହା ପୂର୍ବରୁ ସଂଘ ସଭ୍ୟମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ତାର ସମାଧାନ କରିବାକୁ ଅନୁରୋଧ କରିଥିଲେ । ଜିଲ୍ଲାର ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟା ସାଙ୍ଗକୁ ବସ୍ତି ଅଂଚଳରେ ନାଳ ନର୍ଦ୍ଦମା କୁ କାର୍ଯ୍ୟକ୍ଷମ କରିବାକୁ ଅନୁରୋଧ କରିଥିଲେ । ଗତ କାଲି ବସିଥିବା କାର୍ଯ୍ୟକାରିଣି ବୈଠକରେ କରୋନା କୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ବିଭିନ୍ନ ପଦକ୍ଷେପ ନେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ପୋଲିସ ମୁଖ୍ୟଙ୍କୁ ସାକ୍ଷାତ କରି ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିବାକୁ ସ୍ଥିର କରାଯାଇଥିଲା । ସଂଘର ସଭାପତି ଡା. ଘାସିରାମ ମଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ସଂଘର ମୁଖ୍ୟ ଉପଦେଷ୍ଟା ବିକ୍ରମ ବହିଦାର, ଶିବ ଶଙ୍କର ଖୁଆସ, ସୁବାଷ ଚନ୍ଦ୍ର ପଣ୍ଡା, ଉପଦେଷ୍ଟା ଯଥା ବିଶ୍ୱାଳ, ଜଗଦାନନ୍ଦ ଛୁରିଆ, ବୃନ୍ଦାବନ ବରାଳ, ପର୍ଶୁରାମ ନାୟକ, ଭଞ୍ଜ କିଶୋର ନାଗ, ମଦନ ପାଣିଗ୍ରାହି, ଗୋପବନ୍ଧୁ ପୁରୋହିତ, ପ୍ରତାପ ଚନ୍ଦ୍ର ରଥ, ବିପିନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସାଧାରଣ ସଂପାଦକ ବସନ୍ତ ଆଚାର୍ଯ୍ୟ ସଭ୍ୟମାନଙ୍କୁ ଧନ୍ୟବାଦ ଦେଇଥିଲେ ।

# ପଢ଼ିବା ମିଶନ ୨୦୨୨ ଉଦ୍‌ଘାଟିତ

ମାଲକାନଗିରି,୨୧/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ମହାବିଦ୍ୟାଳୟର ସଭାଗୃହରେ ପଢ଼ିବା ମିଶନ:- ୨୦୨୨ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ପ୍ରାୟତଃ ଏକ ସପ୍ତାହ ଧରି ଚାଲିବ, ପର୍ଯ୍ୟାୟ କ୍ରମେ ଛାତ୍ରଛାତ୍ରୀମାନଙ୍କର ପଢ଼ିବା ଅଭ୍ୟାସକୁ ବୃଦ୍ଧି କରିବା ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ପଢ଼ିବା ଅଭ୍ୟାସ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ । ବରିଷ୍ଠ ଅଧାପକ ଲିଙ୍ଗରାଜ ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ପ୍ରତିଦିନ କିଛି ଉପାଦେୟ ପୁସ୍ତକ ପଢ଼ିବାର ଅଭ୍ୟାସ ବୃଦ୍ଧି କରିବାକୁ ଉପଦେଶ ହେଇଥିଲେ । କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସର ଜିଲ୍ଲା ସଂଯୋଜକ ତଥା ଆବାହକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ଜାତୀୟ ସେବା ଯୋଜନା, ସମର ଶିକ୍ଷାର୍ଥୀ ବାହିନୀ ଏବଂ ଯୁବ ରେଡକ୍ରସର ମିଳିତ ଉଦ୍ୟମରେ ଆୟୋଜନ କରାଯାଇଥିଲା । ଜାତୀୟ ସେବା ଯୋଜନାର ଜିଲ୍ଲା ଯୋଜନା ଅଧିକାରୀ ନମିତା ଦଣ୍ଡସେନା ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଅଧ୍ୟାପକ ଡ଼ଃ. ଗୋକୁଳାନନ୍ଦ ପାତ୍ର ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ପଢ଼ିବାର ଅଭ୍ୟାସ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟତଃ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ବଣ୍ଡା ମହିଳାଙ୍କୁ ବିଭିନ୍ନ ସାମଗ୍ରୀ ତିଆରି ପ୍ରଶିକ୍ଷଣ

ମାଲକାନଗିରି,୨୧/୦୭ (ନି.ପ୍ର): ବଣ୍ଡା ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଅଂଟା ଭିଡ଼ିଛି ଓରମାସ । ବଣ୍ଡା ଘାଟିରେ ପହଂଚି ବଣ୍ଡା ସମ୍ପ୍ରଦାୟର ମହିଳା ମାନଙ୍କୁ ଝାଡୁ ପ୍ରସ୍ତୁତି ଓ ପଣସ ଚିପ୍ସ ପ୍ରସ୍ତୁତିର ତାଲିମ ସହ ପ୍ରୋତ୍ସାହନ ଦିଆଯାଇଛି । ଖୁବ ଅଳ୍ପଦିନ ମଧ୍ୟରେ ବଣ୍ଡା ଘାଟିର ଝାଡୁ ଓ ପଣସଚିପ୍ସ ବିଭିନ୍ନ ସ୍ଥାନରେ ଉପଲବ୍ଧ ହେବ ବୋଲି ଓରମାସ ଆଶା ପ୍ରକାଶ କରିଛି । ଖଇରପୁଟ ବ୍ଲକ ଅଣ୍ଡରାହାଲ ପଚାଂୟତର ଡୁମୁରିପଡ଼ାରେ ବଣ୍ଡା ମହିଳାଙ୍କୁ ଝାଡୁ ତିଆରି ଓ ପଣସ ଚିପ୍ସ ପ୍ରସ୍ତୁତି ଉପରେ ତାଲିମ ଦିଆଯାଇଥିଲା । ଏଠାରେ ବଣ୍ଡା ଝାଡୁ ଉତ୍ପାଦକ ଗୋଷ୍ଠୀ ଗଠନ କରି ସେମାନଙ୍କୁ ତାଲିମ ସହ ପ୍ରୋତ୍ସାହନ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି । ଝାଡୁ ତିଆରି ପାଇଁ ପାଇପ ଓ ବ୍ୟବସାୟୀକରଣ ସାଙ୍ଗକୁ ପଣସ ଚିପ୍ସ ର ପ୍ୟାକିଙ୍ଗ ବ୍ୟବସ୍ଥା ଓରମାସ କରିବ ବୋଲି ଓରମାସର ଡେପୁଟି କାର୍ଯ୍ୟନିର୍ବାହୀ ରୋଶନ କୁମାର କାର୍ତ୍ତିକ ସୂଚନା ଦେବା ସହ ଏହା ବଣ୍ଡା ସମ୍ପ୍ରଦାୟକୁ ସ୍ୱାବଲମ୍ବୀ କରିବାରେ ସହାୟକ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

# ବ୍ଲକସ୍ତରୀୟ ସ୍ୱତନ୍ତ୍ର ବ୍ୟାଙ୍କର ସମିତି ବୈଠକ ଓ ସମନ୍ୱୟ ମେଳା

କନ୍ଧମାଳ,୨୧/୦୭ (ନି.ପ୍ର): ଫଂଚାୟତ ସମିତି ଫୁଲବାଣୀ ଓଡିଶା ଜୀବିକା ମିଶନ ଓ ମିଶନ ଶକ୍ତି ଅନୁକଲ୍ୟ ରେ ବ୍ଲକ ସ୍ତରୀୟ ସ୍ୱତନ୍ତ୍ର ବ୍ୟାଙ୍କର ସମିତି ଓ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମାର ନାୟକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଆର୍ଥିକ ଅନ୍ତର୍ଭୁକ୍ତି କରଣ ପରାମର୍ଶଦାତା ଅଭିରାମ ନନ୍ଦ ଓ ସମସ୍ତ ବ୍ୟାଙ୍କ ଶାଖାର ପରିଚାଳିକା ଓ ପରିଚାଳକ ଯୋଗଦାନ କରିଥିଲେ । ଗୋଷ୍ଠୀ ପ୍ରକଳ୍ପ ପରିଚାଳିକା ଓଡିଶା ଜୀବିକା ମିଶନ ଫୁଲବାଣୀ ବ୍ଲକ ସୁଶ୍ରୀ ସବିତା ସୁବୁଦ୍ଧି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ବ୍ଲକ ବୈଷୟିକ ସଂଯୋଜିକା, ଆର୍ଥିକ ଅନ୍ତର୍ଭୁକ୍ତି କରଣ ସୁଶ୍ରୀ ବାସନ୍ତୀ ଖୁଣ୍ଟିଆ, ବ୍ଲକ ପ୍ରକଳ୍ପ ସହାୟିକା ମିଶନ ଶକ୍ତି, ସୁଶ୍ରୀ ମାନିନୀ ନାୟକ ଓ ପ୍ରକଳ୍ପ ପରିଚାଳିକା ଜାତୀୟ ସହରାଂଚଳ ଜୀବିକା ମିଶନ ଦେବଦତ୍ତ ଧୀର ବିଷୋୟୀ ସହଯୋଗ କରିଥିଲେ । ଉକ୍ତ ବୈଠକ ରେ ଧାର୍ଯ୍ୟ କରାଯାଇଥିଲା । ସ୍ୱୟଂ ସହାୟିକା ଗୋଷ୍ଠୀ ର ଋଣ ପ୍ରଦାନ ନିମନ୍ତେ ସମସ୍ତ ନଥିପତ୍ର ସଂଗ୍ରହ କରି ବ୍ୟାଙ୍କ ମିତ୍ର ମାନେ ଶାଖାଗୁଡିକ ପ୍ରଦାନ କରିଥିଲେ ଓ ସମନ୍ୱୟ ମେଳା ରେ ବିଭିନ୍ନ ବ୍ୟାଙ୍କ ମାନଙ୍କ ଦ୍ୱାରା ଫୁଲବାଣୀ ବ୍ଲକ ଓ ମୁନିସିପାଲିଟିର ମୋଟ ୬୫ ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ୧ କୋଟି ୯୯ ଲକ୍ଷ ଟଙ୍କା ଋଣ ପ୍ରଦାନର ଅନୁମୋଦନ ପତ୍ର ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ସର୍ବଶେଷରେ ଗୋଷ୍ଠୀ ପ୍ରକଳ୍ପ ପରିଚାଳିକା ଓଡିଶା ଜୀବିକା ମିଶନ ଫୁଲବାଣୀ ବ୍ଲକ ସୁଶ୍ରୀ ସବିତା ସୁବୁଦ୍ଧି ସମସ୍ତ ଅତିଥି , ବ୍ୟାଙ୍କ କର୍ମଚାରୀ ଓ ଉପସ୍ଥିତ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଚୋରି ମୋବାଇଲ ଜବତ: ୨ ଗିରଫ

ଜୟପୁର,୨୧/୦୭ (ନି.ପ୍ର): ମୋବାଇଲ ଚୋରି ମାମଲାରେ ଜୟପୁର ଟାଉନ ପୋଲିସ ୨ଜଣଙ୍କୁ ଗିରଫ କରିଛି । ଗିରଫ ୨ ଅଭିଯୁକ୍ତ ହେଲେ ଗୋପବନ୍ଧୁ ନଗରର ସ୍ୱାଧିନ ପାଣିଗ୍ରାହୀ (୨୩) ଓ ଓଡିଆ ମେଦ୍ରି ସାହିର ରିଙ୍କୁ ବାଘ (୧୯) । ପୋଲିସ ସୂଚନା ଅନୁଯାଇ କୋଟପାଡ କୁସୁମି ଅଂଚଳର ରାଜେନ୍ଦ୍ର ସାହୁ ଗତ ୧୭ ତାରିଖରେ ଜୟପୁର ବୁଲିବାକୁ ଆସିଥିଲେ। ମୁଖ୍ୟ ରାସ୍ତାର ବଜାର କୋଲକତା ନିକଟରେ ତାଙ୍କର ମୋବାଇଲ ଚୋରି ହୋଇଯାଇଥିବା ସେ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଓ ଟାଉନ ପୋଲିସ ଚୋରି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଧାଙ୍ଗଡ଼ଡିହା ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କ ଅନିୟମିତତା, ପାଠପଢ଼ାରେ ବ୍ୟାଘାତ

ଘଟଗାଁ,୨୧/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଶିକ୍ଷାମଣ୍ଡଳ ଅଧୀନସ୍ଥ ଧାଙ୍ଗଡ଼ଡିହା ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କ ଅନିୟମିତତା ଯୋଗୁଁ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଉକ୍ତ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୧୬୨ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଏମାନଙ୍କ ଶିକ୍ଷାଦାନ ପାଇଁ ବିଭାଗ ପକ୍ଷରୁ ୫ଜଣ ଶିକ୍ଷକ ଶିକ୍ଷୟତ୍ରୀ ନିଯୁକ୍ତି ଦିଆଯାଇଛି । ଦୁଃଖ ଓ ପରିତାପର ବିଷୟ ଯେ ୨ଜଣ ଶିକ୍ଷକ ନିୟମିତ ବିଦ୍ୟାଳୟକୁ ପ୍ରବେଶ କରି ଶିକ୍ଷାଦାନ କରୁଥିବା ବେଳେ ଅନ୍ୟ ୩ଜଣ ଶିକ୍ଷକ ଶିକ୍ଷୟତ୍ରୀ ଅନିୟମିତତା ଭାବେ ପ୍ରବେଶ କରି ଶିକ୍ଷାଦାନ କରି ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ପ୍ରସ୍ଥାନ କରୁଥିବା ଫଳରେ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ହେଉଥିବା ଗୁରୁତର ଅଭିଯୋଗ ହୋଇଛି । ଜଣେ ଶିକ୍ଷୟତ୍ରୀ ଗତ ୨୦୧୯ ମସିହାରୁ ଅନୁପସ୍ଥିତ ରହିଥିବାର କାରଣ କ'ଣ ଥାଇ ପାରେ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅନିୟମିତତା ନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଠାରୁ ବିଆରସିସି ଓ ବିଇଓଙ୍କ ପର୍ଯ୍ୟନ୍ତ ଅଭିଯୋଗ ହୋଇଛି। ଏଣୁ ଜିଲ୍ଲାପାଳ ଓ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନଦେଲେ ଆଗାମୀ କାଲିଲେ ରାସ୍ତାରୋକକୁ ଏଡାଇ ଦିଆଯାଇନପାରେ ବୋଲି ଶିକ୍ଷାକମିଟି ପକ୍ଷରୁ ପ୍ରକାଶ।

# ସହୀଦ ସପ୍ତାହ ପାଳନ ପାଇଁ ମାଓବାଦୀଙ୍କ ଚିଠି ଜାରି

ମାଲକାନଗିରି,୨୧/୦୭ (ନି.ପ୍ର): ଜୁଲାଇ ୨୮ରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ମାଓ ସଙ୍ଗଠନ ପକ୍ଷରୁ ସହିଦ ସପ୍ତାହ ପାଳନ ନେଇ ଆହ୍ୱାନ ଦିଆଯାଇଛି । ପୁଲିସ ସହ ଜଳ ଜମି ଓ ଜଙ୍ଗଲ ପାଇଁ ଲଢେଇ କରି ମୃତ୍ୟୁବରଣ କରିଥିବା ସହିଦ ମାଓବାଦୀଙ୍କ ଉଦ୍ଦେଶ୍ୟରେ ଗ୍ରାମ ଓ ସହରରେ ସହିଦ ଦିବସ ପାଳନ କରି ଅମର ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ସିପିଆଇ ( ମାଓବାଦୀ ) ପକ୍ଷରୁ ଏକ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି !ଶାସକ ଦଳ ଦ୍ୱାରା ଗରିବ ଆଦିବାସୀଙ୍କୁ ଦମନ କରି ମିଥ୍ୟା ଗଣତନ୍ତ୍ର ନାମରେ ଶୋଷଣ କରାଯାଉଛି । ଚାପ ମୁକ୍ତ ଶୋଷଣ ମୁକ୍ତ ଦେଶ ଗଠନ କରି ସାମ୍ରାଜ୍ୟବାଦୀ ଶାସନକୁ ବିଲୁପ୍ତ କରିବା ଉଦ୍ଦେଶ୍ୟରେ ବର୍ଷ ବର୍ଷ ଧରି ସଙ୍ଗଠନ ପକ୍ଷରୁ ଉଦ୍ୟମ ଓ ବିପ୍ଳବ କରାଯାଉଥିବା ବେଳେ ଏହି ବିପ୍ଳବକୁ ଦଳି ଚକଟି ଦେବାକୁ ଶାସକ ଗୋଷ୍ଠୀ ପ୍ରୟାସ କରି ଆସୁଛନ୍ତି । ଏହି ମର୍ମରେ ମିଥ୍ୟା ଏନକାଉଂଟରରେ ବହୁ ସଂଗ୍ରାମୀ ମାଓବାଦୀ ନିଜର ବଳିଦାନ ଦେଇଛନ୍ତି । ଏମାନଙ୍କ ବଳିଦାନ ଯେଭଳି ବ୍ୟର୍ଥ ଯିବନାହିଁ । ତେଣୁ ଏହି ସହିଦ ସପ୍ତାହକୁ ସମସ୍ତେ ପାଳନ କରିବା ପାଇଁ ଚିଠିରେ ମାଓବାଦୀ ସଙ୍ଗଠନ ପକ୍ଷରୁ ଉଲ୍ଲେଖ କରି ଆହ୍ୱାନ ଦିଆଯାଇଛି । ସହିଦ ସପ୍ତାହରେ ବିଗତବର୍ଷରେ ସରକାରୀ ବସ ଚଳାଚଳ ବନ୍ଦ ରହିଥିବା ବେଳେ ଚଳିତ ଥର ମଧ ବନ୍ଦ ରହିବ ବୋଲି ଆଶଙ୍କା କରାଯାଉଛି ।

# ଚାକିରୀ ହରାଇଥିବା ଅଧିକାରୀଙ୍କୁ ପୁନଃ ନିଯୁକ୍ତି ଏବଂ ବକେୟା ପ୍ରାପ୍ୟ ଦାବି

କେନ୍ଦୁଝର ,୨୧/୦୭ (ନି.ପ୍ର): ଏସିଆ ମହାଦେଶରେ ସର୍ବପ୍ରଥମ ସ୍ପଞ୍ଜ ଲୁହା କାରଖାନା ଭାବେ ପରିଚିତ ଓଡିଶା ସ୍ପଞ୍ଜ ଆଇରନ କାରଖାନା , ଦୀର୍ଘ ବର୍ଷ ଧରି ବନ୍ଦ ରହିବା ପରେ ଅନ୍ୟ ଏକ ମାଲିକାନାରେ ପୁଣି ଆରମ୍ଭ ହୋଇଥିବା ବେଳେ ଏହି ଓଡିଶା ସ୍ପଞ୍ଜ ଆଇରନ କାରଖାନା ରେ ପୂର୍ବରୁ କାମ କରୁଥିବା ଅଫିସର ମାନେ କାରଖାନାରେ ପୁନଃ ନିଯୁକ୍ତି ଦାବୀ କରିଛନ୍ତି। ଅଶୀଦଶକରେ କେନ୍ଦୁଝର ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ପଳାଶପଙ୍ଗାଠାରେ ପ୍ରତିଷ୍ଠା ଲାଭ କରିଥିବା ଏହି ଓଡିଶା ସ୍ପଞ୍ଜ ଆଇରନ କାରଖାନା ପରିଚାଳନାଗତ ତୃଟି କାରଣରୁ ୨୦୧୨ ମସିହା ଅକ୍ଟୋବର ମାସରେ କାରଖାନା ବନ୍ଦ ହେବା ପରେ ବିଭିନ୍ନ ଜ୍ଞାନ କୌଶଳରେ ଅଭିଜ୍ଞ ଥିବା ଅଧିକାରୀମାନଙ୍କୁ ଅଧା ଦରମା ଦେଇ ରଖାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ୨୦୧୫ ରେ ଏହି ଅଧିକାରୀମାନଙ୍କୁ କୌଣସି ନୋଟିସ ଜିଆ ନ ଯାଇ ବାହାର କରି ଦିଆଯାଇଥିଲା। ବକେୟା ଦରମା, ପିଏଫ୍ ଓ ଗ୍ରାଚ୍ୟୁଇଟି ଏବଂ ଅନ୍ୟ ସୁବିଧା ସୁଯୋଗ ବାରମ୍ବାର ଦାବୀ ସତ୍ୱେ ସେମାନେ ପାଇନଥିବାରୁ ମାନସିକ ଚାପ ମଧ୍ୟରେ ରହିଆସିଛନ୍ତି। ଏପରିକି ସେମାନେ ପାରିବାରିକ ଖର୍ଚ୍ଚ, ନିଜର ଓ ପରିବାରର ସ୍ୱାସ୍ଥ୍ୟ ଖର୍ଚ୍ଚ କରି ପାରି ନାହାଁନ୍ତି। ବୟସ ଆଧାରରେ ସେମାନଙ୍କୁ ନିଯୁକ୍ତି ଦେବାକୁ ନିବେଦନ କରିଛନ୍ତି। ଏ ନେଇ ଆଜି ଚାକିରୀରୁ ଛଟେଇ ହୋଇଥିବା ଅଧିକାରୀମାନେ ଜିଲ୍ଲାପାଳ ଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହାର ଏକ ନକଲ ଜିଲ୍ଲା ଶ୍ରମ ଅଧିକାରୀ, ପିଏଫ୍ କମିଶନରଙ୍କୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜଣାଇଛନ୍ତି। ସୂଚନା ଯୋଗ୍ୟ ଯେ ସଦର ବ୍ଲକ ପଳାଶପଙ୍ଗା ପଂଚାୟତ ମୁରସୁଆଁଠାରେ୧୫/୦୪/୨୦୨୧ରେ ଏକ ଜନଶୁଣାଣୀ ହୋଇଥିଲା। ଦୀର୍ଘ ବର୍ଷ ପରେ ଓଡ଼ିଶା ସ୍ପଞ୍ଜ ଆଇରନ୍ ପଳାଶପଙ୍ଗା ପରିସରରେ ଗ୍ରୀନଫିଲଡ ପ୍ରୋଜେକ୍ଟ ୩.୮୫ ଏମଟିପିଏ ଥ୍ରୋପୁଟ ଆଇରନ ଓର ବେନିଫିକେସନ ଏବଂ ଉତ୍ପାଦନ ଗ୍ୟାସ ପ୍ଲାଂଣ୍ଟ ସହିତ ୨.୦ ଏମଟିପିଏ ପେଲେଟ ପ୍ଲାଂଣ୍ଟ ହେଲେ ବ୍ୟାପକ କର୍ମନିଯୁକ୍ତି ହେବ ବୋଲି ଜନଶୁଣାଣୀରେ କୁହାଯାଇଥିଲା। ଏପରିକି ପୂର୍ବରୁ କାମ କରୁଥିବା ଲୋକଙ୍କୁ ପୁନଃ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶୃତି ଦିଆଯାଇଥିଲା। ମାତ୍ର ଏବେ ପୂର୍ବରୁ କାମ କରୁଥିବା ଲୋକଙ୍କୁ ପୁନଃ ନିଯୁକ୍ତି ନ ଦେଇ ବାହାର-ଲୋକଙ୍କୁ ନିଯୁକ୍ତି ଦିଆଯାଉଥିବାରୁ ଅସନ୍ତୋଷ ଦେଖାଦେଇଛି। ଦୀର୍ଘବର୍ଷ ହେବ କେନ୍ଦୁଝର ଜିଲ୍ଲାରେ ପ୍ରତିଷ୍ଠିତ ହୋଇଥିବା ଏହି କାରଖାନାରେ କାମ କରି ନିଜର କ୍ୟାରିୟର ନଷ୍ଟ କରିଥିବା ଅଧିକାରୀମାନଙ୍କ ପାଇଁ ଶ୍ରମ ଆଇନ ଲାଗୁ ହୋଇ ନ ଥିବାବେଳ ସେମାନଙ୍କ ପରିବାର କେବଳ ଯେ ଆର୍ଥିକ ଦୁଃସ୍ଥିତିରେ ରହିଛନ୍ତି ତାହା ନୁହେଁ ଅଧିକନ୍ତୁ ମାନସିକ ଅବସାଦ ଓ ସମସ୍ୟା ମଧ୍ୟରେ ରହିଥିବା କଥା କାହାକୁ ଅଛପା ନୁହେଁ। ଏପରି ସ୍ଥଳେ ରାଜ୍ୟ ସରକାର ସିଧାସଳଖ ଏଥିରେ ହସ୍ତକ୍ଷେପ କରି ଅଧିକାରୀମାନଙ୍କୁ ନ୍ୟାୟ ଦେବାକୁ ବିଭିନ୍ନ ମହଲରୁ ବହୁଳ ମତ ପ୍ରକାଶ ପାଉଛି ।

# ପଟାଙ୍ଗୀ ଓ କୁନ୍ଦୁଲି ଲ୍ୟାମ୍ପର ନବ ନିର୍ବାଚିତ ସଦସ୍ୟ ମାନଙ୍କର ପ୍ରଥମ ବୋର୍ଡ ବୈଠକ

ଜୟପୁର,୨୧/୦୭ (ନି.ପ୍ର): ପଟାଙ୍ଗୀ ଲ୍ୟାମ୍ପସଭାପତି ଶିକୁନୁ ପାଙ୍ଗୀଙ୍କ ସଭାପତିତ୍ୱ ରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି ଏଥିରେ ସମ୍ମାନୀୟ ଅତିଥି ଭାବରେ ପୂର୍ବତନ ବିଧାୟକ ପ୍ରଫୁଲ ପାଙ୍ଗି ଓ କୁନ୍ଦୁଲି ଲ୍ୟାମର ନବନିର୍ବାଚିତ ସଭାପତି ଶ୍ୟାମ ହାଂଟାଲ, ଳମମଭବଭଳ ର ସଖାପରିଚାଳକ ସୁରେନ୍ଦ୍ରନାଥ ନାୟକ, ଏଆରସିଏସ ଙ୍କ କାର୍ଯ୍ୟାଳୟର ପ୍ରତିନିଧି ଭାବରେ ସମବାୟ ନିରୀକ୍ଷକ ଦୀପକ କୁମାର ରାଉତ, ପୋତାଙ୍ଗିଲ୍ୟାମ୍ପର ସମସ୍ତ ନିର୍ବାଚିତ ସଦସ୍ୟ ଓ ସମସ୍ତ କର୍ମଚାରୀ ତଥା ଉପସଭାପତି ନିର୍ମଳା ଖିଲ,ପୁଷ୍ପିତା କୁମାରୀ ହୁଇକା ଓ କୁନ୍ଦୁଲି ଲ୍ୟାମ୍ପ ରେ ଅନୁରୂପ ପରିଚାଳନା ପରିଷଦ ସଭାପତି ଶ୍ୟାମ ହାଂଟାଲଙ୍କ ସମେତ ସମସ୍ତ ନରେ ଆରମ୍ଭ କରାଯାଇଥିଲା ଏହି ବୈଠକରେ ଲ୍ୟାମ୍ପର ଉପସଭାପତି ଶ୍ରୀମତୀ ପ୍ରତିମା ଜାନି ଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ହସ୍ତତନ୍ତ ଶିଳ୍ପର ବିକାଶ ନିମନ୍ତେ ଜିଲ୍ଲାସ୍ତରୀୟ ପରିଚାଳନା କମିଟି ବୈଠକ

ଗଂଜାମ,୨୧/୦୭ (ନି.ପ୍ର): ଗଞ୍ଜାମ ଜିଲ୍ଲାର କୁଟୀର ଶିଳ୍ପ ହସ୍ତତନ୍ତ ବହୁଳ କର୍ମ ନିଯୁକ୍ତିର ସମ୍ଭାବନା ରହିଛି । ବ୍ରହ୍ମପୁର ପାଟର ବୁଣା ପଦ୍ଧତି ଓ କାରୁକାର୍ଯ୍ୟ ଯୋଗୁଁ ବ୍ରହ୍ମପୁର ସହର ରେଶମ ସହର ଭାବେ ଜଣାଶୁଣା । ବ୍ରହ୍ମପୁର ପାଟର କାରୁକାର୍ଯ୍ୟ ଓ ଉତମ ଗୁଣବତା ଯୋଗୁଁ ଏହାର ଚାହିଦା ଓଡିଶା ବାହାରେ ରହିଛି । ବୁଣାକାର ମାନଙ୍କର ଆବଶ୍ୟକତା ଏବଂ ଭିତିଭୂମିର ବିକାଶ କରାଗଲେ ଗଞ୍ଜାମ ଜିଲ୍ଲାର ବସ୍ତ୍ର କୁଟୀର ଶିଳ୍ପ ସର୍ବ ବିଦୀତ ହେବା ଏବଂ ବୁଣାକାର ଗଣ ଆତ୍ମନିର୍ଭରଶୀଳ ହୋଇ ପାରିବା ସହିତ ପରବର୍ତ୍ତୀ ପିଢୀଙ୍କ ସକାଶେ ଖୋରାକ ଯୋଗାଇବ ବୋଲି ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ମତବ୍ୟକ୍ତ କରିଛନ୍ତି।

ଜିଲ୍ଲାପାଳଙ୍କ ସଭାବନା ସମ୍ମିଳନୀ କକ୍ଷରେ ବୁଧବାର ହସ୍ତତନ୍ତ ଶିଳ୍ପର ବିକାଶ ନିମନ୍ତେ ଜିଲ୍ଲା ସ୍ତରୀୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ହିତାଧିକାରୀ ମାନଙ୍କ ଆବେଦନ ଓ ଚୟନ ସମ୍ପର୍କିତ ସୁବିସ୍ତୃତ ଆଲୋଚନା ହୋଇଯାଇଛି । ଟେକ୍ସଟାଇଲ୍ ନିର୍ଦ୍ଦେଶାଳୟ ଦ୍ୱାରା ମଞ୍ଜୁର କରାଯାଇ ଥିବା ବସ୍ତ୍ର ତନ୍ତ ୟୁନିଟ୍ ସକାଶେ ଯଥେଷ୍ଟ ସଂଖ୍ୟକ ଆବେଦନ ପତ୍ର ମିଳି ନ ଥିବା ହେତୁ ସମସ୍ତ ଆବେଦନକୁ ମଞ୍ଜୁର କରିବା ସକାଶେ ବିଭାଗକୁ ପତ୍ରାଳାପ କରିବା ନିମିତ ଜିଲ୍ଲାପାଳ ଶ୍ରୀ ପରିଡା ସହକାରୀ ଟେକ୍ସଟାଇଲ୍ ନିର୍ଦ୍ଦେଶକ ତଥା ଭାରପ୍ରାପ୍ତ ଉପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ରହିଥିବା ବୁଣାକାର ମାନଙ୍କ ତାଲିକା କରାଯାଇ ସେମାନଙ୍କ ଭିତିଭୂମିକ ବିକାଶ ଓ ବଜାର ଚାହିଦା ଅନୁଯାୟୀ ବସ୍ତ୍ର ପ୍ରସ୍ତୁତ କରିବାକୁ ପରାମର୍ଶ ଦିଆଯାଇଥିଲା । ପାରମ୍ପରିକ କାରୁକାର୍ଯ୍ୟ ସହିତ ଅତ୍ୟାଧୁନିକ କାରୁକାର୍ଯ୍ୟରେ ବସ୍ତ୍ର ପ୍ରସ୍ତୁତ କରିବା ନିମନ୍ତେ ପରାମର୍ଶ ଦେବାକୁ କୁହାଯାଇଥିଲା । ବିଗତ ବର୍ଷ ଆରମ୍ଭ କରାଯାଇଥିବା ମୁଖ୍ୟମନ୍ତ୍ରୀ ବୟନଜ୍ୟୋତି ଯୋଜନାରେ ବୟନ କାର୍ଯ୍ୟ ସମୟ ସୀମା ବୃଦ୍ଧି, ରାତ୍ରୀ କାଳୀନ ଆଲୋକ ଉପକରଣ ନିମନ୍ତେ ଗୋଟିଏ ୟୁନିଟ୍ ପିଛା ସମୁଦାୟ ବୟନ ଜ୍ୟୋତି ୧୭,୫୦୦ ଟଙ୍କା ରାଜ୍ୟ ସକରାକରଙ୍କ ପାଣ୍ଠିରୁ ଶତ ପ୍ରତିଶତ ପ୍ରଦାନ କରାଯାଉଅଛି ।

ଏଥି ସକାଶେ ସୁବିସ୍ତୃତ ଆଲୋଚନା ହୋଇଯାଇଛି । ବୟନ ଶିଳ୍ପୀ ମାନଙ୍କୁ ବାହାର ରାଜ୍ୟକୁ ପ୍ରଦର୍ଶନ ଏବଂ ପ୍ରଶିକ୍ଷଣ ନିମନ୍ତେ ପରିଭ୍ରମଣ ବାବଦୀୟ ଆଲୋଚନା ହୋଇଯାଇଥିଲା । ପିତଳର ବୟନଶିଳ୍ପ କାରିଗର ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସୂତା ଶାଢୀ ଦେଖି ଏହାର ମାନ ଓ ଗୁଣବତାକୁ ଜିଲ୍ଲାପାଳ ଭୂୟସୀ ପ୍ରଶଂସା କରିଥିଲେ । ବୈଠକରେ ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ ତଥା ଦକ୍ଷିଣାଂଚଳ ସ୍ତରୀୟ ଉପ ନିର୍ଦ୍ଦେଶକ ଗୋଲାପୀ ଗୋପାଳୁଣୀ ମୁର୍ମୁ, ବୟନ ଶିଳ୍ପ ପରିଚାଳକ ବିନାୟକ ପୃଷ୍ଟି. ବିଶ୍ୱ ରୂପାଲୀ ରାଉତରାୟ, ନିରୀକ୍ଷକ ବସ୍ତ୍ର ଶିଳ୍ପ କୃଷ୍ଣଚନ୍ଦ୍ର ସାହୁ, ଧର୍ମା ରଞ୍ଜନ ମହାରଣା, ଆସ୍କା ବୟନଶିଳ୍ପ ସଂପାଦକ ରବୀନ୍ଦ୍ର ନାଥ ସାହୁ, ପିତଳ ବୟନ ଶିଳ୍ପ ସଂପାଦକ ସୂର୍ଯ୍ୟ ନାରାୟଣ ମହାରଣା, ପଦ୍ମନାଭପୁର ବୟନଶିଳ୍ପ ସଂପାଦକ ଏସ୍. ନୀଳକଣ୍ଠ କୁରୁଲା, ବୟନ ଶିଳ୍ପ ସଂପାଦକ ଓ୍ୱା ବଳରାଜୁ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଉପସ୍ଥିତ ଥିଲେ ।

# କରୋନା ସଂକ୍ରମଣ ପରିପ୍ରେକ୍ଷୀରେ ଜିଲ୍ଲା କାର୍ଯ୍ୟାଳୟ କର୍ମଚାରୀଙ୍କ ବୈଠକ

କେନ୍ଦ୍ରାପଡ଼ା,୨୧/୦୭ (ନି.ପ୍ର): କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ଏହାର ପ୍ରତିଷେଧକ ମୂଳକ ବ୍ୟବସ୍ଥା ଗ୍ରହଣ ପାଇଁ ଜିଲ୍ଲା କାର୍ଯ୍ୟାଳୟ କର୍ମଚାରୀ ମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ କର୍ମଚାରୀ ମାକ୍ସ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ଓ ହାତକୁ ପରିଷ୍କାର ରଖିବା ଉପରେ ଶ୍ରୀ ସାମଲ ଗୁରୁତ୍ୱାରୋପ କରିଥିଲେ । ସରକାରୀ କର୍ମଚାରୀ ଆଚାର ସଂହିତାକୁ କଡାକଡି ପାଳନ ପାଇଁ ସମସ୍ତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟାଳୟକୁ ଆସୁଥିବା ଜନ ସାଧାରଣଙ୍କୁ ମଧ ଏଦିଗରେ ପ୍ରରୋଚିତ କରିବା ପାଇଁ ଓ ସେମାନଙ୍କ ସମସ୍ୟାକୁ ସମାଧାନ କରିବା ପାଇଁ ପରାମର୍ଶ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଡିପୁଟି କଲେକ୍ଟର ରାଜେନ୍ଦ୍ର କୁମାର ଆଚାରିଆ, ସୁଶାନ୍ତ କୁମାର ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ଦାସ, ପଂଚାୟତ ଅଧିକାରୀ ସନ୍ତୋଷ କୁମାର ସାହୁ, ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶୋକ କୁମାର ବଳୀଆରସିଂହଙ୍କ ସମେତ ସମସ୍ତ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ ।

# ଆଇଏମଟି ଫାର୍ମାସୀ କଲେଜରେ ରୋଗ ନିଦାନ ଜ୍ଞାନକୌଶଳ ଆଲୋଚନାଚକ୍ର

ପୁରୀ,୨୧/୦୭ (ନି.ପ୍ର): ଗୋପାଳପୁର ସ୍ଥିତ ଆଇଏମ୍‌ଟି ଫାର୍ମାସୀ କଲେଜ ଠାରେ ରୋଗ ନିଦାନ ଜ୍ଞାନକୌଶଳ ସମ୍ପର୍କରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହାକୁ କଲେଜର ଡ଼ିଏମ୍ଏଲଟି ଓ ବିଏମ୍ଏଲଟି ବିଭାଗର ଛାତ୍ରମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରୋଗନିଦାନ ଏକ ପ୍ରମୁଖ ଶକ୍ତି ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲେଚନାଚକ୍ରକୁ ଆନୁଷ୍ଠାନିକ ଭାବେ କଲେଜର ପ୍ରତିଷ୍ଠାତା ଡ଼ଃ ବିଶ୍ୱାନାଥ ରଥ ଉଦ୍‌ଘାଟନ କରିଥିଲେ । ବ୍ରହ୍ମପୁର ମେଡ଼ିକାଲ କଲେଜର ପ୍ରଫେସର ଡ଼ାକ୍ତର ସ୍ୱୟଂପ୍ରଭା ପ୍ରଧାନ, ଫକୀରମୋହନ ମେଡ଼ିକାଲ କଲେଜର ଆସୋସିଏଟ ପ୍ରଫେସର ଡ଼ା.ଗାୟତ୍ରୀ ରଥ,ପୁରୀ ମେଡ଼ିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଡ଼ା.ପର୍ଶୁରାମ ନାୟକ ପ୍ରମୁଖ ଯୋଗଦେଇ ରୋଗ ନିରୂପଣ,ଲାବ୍ରୋଟୋରୀ ଟେକ୍ନସିଆନ,ଅତ୍ୟାଧୁନିକ ଯନ୍ତ୍ରପାତି, ଜ୍ଞାନକୌଶଳ ସମ୍ପର୍କରେ ଆଲୋଚନା ହୋଇଥିଲା । ଆଲେଚନା ଚକ୍ରରେ ଅଂଶଗ୍ରହଣ କରିଥିବା ଓ ପୋଷ୍ଟର ଉପସ୍ଥାପନ କରିଥିବା କୃତୀ ଛତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଆଲେଚନା ଚକ୍ରରେ କଲେଜର ନିର୍ଦ୍ଦେଶକ ମନୋଜ ରଥ,ଡ଼. ଅନ୍ନଦାପ୍ରସାଦ ମହାପାତ୍ର,ପ୍ରିନ୍ସପାଲ ଡ଼. ଅଗ୍ନିମିତ୍ର ଦିଣ୍ଡା,କମଳାକାନ୍ତ ଆଚାର୍ଯ୍ୟ,ଅଧାପିକା ଭାଗ୍ୟଶ୍ରୀ ମିଶ୍ର,ଦେବାଶିଷ ମିଶ୍ର,ଅଳକା ପ୍ରିୟଦର୍ଶନୀ କର, ସତୀଶ ସିରିପିନ୍,ଦେବଦତ ସାହୁ ଓ ଆଲୋକ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ ଓ ପରିଚାଳନା କରିଥିଲେ ।

# ଶିକ୍ଷା କ୍ଷେତ୍ରରେ ଓବିସି ବର୍ଗଙ୍କୁ ୨୭% ସଂରକ୍ଷଣ ପାଇଁ ଦାବିପତ୍ର

କେନ୍ଦ୍ରାପଡ଼ା,୨୧/୦୭ (ନି.ପ୍ର): କେନ୍ଦ୍ର ସରକାର ମେଡିକାଲ, ସୈନିକ ସ୍କୁଲ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଆଦିରେ ଓବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ୨୭% ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି । କିନ୍ତୁ ରାଜ୍ୟ ସରକାର ଏହା କାର୍ଯ୍ୟକାରୀ କରୁ ନଥିବାରୁ ପ୍ରାୟ ୫୪ ପ୍ରତିଶତ ପଛୁଆ ବର୍ଗର ଛାତ୍ରଛାତ୍ରୀ ମାନେ ଏହି ସୁଯୋଗରୁ ବଂଚିତ ହେଉଛନ୍ତି ବୋଲି ଜିଲ୍ଲା ବିଜେପି ଓବିସି ମୋର୍ଚ୍ଚା ତରଫରୁ ଏକ ଦାବିପତ୍ର ମହା ମହିମ ରାଜ୍ୟପାଳଙ୍କ ଉଦଦେଶ୍ୟରେ କେନ୍ଦ୍ରାପଡା ଉପ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କୁ ଦିଆଯାଇଛି । ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ସତ୍ୟ ପ୍ରକାଶ ସାମଲଙ୍କ ସଂଯୋଜନାରେ ଶତାଧିକ ଯୁବମୋର୍ଚ୍ଚାର କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ରାଜ୍ୟ ସରକାରଙ୍କ ଓବିସି ଛାତ୍ରଛାତ୍ରୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋର୍ଚ୍ଚା ରାଜ୍ୟ ସଂପାଦକ ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ଉପ ସଭାପତି ଉପୀନ ରାଉତ ସମେତ ଶତାଧିକ ନେତା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଅନାଲୋଚିତ ସୌନ୍ଦର୍ଯ୍ୟ

**ଭାରତ ଓ ଚୀନ୍ ସୀମାରେ ପାଙ୍ଗୋଙ୍ଗ ହ୍ରଦ ଅଞ୍ଚଳରେ ଥିବା 'ଫିଙ୍ଗର ଏରିଆ'କୁ ନେଇ ବିବାଦ ଲାଗି ରହିଛି । ତେବେ ସୀମା ବିବାଦ ଭିତରେ ପାଙ୍ଗୋଙ୍ଗ ଅଞ୍ଚଳର ସୌନ୍ଦର୍ଯ୍ୟରେ କିଛି ଫରକ ପଡ଼ିନାହିଁ । ଯଦିଓ ଏହି ସ୍ଥାନକୁ ପର୍ଯ୍ୟଟକଙ୍କୁ ସେପରି ଯାତାୟତ ହୋଇନଥାଏ ଏହା କିନ୍ତୁ ପ୍ରକୃତିପ୍ରେମୀଙ୍କ ପାଇଁ ଖୁବ୍ ଆକର୍ଷଣୀୟ ସ୍ଥାନ । ପାଙ୍ଗୋଙ୍ଗ ସମେତ ଦେଶର ପାଞ୍ଚଟି ଏପରି ଅନାଲୋଚିତ, କିନ୍ତୁ ରମଣୀୟ ସ୍ଥାନ ସମ୍ପର୍କରେ-**

### ପାଙ୍ଗୋଙ୍ଗ ହ୍ରଦ, ଜାମ୍ମୁ-କାଶ୍ମୀର:

ଲେହର ଏବଂ ଲଦାଖ ସହ ଏହି ହ୍ରଦର ସୌନ୍ଦର୍ଯ୍ୟ '୩ ଇଡିଅଟ୍ସ' ଚଳଚ୍ଚିତ୍ରରେ ପ୍ରଦର୍ଶିତ ହୋଇଥିଲା । ଏଥିରେ କରୀନା କପୁର ବିବାହ ବେଦୀରୁ ଉଠି ସ୍କୁଟରରେ ଯେଉଁ ସ୍ଥାନକୁ ଆସିଥିଲେ ତାହା ପାଙ୍ଗୋଙ୍ଗ ହ୍ରଦ ଅଞ୍ଚଳ । ହିମାଳୟ ପାର୍ବତ୍ୟାଞ୍ଚଳରେ ଖୁବ୍ ଉଚ୍ଚ ସ୍ଥାନରେ ଏହି ହ୍ରଦ ରହିଛି । ଏହା 'ପାଙ୍ଗୋଙ୍ଗ ତ୍ସୋ' ନାମରେ ବି ପରିଚିତ । ଏହି ହ୍ରଦ ଭାରତର ଲଦାଖଠାରୁ ଚୀନ୍ ନିୟନ୍ତ୍ରଣାଧୀନ ତିବ୍ବତ ପର୍ଯ୍ୟନ୍ତ ପ୍ରାୟ ୧୩୪ କିଲୋମିଟର ଲମ୍ବିଛି । ଏହାକୁ ନେଇ ଚାଲିଥିବା ଅନୁଧ୍ୟାନ ସଫଳ ହେଲେ ଏହି ହ୍ରଦ ଦକ୍ଷିଣ ଏସିଆର ପ୍ରଥମ ଟ୍ରାନ୍ସ-ବାଉଣ୍ଡାରୀ ୱେଟଲ୍ୟାଣ୍ଡ ଭାବେ ପରିଚିତ ହେବ । ପାଙ୍ଗୋଙ୍ଗ ଲୁଣି ପାଣିର ହ୍ରଦ ହୋଇଥିଲେ ବି ଥଣ୍ଡା ପଡ଼ିଲେ ଜମାଟ ବାନ୍ଧିଯାଏ । ଏହା ଏଲ୍ଏସି ଅଞ୍ଚଳରେ ଅଞ୍ଚଳରେ ଥିବାରୁ ଏଠାକୁ ଯିବାଲାଗି ସ୍ୱତନ୍ତ୍ର ଅନୁମତି ପତ୍ର ଜରୁରୀ ।





### ତାରକର୍ଲି ବେଳାଭୂମି, ମହାରାଷ୍ଟ୍ର:

ମୁମ୍ବାଇ ସହରରୁ ମାତ୍ର କେତେଘଣ୍ଟା ଗାଡ଼ିରେ ଯିବା ପରେ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ତାରକର୍ଲି ବେଳାଭୂମିରେ ପହଞ୍ଚି ହେବ । ସ୍ନାର୍କେଲିଂ ଏବଂ ସ୍କୁବା ଡାଇଭିଂ ପରି ରୋମାଞ୍ଚକର କ୍ରୀଡ଼ା ପସନ୍ଦ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହା ଖୁବ୍ ଭଲ ସ୍ଥାନ । ଶିବାଜି ମହାରାଜଙ୍କ ଦ୍ୱାରା ନିର୍ମିତ ସିନ୍ଧୁଦୁର୍ଗ ଏଠାକାର ଅନ୍ୟତମ ଆକର୍ଷଣ । ସମୁଦ୍ର ସହ ନଦୀ, ପାଲଟଣା ଡଙ୍ଗା, ଡଲ୍ଫିନ୍ ଆଦି ପର୍ଯ୍ୟଟକଙ୍କୁ ଏହି ସ୍ଥାନ ପ୍ରତି ଆକୃଷ୍ଟ କରିଥାଏ ।





### ମାଜୁଲି, ଆସାମ:

ବ୍ରହ୍ମପୁତ୍ର ନଦୀ ମଧ୍ୟରେ ଥିବା ମାଜୁଲି ବିଶ୍ୱର ସର୍ବବୃହତ ମଧୁର ଜଳ ଦ୍ୱୀପାଞ୍ଚଳ ଭାବେ ପରିଚିତ । ଏଠାରେ ଶତାଧିକ ବର୍ଷ ପୁରୁଣା ଆସାମ ସଭ୍ୟତାର ସାଂସ୍କୃତିକ ଗୁରୁତ୍ୱ, ପ୍ରାଚୀନ ଅସ୍ତ୍ରଶାସ୍ତ୍ର, ବାସନ, ଅଳଙ୍କାର ଏବଂ ଅନ୍ୟାନ୍ୟ ବସ୍ତୁ ସଂରକ୍ଷିତ କରି ରଖାଯାଇଛି । ଏହା ଗୁଆହାଟୀଠାରୁ ୩୪୭ କିଲୋମିଟର ଏବଂ ଜୋରହାଟଠାରୁ ମାତ୍ର ୨୦ କିଲୋମିଟର ଦୂରରେ ଅବସ୍ଥିତ । ଏଠାରେ ପ୍ରାୟତଃ ଜନଜାତିମାନେ ବାସ କରନ୍ତି । ସେମାନଙ୍କ ଚଳଣି ଓ ପରମ୍ପରା ଏଠାକାର ପ୍ରମୁଖ ଆକର୍ଷଣ



ହୋଇଥିବା ବେଳେ ମାଜୁଲିକୁ ଆସାମର ସାଂସ୍କୃତିକ ରାଜଧାନୀ ବୋଲି ବି କୁହାଯାଏ ।

### ତୱାଙ୍ଗ, ଅରୁଣାଚଳ ପ୍ରଦେଶ:




ଏହା ଏଠାକାର ଏକ ଶାନ୍ତ ଶୈଳ ନିବାସ ବା ହିଲ୍ ଷ୍ଟେସନ । ତେବେ ବାରମ୍ବାର ବଦଳୁଥିବା ପାଣିପାଗ ଏବଂ ଭୂସ୍ଖଳନ ଯୋଗୁ ଏଠାକୁ ଆସିବା ଖୁବ୍ କଷ୍ଟଦାୟକ ହୋଇଥାଏ । ସମୁଦ୍ର ପତନଠାରୁ ୩୦୪୮ ମିଟର ଉଚ୍ଚରେ ଥିବା ତୱାଙ୍ଗ ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ସୁନ୍ଦର ବୌଦ୍ଧମଠ, ଅର୍କିଡ ଉଦ୍ୟାନ ତଥା ନିଆରା ସୁସ୍ୱାଦୁ ଖାଦ୍ୟ ପାଇଁ ପରିଚିତ । ଏହା ମଧ୍ୟ ଷଷ୍ଠ ଦଲାଇଲାମା ସାଙ୍ଗୟାଙ୍ଗ ଗ୍ୟାତ୍ସୋଙ୍କ ଜନ୍ମସ୍ଥାନ ।

## ଦୁଧୌରି

ବିହାର ଓ ଝାଡ଼ଖଣ୍ଡର ଏକ ଲୋକପ୍ରିୟ ପିଠା ଦୁଧୌରି । ପର୍ବପର୍ବାଣି ଅବସରରେ ଏହି ସୁସ୍ୱାଦୁ ପିଠା ପ୍ରାୟ ପ୍ରତ୍ୟେକ ପରିବାରରେ ପ୍ରସ୍ତୁତ ହୋଇଥାଏ । ତେବେ ଏହି ପିଠା ପ୍ରସ୍ତୁତ କରିବା ପଛରେ ବି ଏକ କାହାଣୀ ରହିଛି । କୁହାଯାଏ ନୂଆ ଧାନ ଅମଳ ପରେ ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ନୂଆ ଚାଉଳରେ ପିଠା ପ୍ରସ୍ତୁତ କରାଗଲେ ବର୍ଷ ସାରା ସୁଖସମୃଦ୍ଧି ପ୍ରାପ୍ତ ହୋଇଥାଏ । ବିଶେଷକରି ଝାଡ଼ଖଣ୍ଡରେ ନୂତନ ଧାନ ଅମଳ ହେଲା ପରେ ଘରେ ଘରେ ପ୍ରସ୍ତୁତ ହୋଇଥାଏ ଦୁଧୌରି । କାରଣ ନୂଆ ଧାନରୁ ତିଆରି ହୋଇଥିବା ଚାଉଳରେ ଏକ ଭିନ୍ନ ମିଠାପଣ ଥାଏ । ଝାଡ଼ଖଣ୍ଡର ଅଧିକାଂଶ ରେସିପି ଚାଉଳରେ ପ୍ରସ୍ତୁତ ହେଉଥିଲା ବେଳେ ଦୁଧୌରି ବା ବାଦ୍ ପଡ଼ିବ କିପରି । ଦୁଧୌରି ତିଆରି ହେବାର ମୁଖ୍ୟ ଉପାଦାନ ହେଉଛି ଅରୁଆ ଚାଉଳ, କ୍ଷୀର ଏବଂ ଚିନି । ଏହାକୁ ପ୍ରସ୍ତୁତ କରିବା ପାଇଁ ସେତେ ଅଧିକ ସମୟ ଲାଗେ ନାହିଁ । ଏହା ଏକ ସହଜରେ ତିଆରି ହୋଇପାରୁଥିବା ପିଠା । ସ୍ୱାଦ ମିଠା ହୋଇଥିବାରୁ ଅନ୍ୟ ରାଜ୍ୟର ଲୋକମାନେ ଦୁଧୌରିକୁ ଏକ ମିଠା ବୋଲି ଭାବନ୍ତି । କିନ୍ତୁ ଏହା ମିଷ୍ଟାନ୍ନ ଶ୍ରେଣୀରେ ଆସେ ନାହିଁ । ଶୀତଦିନ ନୂଆ ଧାନ ଅମଳ ପରେ ପରେ ସେଥିରୁ ପ୍ରସ୍ତୁତ ଚାଉଳରେ ତିଆରି ହୋଇଥିବା ଦୁଧୌରିର ସ୍ୱାଦ ଖୁବ ବଢ଼ିଆ । ସ୍ଥଳ ବିଶେଷରେ ଏହାକୁ ତିଆରି କରିବାର ପଦ୍ଧତି ସାମାନ୍ୟ ଭିନ୍ନତା ଦେଖିବାକୁ ମିଳିଥାଏ । ତେବେ ସ୍ୱାଦ ପ୍ରାୟ ସମାନ ଲାଗିଥାଏ । ଆସନ୍ତୁ ଜାଣିବା ଦୁଧୌରି କିପରି ତିଆରି କରାଯାଏ ।




**ପ୍ରସ୍ତୁତି :**

ଦୁଧୌରି ତିଆରି କରିବା ପାଇଁ ପ୍ରଥମେ କ୍ଷୀର ଦରକାର । ନାଁରୁ ହିଁ ଏକଥା ଜଣାପଡୁଛି । ଏହା ବ୍ୟତୀତ ଆଉ ଯେଉଁ ଜିନିଷଟି ଦରକାର ତାହା ହେଲା ଅରୁଆ ଚାଉଳ । ଚାଉଳ ନୂଆ ହୋଇଥିଲେ ଆହୁରି ବଢ଼ିଆ । ଯେଉଁମାନେ ପ୍ରଥମ ଥର ପାଇଁ ପ୍ରସ୍ତୁତ କରିବାକୁ ଯାଉଛନ୍ତି ସେମାନେ ଅଳ୍ପ ପରିମାଣର କ୍ଷୀର କ୍ଷ ଚାଉଳ, ଚିନି ନେଇ ଏହାକୁ ପ୍ରସ୍ତୁତ କରିବା ଦରକାର । ଭାଗମାପ ବିଗିଡ଼ିଗଲେ ହୁଏତ ସବୁ ଖରାପ ହୋଇଯିବ । ଦୁଧୌରି ପ୍ରସ୍ତୁତ ପାଇଁ କ୍ଷୀର ଅଧା ଲିଟର, ଅରୁଆ ଚାଉଳ ଅଧା କପ୍, ଚିନି ଅଧା କପ୍, ବେକିଂ ସୋଡ଼ା ଅଧା ଚାମଚ, ଗୁଜୁରାତି ଗୁଣ୍ଡ ଅଧା ଚାମଚ, ମଇଦା ୧ ବଡ଼ ଚାମଚ, ଛାଣିବା ପାଇଁ ରିଫାଇନ ତେଲ ବା ଘିଅ । ଏଥର ଆସନ୍ତୁ ଜାଣିବା ଏହାକୁ କିପରି ପ୍ରସ୍ତୁତ କରାଯାଏ । ସବୁଠୁ ପ୍ରଥମେ ଏକ ଡେକ୍ଚିରେ ବା ତଳ ମୋଟା ଥିବା ଯେକୌଣସି ପାତ୍ରରେ କ୍ଷୀର ସିଝାଇବେ । କ୍ଷୀର ଭଲ କରି ଫୁଟିଆସିଲେ ସେଥିରେ ଅରୁଆ ଚାଉଳକୁ ଧୋଇ ସେଥିରେ ମିଶାଇବେ । କ୍ଷୀରରେ ମିଶାଇବାର ଅଧ ଘଣ୍ଟା ଆଗରୁ ଚାଉଳକୁ ବତୁରାଇ ରଖିଥିଲେ ଆହୁରି ଭଲ । ଚାଉଳ ମିଶାଇଲା ପରେ ପରେ ତୁରନ୍ତ କ୍ଷୀରରେ ଗୁଜୁରାତି ଗୁଣ୍ଡ ବି ମିଶାଇ ଦେବେ । ଯେତେବେଳେ ଦେଖିବେ କ୍ଷୀରରେ ଚାଉଳ ଭଲ କରି ସିଝି ବହଳିଆ ହୋଇଆସିବ ସେତେବେଳେ ଗ୍ୟାସ୍ ବନ୍ଦ କରିଦେବେ । ଥଣ୍ଡା ହେବା ପାଇଁ କିଛି ସମୟ ଛାଡ଼ିଦେବେ । ଦେଖିବେ ଯେତେବେଳେ ଏହି ମିଶ୍ରଣ ଭଲ କରି ଥଣ୍ଡା ହୋଇଯିବ ଏହାକୁ ହାତରେ ଭଲ କରି ଚକଟିଦେବେ ନହେଲେ ମିକ୍ସିରେ ବାଟି ନେବେ । ଚକଟିଲା ବେଳେ କିମ୍ବା ମିକ୍ସିରେ ଦେଲା ବେଳେ ସେଥିରେ ମଇଦା ଏବଂ ବେକିଂ ପାଉଡ଼ର ମଧ୍ୟ ମିଶାଇ ଦେବେ । ଭଲ କରି ବାଟି ହୋଇଗଲା ପରେ ନିଜ ମନ ପସନ୍ଦର ପିଠା ଆକୃତିରେ ଏଗୁଡ଼ିକୁ ଗଢ଼ିବେ । ଗୋଲ୍ କରିପାରନ୍ତି ନହେଲେ ଟିକେ ଗରମ କରି ଗଢ଼ିଥିବା ପିଠାକୁ ସୁନେଲି ରଙ୍ଗ ହେବା ଯାଏ ଭାଜି ତେଲରୁ କାଢ଼ି ରଖିବେ । ତେଲରେ ପିଠାଗୁଡ଼ିକୁ ଭାଜୁଥିବା ବେଳେ ଆଉ ଏକ ପାତ୍ରରେ ଘିଅ କିମ୍ବା ରିଫାଇନ ତେଲକୁ ଗରମ କରି ଗଢ଼ିଥିବା ପିଠାକୁ ସୁନେଲି ରଙ୍ଗ ହେବା ଯାଏ ଭାଜି ତେଲରୁ କାଢ଼ି ରଖିବେ । ତେଲରେ ପିଠାଗୁଡ଼ିକୁ ଭାଜୁଥିଲା ବେଳେ ଆଉ ଏକ କରେଇରେ ବହଳିଆ ସିରା ପ୍ରସ୍ତୁତ କରିନେବେ । ତେବେ ଅତ୍ୟଧିକ ବହଳିଆ କି ଅତି ପତଳା ସିରା କରିବେ ନାହିଁ । ସିରା ପ୍ରସ୍ତୁତ ହୋଇଗଲେ ତେଲରୁ ଛାଣି ରଖିଥିବା ପିଠାଗୁଡ଼ିକୁ ସିରାରେ ମିଶାଇ ୨୦ରୁ ୨୫ ମିନିଟ ପର୍ଯ୍ୟନ୍ତ ଛାଡ଼ିଦେବେ । ପ୍ରସ୍ତୁତ ହୋଇଯିବ ସୁସ୍ୱାଦୁ ଦୁଧୌରି । ଏହାପରେ ସିରାରୁ କାଢ଼ି ପରବେଷଣ କରିବେ । ଯଦି ଏହାର ସ୍ୱାଦ ବଢ଼ାଇବାକୁ ଚାହୁଁଥିବେ ତେବେ ଏହା ଉପରେ ଥଣ୍ଡା ରାବିଡ଼ି ପକାଇ ପରିବେଷଣ କରିବେ ।

## ସ୍ୱାସ୍ଥ୍ୟ ମନ୍ତ୍ର

'ବଡି ମାସ୍ ଇନ୍ଡେକ୍ସ' ବା 'ବିଏମ୍ଆଇ' ୧୯-୨୯ ମଧ୍ୟରେ ରହିବା ହିଁ ଉତ୍ତମ ସ୍ୱାସ୍ଥ୍ୟ । ଏହା ସଙ୍ଗକୁ ଲୋଡ଼ା ଶକ୍ତିଶାଳୀ ମାଂସପେଶୀ, ସହିବା ଶକ୍ତି ବା ଷ୍ଟାମିନା, ଗଣ୍ଠିଗୁଡ଼ିକର ଉପ-ଉପାଦାନ ମଧ୍ୟ ଅଛି । ଶାରୀରିକ ସ୍ୱାସ୍ଥ୍ୟ ବା ଫିଜିକାଲ୍ ଫିଟ୍ନେସ୍ ଦୁଇ ପ୍ରକାରର-ସାଧାରଣ ଶାରୀରିକ ସ୍ୱାସ୍ଥ୍ୟ (ଜେନ୍ରାଲ୍ ଫିଜିକାଲ୍ ଫିଟ୍ନେସନ) ଓ ନିର୍ଦ୍ଦିଷ୍ଟ ଶାରୀରିକ ସ୍ୱାସ୍ଥ୍ୟ (ସ୍ପେସିଫିକ୍ ଫିଜିକାଲ୍ ଫିଟ୍ନେସ୍) । ପ୍ରଥମଟି ସମସ୍ତଙ୍କ ପାଇଁ ଏବଂ ଦ୍ୱିତୀୟଟି ନିର୍ଦ୍ଦିଷ୍ଟ ପେସାଦାର ଓ ଖେଳାଳିଙ୍କ ପାଇଁ ଆବଶ୍ୟକ । ଫିଟ୍ନେସ୍ ପାଇଁ ସ୍ୱତନ୍ତ୍ର ତାଲିମ ନେବା ପୂର୍ବରୁ ଶରୀରର ବର୍ତ୍ତମାନର ଅବସ୍ଥା ସଂପର୍କରେ ଜାଣିବା ଜରୁରୀ । ଏଥି ପାଇଁ ପ୍ରଥମେ ଚିକିତ୍ସକଙ୍କ ନିକଟକୁ ଯାଇ ରକ୍ତ ଚାପ, ହୃତ୍‌ପିଣ୍ଡର ଅବସ୍ଥା, ରକ୍ତ ଶର୍କରା ଆଦି ପରୀକ୍ଷା କରନ୍ତୁ । ଆଣ୍ଠୁ-ଗଣ୍ଠି ବା ମେରୁଦଣ୍ଡରେ ପୂର୍ବରୁ କେବେ ଆଘାତ ଲାଗିଥିଲା କି ନା ପରୀକ୍ଷା କରନ୍ତୁ । ତାହା ପରେ ଆଉ ଦଶଟି ପରୀକ୍ଷା ଆବଶ୍ୟକ: ବିଏମ୍ଆଇ, ୱେଷ୍ଟ ଟୁ ହିପ୍ ରେସିଓ, ବଡି କଂପୋଜିସନ୍ ଆନାଲିସିସ୍, ଅପର୍ ବଡି ପୁସିଂ ମସଲ୍ ଟେଷ୍ଟ, ଅପର୍ ବଡି ପୁଲିଂ ମସଲ୍ ଟେଷ୍ଟ, ଲେଗ୍ ମସଲ୍ ଟେଷ୍ଟ, କୋର୍ ଟେଷ୍ଟ, କାର୍ଡିଓ ଏଫିସିଏନ୍ସି ଟେଷ୍ଟ, ଫ୍ଲେକ୍ସିବିଲିଟି ଟେଷ୍ଟ ଏବଂ ବାଲାନ୍ସ ଟେଷ୍ଟ ।




## ମେଥି ଶାଗ

**ପ୍ରାୟ ସମସ୍ତଙ୍କ ରୋଷେଇ ଘରେ ମେଥି ରହିଥିବା ଦେଖିବାକୁ ମିଳିଥାଏ । ମେଥିକୁ ଆମେ ମସଲା ରୂପରେ ବ୍ୟବହାର କରୁଥିଲେ ହେଁ, ଏହାକୁ ଆୟୁର୍ବେଦିକ ଜଡ଼ୀ-ବୁଟୀ ରୂପେ ଗ୍ରହଣର କରାଯାଇଥାଏ । ମେଥିକୁ ବିଭିନ୍ନ ଉପାୟରେ ବ୍ୟବହାର କରାଯାଇଥାଏ । ଏହାର ଶାଗ ଭଜା ଖାଇବାକୁ ଯେତିକି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ମଧ ସେତିକି ଉପକାରୀ ।**



**ତ୍ୱଚା :**

ମେଥି ତ୍ୱଚା ପାଇଁ ଖୁବ୍ ଉପଯୋଗୀ । ଏଥିରୁ ପ୍ରଚୁର ପରିମାଣର ଔଷଧୀୟ ଗୁଣ ଭରି ରହିଛି । ଆଣ୍ଟି ଅକ୍ସିଡାଣ୍ଟ ଗୁଣ ରହିଥିବାରୁ ଏହା ତ୍ୱଚାକୁ ଫ୍ରି- ରେଡିକଲସର ପ୍ରଭାବରୁ ରକ୍ଷା କରିଥାଏ । ତ୍ୱଚାରେ ଏଜିଂ ପ୍ରଭାବକୁ ଦୂର କରିଥାଏ । ଆଣ୍ଟି-ଇନ୍ଫ୍ଲାମେଟୋରୀ ଗୁଣ କାରଣରୁ, ବଥ, ଏକଜିମା ଏବଂ ଜଳିଯାଇଥିବା ସ୍ଥାନକୁ ଠିକ୍ କରିବାରେ ମେଥି ଖୁବ୍ ଉପଯୋଗୀ ।

ମେଥିରେ ଡାଇଓସଜେନିନ୍ ନାମକ ଏକ ତତ୍ତ୍ୱ ରହିଛି । ଏହାର ଆଣ୍ଟି-ଇନ୍ଫ୍ଲେମେଟୋରୀ ଓ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ମୁଖବ୍ରଣ ଓ ତ୍ୱଚାର ଅନ୍ୟ ସମସ୍ୟାକୁ କମ୍ କରିବାରେ ସହାୟକ ହୋଇଥାଏ । ମେଥି ମଞ୍ଜି ଆପଣଙ୍କ ତ୍ୱଚାକୁ ମଇଶ୍ଚରାଇଜ କରିବା ସହ ପୋଷଣ ପ୍ରଦାନ କରି ତ୍ୱଚାର ଶୁଷ୍କତାକୁ ଦୂର କରିଥାଏ ।

**କେଶ ଝଡ଼ିବା :**

ଅଧିକ ମାତ୍ରାରେ ପ୍ରୋଟିନ ରହିଥିବା କାରଣରୁ କେଶ ବଢ଼ିବା ଲାଗି ଏହା ଖୁବ୍ ଉତ୍ତମ ହୋଇଥାଏ । ବାସ୍ତବରେ ପ୍ରୋଟିନ କେଶକୁ ଘନ କରିବା ସହିତ ସୁସ୍ଥ ଏବଂ ମଜଭୁତ କରିଥାଏ ।

**କେଶ ମଜଭୁତ :**

ମେଥି ମଞ୍ଜିରେ ପ୍ରୋଟିନ ଓ ନିକୋଟିନ ଏସିଡ ପ୍ରଚୁର ମାତ୍ରାରେ ରହିଥାଏ । ଯାହାକି କେଶକୁ ମଜଭୁତ କରିବାରେ ସହାୟକ ହୋଇଥାଏ । ଏହାକୁ ଝଡ଼ିବାକୁ ଦିଏ ନାହିଁ । ମେଥିକୁ ନିୟମିତ କେଶରେ ଲଗାଇବା ଫଳରେ ରୁପି ସମସ୍ୟା ଦୂର ହୋଇଯାଇଥାଏ । ମେଥିକୁ କେଶରେ ଲଗାଇବା ଫଳରେ ଏହା କେଶରେ ଚମକ ଭରି ଦେଇଥାଏ ।

**ମଧୁମେହ :**

ମେଥି ସୁଗାର ରୋଗୀଙ୍କ ପାଇଁ ଅତ୍ୟନ୍ତ ଗୁଣକାରୀ । ଏଥିରେ ହପ୍ଲୋଗ୍ଲିସମିକ ଗୁଣ ଭରି ରହିଥାଏ ଯାହାକି ସୁଗାର ସ୍ତରକୁ ନିୟନ୍ତ୍ରିତ କରିବାରେ ସହାୟକ ହୋଇଥାଏ । ଏହା ବ୍ୟତୀତ ଏଥିରେ ଥିବା ଫାଇବର କାର୍ବୋହାଇଡ୍ରେଟ ଏବଂ ସୁଗାର ଅବଶୋଷଣକୁ ଧୀମା କରିଥାଏ । ଅଧ୍ୟୟନରୁ ଜଣାପଡ଼ିଛି ଯେ, ମେଥି ମଞ୍ଜି ଓ ମେଥିଶାଗରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥ ଖାଇବା ଦ୍ୱାରା ରକ୍ତ ଶର୍କରା ହ୍ରାସ ପାଇଥାଏ ।

**ପ୍ରସୂତି :**

ଶିଶୁଙ୍କ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ମେଥି ନିୟମିତ ସେବନ କରିବା ଫଳପ୍ରଦ । ଏଥିରେ ଫାଇଟୋଷ୍ଟ୍ରୋଜେନ ରହିଥାଏ, ଯାହା ସ୍ତନ୍ୟପାନ କରାଉଥିବା ମା'ଙ୍କ କ୍ଷେତ୍ରରେ କ୍ଷୀର ଉତ୍ପାଦନ ବୃଦ୍ଧି କରିଥାଏ ।

**କୋଲେଷ୍ଟେରଲ ନିୟନ୍ତ୍ରଣ :**


ମେଥିରେ ନାରିଙ୍ଗୋନିନ୍ ନାମକ ଏକ ଫ୍ଲେଭୋନାଇଡ ରହିଥାଏ ଯାହାକି ଉଚ୍ଚ କୋଲେଷ୍ଟେରଲ ସ୍ତରକୁ କମ୍ କରିବାରେ ସହାୟକ ହୋଇଥାଏ । ଏଥିରେ ଥିବା ଘୋଳନଶୀଳ ଫାଇବର ଖାଦ୍ୟକୁ ସହଜରେ ହଜମ କରିଦେଇଥାଏ ଓ କୋଲେଷ୍ଟେରଲକୁ ନିୟନ୍ତ୍ରଣରେ ରଖିଥାଏ ।

**ହୃଦୟକୁ ସୁସ୍ଥ ରଖେ :**

ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଥାଏ । ଯାହା ହୃଦସ୍ୱାସ୍ଥ୍ୟରେ ସୁଧାର ଆଣିଥାଏ । ଏହା ରକ୍ତ ପ୍ରବାହକୁ ନିୟମିତ କରି ବ୍ଲଡ-କ୍ଲଟରୁ ରକ୍ଷା କରିଥାଏ । ରକ୍ତ-ଚାପ ମଧ କମ କରିବାରେ ସହାୟକ ହୋଇଥାଏ । ହୃଦରୋଗର ଦୁଇ ପ୍ରମୁଖ କାରଣର ରକ୍ତ ସର୍କରା ଓ ମୋଟାପାକୁ ନିୟନ୍ତ୍ରଣ କରି ହୃଦଘାତ ଭୟକୁ ଦୂର କରିବାରେ ସହାୟକ ହୋଇଥାଏ ।

**କୋଷ୍ଠକାଠିନ୍ୟ :**

ମେଥିରେ ଘୋଳନଶୀଳ ଫାଇବର ରହିଥାଏ ଯାହା କୋଷ୍ଠକାଠିନ୍ୟରୁ ମୁକ୍ତି ଦେବାରେ ସହାୟକ ହୋଇଥାଏ । ଏହା ବଦହଜମୀ କାରଣରୁ ପେଟରେ ହେଉଥିବା ଯନ୍ତ୍ରଣାରୁ ଆରାମ ଦେଇଥାଏ । ଏହା ବ୍ୟତୀତ ପେଟ ଓ ଆନ୍ତଃରେ ଅମ୍ଳଦୋଷ, ଜ୍ୱଳନ ଓ ପେଟଫୁଲିବା ଦୂର କରିଥାଏ । ଏହା ଏକ ପ୍ରାକୃତିକ ପାଚନ ଟନିକ୍ ଓ ଏଥିରେ ଥିବା ସ୍ନେହସାର ପେଟର ଆନ୍ତଃକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ।



## ଇଟାଲୀର ଅଭିଶପ୍ତ ଦ୍ୱୀପ

ସମୟରେ ଲୁଇଗି ନେଗ୍ରି ନାମକ ଜଣେ ବ୍ୟକ୍ତି ମାଛ ଚାଷ ପାଇଁ କିଣିଥିଲେ । ମାଛ ଚାଷ କରି ସେଠାରେ ସ୍ଥାୟୀ ଭାବେ ବସବାସ କରିବା ଲକ୍ଷରେ ସେ ଏହି ଦ୍ୱୀପର ମଧ୍ୟବର୍ତ୍ତୀ ସ୍ଥାନରେ ଏକ ବିଶାଳ ବଙ୍ଗଳା ତିଆରି କରିଥିଲେ । ଆଜି ବି ସେଇ ବଙ୍ଗଳା ଉକ୍ତ ଦ୍ୱୀପରେ ଅବସ୍ଥିତ । ହେଲେ କୌଣସି କାରଣବଶତଃ ହଠାତ୍ ଲୁଇଗି ଦେବାଳିଆ ହୋଇଯାଇଥିଲେ ଏବଂ ଦ୍ୱୀପକୁ ବିକ୍ରି କରି ଦେଇଥିଲେ । ତାଙ୍କ ପରେ ସ୍ୱିଡେନର ଜଣେ ବ୍ୟବସାୟୀ ହେନ୍ସ ବ୍ରାଉନ ଏହି ଦ୍ୱୀପର ମାଲିକ ହୋଇଥିଲେ । କିଣିବାର କିଛି ମାସ ପରେ ହେନ୍ସଙ୍କର ମୃତ ଦେହ ବଙ୍ଗଳାରେ ଝୁଲନ୍ତା ଅବସ୍ଥାରେ ମିଳିଥିଲା । ପୁଣିଥରେ ଏହି ଦ୍ୱୀପର ମାଲିକାନା ଯାଇଥିଲା ଓଟୋ ଗ୍ରୁନବ୍ୟାକ ନାମକ ଜଣେ ବ୍ୟକ୍ତିଙ୍କ ଅଧୀନକୁ । ତାଙ୍କର ମଧ ରହସ୍ୟମୟ ଭାବେ ମୃତ୍ୟୁ ହୋଇଥିଲା । ତାଙ୍କ ପରେ ମୌରାସି ଭେସ୍ ସାଣ୍ଡୋଜ ଏହି ଦ୍ୱୀପର ମାଲିକାନା ହାସଲ କରିଥିଲେ । ଏହାକୁ କିଣିବା ପୂର୍ବରୁ ସେ ବହୁତ ବଡ଼ ଲେଖକ ଥିଲେ । କିନ୍ତୁ ବଙ୍ଗଳାରେ ରହିବା ପରେ ସେ ପାଗଳ ହୋଇଯାଇଥିଲେ । ଜନ୍ ପଲ୍ ଗେଟିଙ୍କ ସହିତ ମଧ ସମାନ ଘଟଣା ଘଟିଥିଲା । ତାଙ୍କର ପୂରା ପରିବାର ଆତ୍ମହତ୍ୟା କରିଥିଲେ । ଏହି ଦ୍ୱୀପ ବିଷୟରେ ଆହୁରି ଏମିତି ଅନେକ କାହାଣୀ ଶୁଣିବାକୁ ମିଳେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ମଝି ମଝିଆ ବୁଡ଼ି ମରିବେ....

ଚୁଡ଼ା, ମୁଢ଼ି, କ୍ଷୀର, ଦହି ଉପରେ ସରକାର ଜିଏସ୍‌ଟି ଲାଗୁ କରିବା ଯୋଗୁଁ ସାଧାରଣ ଜନତାଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି । ସାଧାରଣ ଜନତାଙ୍କର ନିତିଦିନିଆ ଖାଦ୍ୟ ଉପରେ ସରକାର ଗୁଡ୍‌ସ ଏଣ୍ଡ ସର୍ଭିସ ଟ୍ୟାକ୍ସ ଲଗାଇବା ଫଳରେ ତାହାର ମୂଲ୍ୟ ବଢ଼ିଛି ଏଇ ସୋମବାର ଠାରୁ । ଏମିତିରେ ଗରିବ ଲୋକମାନଙ୍କର ଦୈନନ୍ଦିନ ବ୍ୟବହାରରେ ଥିବା ଖାଦ୍ୟରେ ଟିକସ ବୃଦ୍ଧି ମହଙ୍ଗା ମାଡ଼ର ଶିକାର ହେବା ସର୍ବତ୍ର ଚିନ୍ତା ଉଦ୍ରେକ କରିଛି । କେବଳ ଆମ ରାଜ୍ୟରେ ନୁହେଁ, ବିଭିନ୍ନ ଅଞ୍ଚଳରେ ସାଧାରଣ ଜନତାଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଭିତରେ କ୍ଷୀର-ଦହିଉଖୁଡ଼ା, ମୁଢ଼ି ବ୍ୟବହାର ହେଉଥିବା ସାଧାରଣତଃ ଦେଖାଯାଇଥାଏ । ତାହା ଉପରେ ରାଜକୋଷ ବଢ଼ାଇବା ଲକ୍ଷ୍ୟରେ ସରକାର ଜିଏସଟି ଲାଗୁ କରିବା କେତେଦୂର ଯୁକ୍ତିସଙ୍ଗତ ? ପ୍ରତିବର୍ଷ ଜିଏସ୍‌ଟି ବୃଦ୍ଧି ନେଇ ସରକାର ଖୁସିର ବାର୍ତ୍ତା ଦେଇଥାନ୍ତି । ଲକ୍ଷ ଲକ୍ଷ କୋଟିର ରାଜସ୍ୱ କାଳେ ଜିଏସଟିରୁ ଆସୁଥିବା କଥା କୁହାଯାଉଥିବା ବେଳେ ସେମିତି ଜାଲିଆତି ଓ ଟିକସ ଫାଙ୍କିରେ ଗଳାବାଟ ଦେଇ ଚାଲିଯାଉଥିବାର ଦର୍ଶାଯାଇଥାଏ । ଅସାଧୁ ବ୍ୟବସାୟୀମାନେ କିଭଳି କୋଟି କୋଟିର ଫାଙ୍କି ଚାଲିଥାନ୍ତି, ତାହା ଧରାପଡ଼ିବା ପରେ ସରକାର ଜାଣିପାରିଥାନ୍ତି । ଆମ ରାଜ୍ୟ ବିଧାନସଭାରେ ଏହି ଟିକସ ବୃଦ୍ଧିଜନିତ ମହଙ୍ଗା ମାଡ଼ର ପ୍ରତିଧ୍ୱନି ଶୁଣାଯାଇଛି । କେନ୍ଦ୍ର ସରକାର ଏହି ବହୁଚର୍ଚ୍ଚିତ ଜିଏସ୍‌ଟି ଲଗାଇବା ପୂର୍ବରୁ ସେଭଳି କିଛି ଚିନ୍ତା କରିଛନ୍ତି କି ? ନାହିଁ, ତାହା ନେଇ ଅନେକ ପ୍ରଶ୍ନ ଉଠିବା ସ୍ୱାଭାବିକ୍ । ବଜେଟ୍ ପ୍ରଣୟନ ସହିତ ଜିଏସ୍‌ଟି ଭଳି ବ୍ୟବସ୍ଥା ଲାଗୁ କରାଯିବା ସମୟରେ ଜନସ୍ୱାର୍ଥକୁ ଆଖିବୁଜି ଦିଆଯାଇପାରିଲା ତାହା ଏକାଧିକ ପ୍ରଶ୍ନକୁ ଉଦ୍ରେକ କରିଛି । କେବଳ ଚୁଡ଼ା-ମୁଢ଼ି, କ୍ଷୀର-ଦହି ନୁହେଁ, ଏଭଳିକି ମଧ୍ୟମ ଆୟକାରୀ ବର୍ଗଙ୍କ ଉପରେ ସରକାର କୋରଡ଼ା ମାଡ଼ କରିବାକୁ ଛାଡ଼ି ନାହାଁନ୍ତି । ଘରକରଣା ସାମଗ୍ରୀ, ହୋଟେଲ ରହଣି ଏବଂ ବ୍ୟାଙ୍କ ସେବା ଉପରେ ଜିଏସ୍‌ଟି ମାଡ଼ ମହଙ୍ଗା ହେବାକୁ ଯାଉଛି । ଏହାପୂର୍ବରୁ ଜିଏସ୍‌ଟି ପରିଷଦର ୪୭ତମ ବୈଠକରେ କେତେକ ସାମଗ୍ରୀକୁ ଟିକସମୁକ୍ତ କରିବା ସକାଶେ ସ୍ଥିର କରାଯାଇଥିବା ବେଳେ ଟିକସମୁକ୍ତ କେତେକ ସେବାକୁ ପୁଣି ପରିସରଭୁକ୍ତ କରିବାକୁ ସ୍ଥିର କରିଛନ୍ତି । ଚଳିତ ସୋମବାରଠାରୁ ଯେଉଁ ୧୮ କିସମର ଚିଜ ମହଙ୍ଗା ହୋଇଛି ସେଥିମଧ୍ୟରେ ରହିଛି: ଏଲ୍‌ଇଡି ଲ୍ୟାମ୍ପ, ସ୍ୟାହି, ଛୁରି, ବେଜ୍, ପେନ୍ସିଲ୍ ସାର୍ଟନର, ଚାମଚ, କରବୁଲି, କେକ୍ ସର୍ଭର, ପ୍ରିଣ୍ଟି, ମରାମତି ପାଇଁ ଉଦ୍ଦିଷ୍ଟ ଫିଷ୍ଟର ଭଳି ସାମଗ୍ରୀ ଶକ୍ତିଚାଳିତ ପମ୍ପ, ବାଇସାଇକଲ ପମ୍ପ ଭଳି ସାମଗ୍ରୀ ଉପରେ ଜିଏସ୍‌ଟି ବୃଦ୍ଧି ସହିତ ବିଭିନ୍ନ ପ୍ରକାର ବୀଜ ଓ ଡାଲି ଭଳି ଶସ୍ୟ, ପବନଚାଳିତ ମେସିନ୍, ୱିଟ୍ ଗ୍ରାଇଣ୍ଡର, ଅଟାଚକି ଉପରେ ୧୮ ପ୍ରତିଶତ ଟିକସ ବଢ଼ିବ । କେବଳ ସେତିକି ନୁହେଁ, ସୋଲାର ୱାଟର ହିଟର ଓ ସିଷ୍ଟମ ଉପରେ ୧୨% ଲଗାଯାଇଛି ଜିଏସ୍‌ଟି । ଏହା ମଧ୍ୟମ ବର୍ଗର ବ୍ୟବହାରରେ ଆସୁଥିବା ସାମଗ୍ରୀ । ବ୍ୟାଙ୍କିଙ୍ଗ ସେବାକୁ ସରକାର ମହଙ୍ଗା କରିଦେଇଛନ୍ତି । ଚେକ୍ ଉପରେ ୧୮ ପ୍ରତିଶତ ଟିକସ ଲଗାଯିବା ଗ୍ରାହକଙ୍କ କେଉଁ ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ୍ । ଚମଡ଼ାଜାତ ସାମଗ୍ରୀ ଉପରେ ଲାଗିବ ୧୨% ଟିକସ । ଯେଉଁମାନେ ଦିନକୁ ହଜାରେ ଟଙ୍କା ପର୍ଯ୍ୟନ୍ତ ହୋଟେଲ ଭଡ଼ା ଦେଉଥିବେ, ସେମାନଙ୍କୁ ୧୨ ପ୍ରତିଶତ ଟିକସ ଗଣିବାକୁ ହେବ । ହସ୍ପିଟାଲର ଆଇସିୟ ରହଣିକୁ ମହଙ୍ଗା ମଧ କରାଯାଇଛି । ଆଇସିୟୁରେ ଯେଉଁ ରୋଗୀ ରହୁଛନ୍ତି କି ଛାଡୁଛନ୍ତି, ସେମାନଙ୍କୁ ୫୦୦୦ ଟଙ୍କାରୁ ଅଧିକ ହେଲେ ୫ ଶତାଂଶ ଜିଏସ୍‌ଟି ଲାଗିବ । ସେହିଭଳି ବିଭିନ୍ନ ଭାବରେ ଜିଏସ୍‌ଟି ବୃଦ୍ଧି କରିଥିବା ହେତୁ ତାହା ସାଧାରଣରେ ବିରକ୍ତି ଓ ପ୍ରତିକ୍ରିୟାର କାରଣ ହୋଇଛି । ମାତ୍ର ସାଧାରଣ ଟିକସଦାତାଙ୍କର କିଛି ଚାରା ନାହିଁ । ସେମାନେ ଟିକସ ଗଣିବେ ହିଁ ଗଣିବେ । ଗରିବମାନେ କିଏ ? ତାହାର ସଂଜ୍ଞା କ୍ରମୋପି ବଦଳିବାରେ ଲାଗିଛି । ମାଗଣା ଚାଉଳ, ଗହମ ଦେଇ ସରକାର ସେମାନଙ୍କର ଆର୍ଥିକ ସ୍ଥିତିରେ ବିକାଶ ଘଟାଇଛନ୍ତି । ମୋଟର ସାଇକେଲ, ଅଟୋରିକ୍ସାରେ ସେମାନେ ଗହମ, ଚିନି, କିରାସିନି ଓ ମାଗଣା ଚାଉଳ ବୋହିବା ଦୃଶ୍ୟ ଆଉ ବିରଳ ହୋଇ ରହିନାହିଁ । ଯେଉଁମାନେ ଧନୀ ଓ ମୁନାଫାଖୋର ସେମାନଙ୍କୁ ବର୍ଦ୍ଧିତ ଟିକସ ବାଧିବାର ସମ୍ଭାବନା ଊଣା । ସେମାନଙ୍କୁ ଫାଙ୍କିର ଗଳାବାଟ ମାଲୁମ୍ । ମଝି ମଝିଆ ବୁଡ଼ିମରିବା ଛଡ଼ା ଗତ୍ୟନ୍ତର ନାହିଁ । କିଛି ଗତ୍ୟନ୍ତର ପାଉନଥିବା ଖାଉଟି ସ୍ୱଚ୍ଛ ଦରମା ଓ ପାରିଶ୍ରମିକ ଭିତରେ ଦହଗଂଜ ହୋଇ ମରିବା ସାର ।

## ଶ୍ରମିକଙ୍କ ଉନ୍ନତି ହିଁ ଶିଳ୍ପ ବିକାଶ



ଡକ୍ଟର ଲକ୍ଷ୍ମଣ ସାହୁ

ଗତ ସପ୍ତାହରେ ସେଣ୍ଟର ଫର ମନିଟରିଂ ଇଣ୍ଡିଆନ୍ ଇକୋନୋମି (CMIE)ର ରିପୋର୍ଟ ଅନୁଯାୟୀ, ଜୁନ୍ ୨୦୨୨ ରେ ବେକାରୀ ହାର ୭.୮୦ ପ୍ରତିଶତକୁ ବୃଦ୍ଧି ପାଇଛି । ମେ ୨୦୨୨ ରେ ଏହା ୭.୧୨ ପ୍ରତିଶତ ଥିଲାବେଳେ ବଢୁଥିବା ଶ୍ରମଶକ୍ତି ପାଇଁ ନୂତନ ନିଯୁକ୍ତି ସୃଷ୍ଟି ଏକ ପ୍ରମୁଖ ଆହ୍ୱାନ ହୋଇ ରହିଛି । ଏଥିପାଇଁ ସରକାରୀ କ୍ଷେତ୍ରରେ ଚାକିରୀ ବୃଦ୍ଧି କରିବା ଆବଶ୍ୟକ ଥିବାବେଳେ ନିର୍ମାଣ କ୍ଷେତ୍ର ସମେତ ବେସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ସଂଖ୍ୟା ମଧ ବଢିବାକୁ ପଡିବ । ଏହା ସହିତ ଅସ୍ଥାୟୀ କିମ୍ବା ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କର କାର୍ଯ୍ୟ ଅବସ୍ଥାରେ ଉନ୍ନତି ଆଣିବା ଏବଂ ସେମାନଙ୍କର ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବାର ଆବଶ୍ୟକତା ଅଛି ।

ଉଲ୍ଲେଖନୀୟ କଥା ହେଉଛି କେନ୍ଦ୍ର ସରକାର ବର୍ତ୍ତମାନ ସରକାରୀ ଚାକିରି ବୃଦ୍ଧି କରିବାର ଆବଶ୍ୟକତା ଅନୁଭବ କରୁଛନ୍ତି । ନିକଟରେ ଦେଢବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ପକ୍ଷରୁ ଏକ ଲକ୍ଷ ନିଯୁକ୍ତି ପାଇଁ ନିର୍ଦ୍ଦେଶ ମଧ ଦିଆଯାଇଛି । ଗତ ବର୍ଷ ଡିସେମ୍ବରରେ ସଂସଦରେ କୁହାଯାଇଥିଲା କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ଆଠ ଲକ୍ଷ ସତୁରି ଦୁଇ ହଜାର ପଦବୀ ଖାଲି ପଡିଛି । ଏହା ଧ୍ୟାନ ଦେବା ଜରୁରୀ ଯେ ଦେଶରେ ବହୁ ସଂଖ୍ୟକ ଯୁବକ ସରକାରୀ ଚାକିରିକୁ ସେମାନଙ୍କର ପ୍ରଥମ ପସନ୍ଦ ବୋଲି ବିବେଚନା କରନ୍ତି । କିନ୍ତୁ ଏକଥା ମଧ ସତ, କେବଳ ସରକାରୀ ଚାକିରୀ ମାଧ୍ୟମରେ ରୋଜଗାରର ବର୍ଦ୍ଧିତ ଆହ୍ୱାନର ସମାଧାନ ସମ୍ଭବ ନୁହେଁ । ଏଥିପାଇଁ ଅନେକ ରଣନୀତିକ ପଦକ୍ଷେପ ନେବା ଆବଶ୍ୟକ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଗତ ପାଞ୍ଚ-ଛଅ ବର୍ଷ ମଧ୍ୟରେ ବେକାରୀ ସର୍ବାଧିକ ସ୍ତରରେ ରହିଛି ।

ଅବଶ୍ୟ କରୋନା ଅବଧିରେ ଶିଳ୍ପ ବ୍ୟବସାୟକୁ ବଞ୍ଚାଇବା ପାଇଁ ସରକାର ଅନେକ ପଦକ୍ଷେପ ନେଇଥିଲେ । ଏପରିକି ସ୍ୱୟଂ ନିଯୁକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ଆର୍ଥିକ ଯୋଜନା ମଧ ଆରମ୍ଭ କରିଥିଲେ । ୨୦୨୦ ମସିହାରେ, ଆତ୍ମନିର୍ଭରଶୀଳ ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆ ଅଭିଯାନ ସହିତ ଅର୍ଥବ୍ୟବସ୍ଥାକୁ ଫେରାଇ ଆଣିବା ସହିତ ଆୟ, ଚାହିଦା, ଉତ୍ପାଦନ ଏବଂ ଉପଭୋକ୍ତା ବୃଦ୍ଧି ଦ୍ୱାରା ରୋଜଗାରର ଆହ୍ୱାନକୁ ହ୍ରାସ କରିବାକୁ ପ୍ରୟାସ କରାଯାଇଥିଲା । ତଥାପି ବିଭିନ୍ନ ପ୍ରତିବନ୍ଧକ ସୃଷ୍ଟି ହେଉଥିବା ଯୋଗୁଁ ବେକାରୀର ପ୍ରଭାବ ଏପର୍ଯ୍ୟନ୍ତ ଜାରି ରହିଛି । ବର୍ତ୍ତମାନ ରୁଷ-ୟୁକ୍ରେନ ଯୁଦ୍ଧ ହେତୁ ଶିଳ୍ପ ବ୍ୟବସାୟରେ ମନ୍ଥରତା ମଧ୍ୟରେ ନିଯୁକ୍ତି ସଙ୍କଟ ଅଧିକ ହେବାରେ ଲାଗିଛି । ୧୯୯୧ରେ ଦେଶରେ ଆରମ୍ଭ ହୋଇଥିବା ଉଦାରୀକରଣର ତିନି ଦଶନ୍ଧି ପରେ ବେସରକାରୀ କ୍ଷେତ୍ର ନିଶ୍ଚିତ ଭାବରେ ନିଯୁକ୍ତି କ୍ଷେତ୍ରରେ ସରକାରୀ କ୍ଷେତ୍ରକୁ ଅତିକ୍ରମ କରିଛି ।

ବର୍ତ୍ତମାନ କେବଳ ଦେଶରେ ନୁହେଁ ସମଗ୍ର ବିଶ୍ୱରେ ସରକାରୀ କ୍ଷେତ୍ରରେ ଚାକିରି ବଦଳରେ ଘରୋଇ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ଉପରେ ଗୁରୁତ୍ୱ ଦେଉଛନ୍ତି । ଆତ୍ମନିଯୁକ୍ତି ବା ଆତ୍ମନିର୍ଭରଶୀଳ ପାଇଁ ଉଦ୍ୟୋଗୀ ହେବାକୁ ପଡ଼ିବ । ଶିଳ୍ପରେ ଅନେକ ଗୁଣବତ୍ତା ରହିଛି । କିନ୍ତୁ ନିର୍ମାଣ ଏବଂ ସେବା କ୍ଷେତ୍ରରେ ଅଧିକ ପରିମାଣରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ଆବଶ୍ୟକତା ରହିଛି । ସଂଗଠିତ କ୍ଷେତ୍ରରେ ନିଯୁକ୍ତି ବୃଦ୍ଧି ପାଉଛି । ଅର୍ଥ ମନ୍ତ୍ରଣାଳୟର ମେ ୨୦୨୨ ରିପୋର୍ଟ ଅନୁଯାୟୀ, ଗତ ଆର୍ଥିକ ବର୍ଷରେ ୨୦୨୧-୦୨୨ ରେ, କର୍ମଚାରୀଙ୍କ ପ୍ରୋଭିଡେଣ୍ଟ ଫଣ୍ଡ (ଇପିଏଫ୍)ରେ ଏକ କୋଡ଼ିଏ ଲକ୍ଷ ନୂତନ ସଦସ୍ୟ ବୃଦ୍ଧି ପାଇଥିଲେ । କିନ୍ତୁ ଅସ୍ଥାୟୀ ଓ ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କ ପାଇଁ ରୋଜଗାର ପରିସ୍ଥିତି ଉପରେ ଏକ ପ୍ରମୁଖ ଚିନ୍ତା ମଧ ସାମ୍ନାକୁ ଆସିଛି । ବିଶେଷ କରି ନିକଟରେ ପ୍ରକାଶିତ ଏନଆଇଟିଆଇ (NITI) ଆୟୋଗ ରିପୋର୍ଟ 'ଭାରତର ବୁମିଙ୍ଗ୍ ଗିଗ୍'ରେ ସେବା କ୍ଷେତ୍ରରେ ଏହିପରି ଶ୍ରମିକଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏଣ୍ଡ ପ୍ଲାଟଫର୍ମ ରିପୋର୍ଟ ୨୦୨୨ ଅନୁଯାୟୀ, ବର୍ତ୍ତମାନ ଦେଶରେ ପ୍ରାୟ ସତୁରି ଲକ୍ଷ କର୍ମଚାରୀ ଅଛନ୍ତି । କିନ୍ତୁ ଦୁଃଖର କଥା ଯେଉଁମାନେ ଛୋଟ ଚାକିରିରେ ନିୟୋଜିତ ଅଛନ୍ତି, ସେମାନଙ୍କର କୌଣସି ସାମାଜିକ ସୁରକ୍ଷା ନାହିଁ ।

ବର୍ତ୍ତମାନ ଏହି ସଂଖ୍ୟା ଅଣ କୃଷି କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କ ମଧ୍ୟରୁ ୨.୪ ପ୍ରତିଶତ ଏବଂ ଭାରତରେ ମୋଟ ଶ୍ରମଶକ୍ତିର ୧.୩ ପ୍ରତିଶତ ଅଟେ । ବାସ୍ତବରେ ଏମାନେ (ଜିଙ୍ଗ୍ ଶ୍ରମିକ) ସେହି ବ୍ୟକ୍ତି ଯେଉଁମାନେ ପାରମ୍ପାରିକ ଶ୍ରମିକ ମାନଙ୍କଠାରୁ ଭିନ୍ନ ଭାବରେ କାର୍ଯ୍ୟ କରନ୍ତି । ପ୍ରତ୍ୟେକ ବ୍ୟବସାୟରେ କିଛି ଚାକିରି ଅଛି, ଯାହା ସ୍ଥାୟୀ ବଦଳରେ ଜଣେ ଅସ୍ଥାୟୀ କର୍ମଚାରୀଙ୍କ ଦ୍ୱାରା କରାଯାଇପାରିବ । ଏପରି କାର୍ଯ୍ୟ ପାଇଁ କମ୍ପାନୀଗୁଡିକ କର୍ମଚାରୀମାନଙ୍କୁ କାର୍ଯ୍ୟ ଆଧାରରେ ଦରମା ଦିଅନ୍ତି । କିନ୍ତୁ ସେମାନଙ୍କର ସାମାଜିକ ସୁରକ୍ଷା ସମ୍ବନ୍ଧରେ କୌଣସି ବ୍ୟବସ୍ଥା କରନ୍ତି ନାହିଁ । ଏନଆଇଟିଆଇ (NITI) ଆୟୋଗର ରିପୋର୍ଟ ଅନୁଯାୟୀ ଅଧିକାଂଶ ଶ୍ରମିକ ଖୁଚୁରା ବ୍ୟବସାୟ, ବାଣିଜ୍ୟ, ବିକ୍ରୟ, ପରିବହନ ନିର୍ମାଣ, ଉତ୍ପାଦନ, ବୀମା ଏବଂ ଅର୍ଥ କ୍ଷେତ୍ରରେ ନିୟୋଜିତ ଅଟନ୍ତି । କହିବାକୁ ଗଲେ ବର୍ତ୍ତମାନ ଚାଳିଶ ପ୍ରତିଶତ ଶ୍ରମିକ ମଧ୍ୟମ-କୁଶଳୀ କାର୍ଯ୍ୟରେ ନିୟୋଜିତ ହୋଇଥିବାବେଳେ ବାଇଶି ପ୍ରତିଶତ ଉଚ୍ଚ କୌଶଳରେ ଓ ଏକତିରିଶ ପ୍ରତିଶତ ସ୍ୱଳ୍ପ କୁଶଳୀ ଚାକିରିରେ ଅଛନ୍ତି । ୨୦୨୯-୦୩୦ ବର୍ଷ ସୁଦ୍ଧା ଭାରତରେ ଅଣ କୃଷି କାର୍ଯ୍ୟରେ ନିୟୋଜିତ ୬.୭ ପ୍ରତିଶତ ଶ୍ରମିକ କ୍ଷୁଦ୍ର ଅର୍ଥନୀତି ସହିତ ସଂଯୁକ୍ତ ହେବେ । ଏହା ଦେଶର ମୋଟ ଶ୍ରମଶକ୍ତିର ପ୍ରାୟ ୪.୧ ପ୍ରତିଶତ ହେବ । ସାମାଜିକ ନିରାପତ୍ତାର ବୃହତ ଚିନ୍ତାଧାରାକୁ ଦୃଷ୍ଟିରେ ରଖି ଏହି ଶ୍ରମିକ ମାନଙ୍କ ପରିବାରର ସାମାଜିକ ସୁରକ୍ଷା ନିଶ୍ଚିତ କରିବାକୁ ଏନଆଇଟିଆଇ ଘଓଞ୍ଜଓ ଆୟୋଗ ରିପୋର୍ଟ ମଧ ପରାମର୍ଶ ଦେଇଛି ।

ବର୍ତ୍ତମାନ ଦେଶ ତଥା ବିଶ୍ୱରେ ପାରମ୍ପାରିକ ନିଯୁକ୍ତି ସାମ୍ନାରେ ଆହ୍ୱାନ ବୃଦ୍ଧି ପାଇଛି । ଡିଜିଟାଲ୍ ରୋଜଗାର କ୍ଷେତ୍ରରେ ବିକାଶ ଦ୍ରୁତ ଗତିରେ ଘଟୁଛି । କୋଭିଡ -୧୯ ନୂତନ ଡିଜିଟାଲ୍ ସୁଯୋଗ ସୃଷ୍ଟି କରିଛି । କାରଣ ଦେଶ ତଥା ବିଶ୍ୱର ଅଧିକାଂଶ ବ୍ୟବସାୟିକ କାର୍ଯ୍ୟକଳାପ ଅନ୍ ଲାଇନ୍ ରେ ପରିଣତ ହୋଇଛି । ଘରୁ କାମ କରିବାର ଧାରା ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଏହା ମଧ ବ୍ୟାପକ ଗ୍ରହଣୀୟ ହୋଇଛି । ଏହାକୁ ଉଭୟ ଶ୍ରମିକ ଏବଂ କମ୍ପାନୀ ପସନ୍ଦ କରନ୍ତି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ବିଶ୍ୱ ଅର୍ଥନୀତି ଡିଜିଟାଲ୍ ହେବାରେ ଲାଗିଛି । ଅନ୍ୟପକ୍ଷରେ ଅନେକ ଚାକିରୀ ମଧ ଦୃଶ୍ୟମାନ ହେଉଛି, ଯାହାର ନାମ ପୂର୍ବରୁ ମଧ ଶୁଣାଯାଇ ନଥିଲା । ଏଭଳି ପରିସ୍ଥିତିରେ ଚାକିରୀ ପାଇଁ କ୍ରମାଗତ ଭାବରେ ନୂତନ କୌଶଳ ଶିଖିବା ଆବଶ୍ୟକ ହୋଇପଡୁଛି । ବର୍ତ୍ତମାନ କେବଳ ଭାରତରେ ନୁହେଁ, ବିଶ୍ୱର ଅଧିକାଂଶ ଦେଶରେ ନିଯୁକ୍ତି ସଙ୍କଟ ଚରମ ସୀମାରେ ରହିଛି ।

ଏଥିପାଇଁ ସରକାର ବଡ଼ ଧରଣର ରୋଜଗାର ସୃଷ୍ଟି କରୁଥିବା ପ୍ରକଳ୍ପଗୁଡ଼ିକ ବିଷୟରେ ପୁନର୍ବିଚାର କରିବା ଆବଶ୍ୟକ ରହିଛି । ୧୯୩୦ ରେ ଅର୍ଥନୀତିଜ୍ଞ କିନ୍ତୁ ବିମୁଦ୍ରାକରଣର ଅର୍ଥନୀତି ଉପସ୍ଥାପନ କରୁଥିବାବେଳେ ଚାକିରୀ ତଥା ଆୟ ବୃଦ୍ଧି ପାଇଁ ଜନସାଧାରଣଙ୍କ କାର୍ଯ୍ୟକୁ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର ଭାବରେ ବର୍ଣ୍ଣନା କରିଥିଲେ । ଏଭଳି ପରିସ୍ଥିତିରେ, ଏହି ସମୟରେ ରୋଜଗାରର ଆହ୍ୱାନକୁ ଦୃଷ୍ଟିରେ ରଖି ଉଭୟ ଜାତୀୟ ତଥା ସ୍ଥାନୀୟ ସ୍ତରରେ ଜନସାଧାରଣ କାର୍ଯ୍ୟକ୍ରମ ମାଧ୍ୟମରେ ନିଯୁକ୍ତି ବୃଦ୍ଧି କରାଯାଇପାରିବ । ଯେହେତୁ (MNREGA) ମନେଗ୍ରା ଯୋଜନା ଗ୍ରାମଗୁଡିକରେ ରୋଜଗାରର ଏକ ପ୍ରମୁଖ ଉତ୍ସ ହୋଇପାରିଛି । ସେଭଳି ସହରୀ ବେକାରଙ୍କ ପାଇଁ ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ମଧ ବଢିଚାଲିଛି । ଆଗାମୀ ଦେଢ଼ ବର୍ଷରେ ଏକ ଲକ୍ଷ ନୂତନ ଚାକିରି ଯୋଗାଇବା ପାଇଁ କେନ୍ଦ୍ର ସରକାର ଯାହା କହିଛନ୍ତି ତାହା ଉପରେ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି । ଏଥିପାଇଁ କେନ୍ଦ୍ର ଏବଂ ରାଜ୍ୟମାନଙ୍କୁ ଏକାଠି କାମ କରିବାକୁ ପଡ଼ିବ । ନିର୍ମାଣ ଏବଂ ସେବା କ୍ଷେତ୍ରକୁ ତ୍ୱରାନ୍ୱିତ କରିବାକୁ ନୀତି ପ୍ରସ୍ତୁତ କରିବାକୁ ପଡିବ । ନୂତନ ପ୍ରତିଭା ଏବଂ ଶ୍ରମିକମାନଙ୍କୁ ନୂତନ ପ୍ରଯୁକ୍ତିବିଦ୍ୟା ସହିତ ଯୋଡିବା ପାଇଁ ତାଲିମ ଉପରେ ଗୁରୁତ୍ୱ ଦିଆଯିବ । ସେହିଭଳି ନୂତନ ଡିଜିଟାଲ ଅର୍ଥନୀତିରେ ନିଯୁକ୍ତି ସୁଯୋଗକୁ ପୁଞ୍ଜିଭୂତ କରିବାକୁ ପଡିବ ।

ଏଥିପାଇଁ ନୂତନ ପିଢିକୁ ମଧ ଭଲ ଇଂରାଜୀ ଦକ୍ଷତା, କମ୍ପ୍ୟୁଟର ଦକ୍ଷତା ଏବଂ କୃତ୍ରିମ ବୁଦ୍ଧିମତ୍ତା, କ୍ଲାଉଡ୍ କମ୍ପ୍ୟୁଟିଂ, ମେସିନ୍ ଲର୍ନିଂ ଏବଂ ଅନ୍ୟାନ୍ୟ ଡିଜିଟାଲ୍ କୌଶଳ ସହିତ ପ୍ରସ୍ତୁତ ହେବା ଆବଶ୍ୟକ । ଯେଉଁ ଲକ୍ଷ ଲକ୍ଷ ଅସ୍ଥାୟୀ ଶ୍ରମିକମାନେ ସେବା କ୍ଷେତ୍ରରେ ଅସ୍ଥାୟୀ ଭାବରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ପାଇଁ ଉନ୍ନତ ସାମାଜିକ ସୁରକ୍ଷା ଆବଶ୍ୟକ ରହିଛି । ସେମାନଙ୍କ ପାଇଁ ମଧ ଶୀଘ୍ର ଉଦ୍ୟମ କରିବାର ଆବଶ୍ୟକତା ଅଛି । ଯେତେବେଳେ ଶ୍ରମିକମାନେ ସୁସ୍ଥ ଓ ନିରାପଦ ରହିବେ, ସେତେବେଳେ ଶିଳ୍ପଗୁଡ଼ିକ ମଧ ସେମାନଙ୍କର ସମ୍ପୂର୍ଣ୍ଣ ଲାଭ ପାଇ ପାରିବେ ।


ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋ: ୯୦୪୦୧୫ ୧୪୭୫


## ପରିବାରବାଦର କଥା କେବଳ ବିରୋଧିଙ୍କ ପାଇଁ



ଗୋପାଳ ମହାପାତ୍ର

ଦେଶରେ ପରିବାରବାଦୀ ରାଜନୀତି ଚାଲିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରମ୍ବାର କହୁଛନ୍ତି । ବିଜେପିର ଏହା ହେଉଛି ଏକ ନୂଆ ଏଜେଣ୍ଡା । ଆଗାମୀ ୨୦୨୪ର ନିର୍ବାଚନରେ ଏହି ପରିବାରବାଦ କଥାକୁ ଅସ୍ତ୍ର ଭାବେ ବିଜେପି ବ୍ୟବହାର କରିବ ନିଶ୍ଚୟ । ପରିବାରବାଦୀ ରାଜନୀତି ଗଣତନ୍ତ୍ର ପାଇଁ ବିପଦ ବୋଲି ବିଜେପି ମଧ କହୁଛି । କହିବାକୁ ଗଲେ ପରିବାରବାଦୀ ରାଜନୀତିର ଆଧାରଶୀଳା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ରଖିଥିଲେ । କାଳାନ୍ତରରେ କଂଗ୍ରେସ ପରିବାରବାଦୀ ରାଜନୀତିର ପର୍ଯ୍ୟାୟ ପାଲଟିଯାଇଛି । ଆଜି କଂଗ୍ରେସର ଯେଉଁ ଦୁର୍ଦ୍ଦଶା ହୋଇଛି ତା ପଛର କାରଣ ମୁଖ୍ୟତଃ ପରିବାରବାଦ । କିନ୍ତୁ ବିଜେପି କଂଗ୍ରେସ ଓ ଅନ୍ୟ କେତେକ ଆଞ୍ଚଳିକ ଦଳ ବିରୁଦ୍ଧରେ ଯେଉଁ ପରିବାରବାଦର ଅଭିଯୋଗ ଆଣୁଛି ସେଇ ଅଭିଯୋଗ ମଧ ବିଜେପି ବିରୁଦ୍ଧରେ ଆସିପାରେ । ବିଜେପିରେ ମଧ ପରିବାରବାଦ ରହିଛି । ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ବିଜେପି ନେତାମାନଙ୍କ ଦୃଷ୍ଟିରେ ପରିବାରବାଦର ପରିଭାଷା କ'ଣ ? କ'ଣ ପ୍ରକୃତ ପକ୍ଷେ ରାଜନୀତିରେ ପରିବାରବାଦୀ ବ୍ୟବସ୍ଥା ହିଁ ଦେଶର ବିକାଶରେ ବାଧକ ? କ'ଣ କଂଗ୍ରେସ ଏବଂ ଅନ୍ୟ କେତେକ ଆଞ୍ଚଳିକ ଦଳ ପରିବାରବାଦୀ ରାଜନୀତିର ଶୀକାର ଏବଂ ବିଜେପିରେ ପରିବାରବାଦୀ ରାଜନୀତି ନାହିଁ । ବିଜେପି ନିଜ ଦଳର ପରିବାରବାଦୀ ନେତା ବା ଦଳର ସମର୍ଥକଙ୍କୁ ସମର୍ଥନ କରୁଥିବା ବେଳେ ବିରୋଧିଙ୍କୁ ପରିବାରବାଦୀ ବୋଲି କହୁଛି କାହିଁକି ?

ଏ ପ୍ରସଙ୍ଗରେ ସଦ୍ୟତମ ଉଦାହରଣ ହେଉଛି ମହାରାଷ୍ଟ୍ର । ଯେତେବେଳେ ଶିବସେନା ପ୍ରମୁଖ ଉଦ୍ଧବ ଠାକ୍‌ରେ ବିଜେପି ସହ ସମ୍ପର୍କ ତୁଟାଇ ଏନ୍‌ସିପି ଏବଂ କଂଗ୍ରେସ ସହ ମେଣ୍ଟ କରି ସରକାର ଗଠନ କଲେ ଓ ପୁତ୍ର ଆଦିତ୍ୟ ଠାକ୍‌ରେଙ୍କୁ ମନ୍ତ୍ରୀ କଲେ ସେତେବେଳେ କୁହାଗଲା ଯେ ଶିବସେନା ବଂଶବାଦୀ ରାଜନୀତି କରୁଛି । ଏବେ ମହାରାଷ୍ଟ୍ରରେ ରାଜ୍ ଠାକ୍‌ରେଙ୍କ ପୁତ୍ର ଅମିତ ଠାକ୍‌ରେ ଶିବସେନାର ବିଭାଜିତ ଗୋଷ୍ଠୀ ଓ ବିଜେପିର ମିଳିତ ସରକାରରେ ମନ୍ତ୍ରୀ ହୋଇଛନ୍ତି । ଏହା କ'ଣ ପରିବାରବାଦ ନୁହେଁକି ? ବିଜେପି ଅମିତ ଠାକ୍‌ରେଙ୍କୁ ମନ୍ତ୍ରୀମଣ୍ଡଳରେ ସାମିଲ କରି ରାଜ ଠାକ୍‌ରେ ଏବଂ ମନସା (ମହାରାଷ୍ଟ୍ର ନବନିର୍ମାଣ ସେନା)ର ସମର୍ଥକଙ୍କୁ ଖୁସି କରିବାର ପାଇଁ ଚାହୁଁଛି ଓ ଅନ୍ୟ ପକ୍ଷରେ ଉଦ୍ଧବ ଠାକ୍‌ରେଙ୍କ ରାଜନୀତିକୁ ଶେଷ କରିଦେବାକୁ ଚାହୁଁଛି । ଯଦି ଉଦ୍ଧବଙ୍କ ମନ୍ତ୍ରୀମଣ୍ଡଳରେ ଆଦିତ୍ୟ ଠାକରେ ମନ୍ତ୍ରୀ ହେବା ପରିବାରବାଦୀ ରାଜନୀତି ତେବେ ସେଇ ପରିବାର ଅର୍ଥାତ୍ ବାଲ୍ ଠାକ୍‌ରେଙ୍କ ଅନ୍ୟତମ ନାତି ଅମିତ୍ ଠାକ୍‌ରେ ମନ୍ତ୍ରୀ ହେବା ପରିବାରବାଦୀ ରାଜନୀତି ନହେବ କାହିଁକି ? କିଛିଦିନ ତଳେ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ ସିନ୍ଧିଆଙ୍କ ପୁତ୍ର ଆର୍ଯ୍ୟମନ ସିନ୍ଧିଆଙ୍କୁ ଗୋଆଲିଅର ଡିଭିଜନ କ୍ରିକେଟ ଆସୋସିଏସନର ଉପାଧ୍ୟକ୍ଷ କରାଯାଇଛି । ଆର୍ଯ୍ୟମନଙ୍କର ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ପୁତ୍ରର ପରିଚୟ ଛଡ଼ା ଆଉ କ'ଣ ବିଶେଷତ୍ୱ ଅଛି ? ସିନ୍ଧିଆ ପରିବାରର ଆଗାମୀ ପିଢୀର ରାଜନୀତିରେ ପ୍ରବେଶ ପାଇଁ ଏହା ଏକ ପ୍ରସ୍ତୁତି ନୁହେଁ କି ? ବିଜୟରାଜେ ସିନ୍ଧିଆଙ୍କ ଠାରୁ ଆରମ୍ଭ କରି ବସୁନ୍ଧରା ରାଜେ ଓ ବସୁନ୍ଧରାଙ୍କ ପୁତ୍ର ଦୁଷ୍ମନ୍ତ ସିଂହ ଏବଂ ସ୍ୱୟ ଜ୍ୟୋତିରାଦିତ୍ୟ ସିନ୍ଧିଆ ଆଦି ସମସ୍ତେ ଗୋଟିଏ ବଂଶର ।

ଏ ପ୍ରସଙ୍ଗରେ ଅମିତ ଶାହା ମଧ ଅଭିଯୋଗ ମୁକ୍ତ ନୁହଁନ୍ତି । ଅମିତ ଶାହାଙ୍କ ପୁତ୍ର ଜୟ ଶାହାଙ୍କୁ ୨୦୧୯ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ସେକ୍ରେଟାରୀ କରାଯାଇଥିଲା ଓ ଏବେ ସେ ମଧ ଏସିଆନ କ୍ରିକେଟ କାଉନସିଲର ଅଧ୍ୟକ୍ଷ ଅଛନ୍ତି । ଏହାକୁ କ'ଣ ପରିବାରବାଦ କୁହାନଯାଇ ରାଷ୍ଟ୍ରବାଦ କୁହାଯିବ ? ବିଜେପିରେ ଥିବା ଅନେକ ବରିଷ୍ଠ ନେତାଙ୍କ ପରିବାର ମଧ ରାଜନୀତିରେ ସଂପୃକ୍ତ । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ବିଧାୟକ ପୁତ୍ର ପଙ୍କଜ ସିଂହ, ହିମାଚଳ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରେମକୁମାର ଧୁମଲଙ୍କ ପୁତ୍ର (କେନ୍ଦ୍ରମନ୍ତ୍ରୀ) ଅନୁରାଗ ଠାକୁର, ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ସାହେବ ସିଂହ ବର୍ମାଙ୍କ ସାଂସଦ ପୁତ୍ର ପ୍ରବେଶ ସିଂହ ବର୍ମା, ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତରୀ କଲ୍ୟାଣ ସିଂହଙ୍କ ସାଂସଦ ପୁତ୍ର ରାଜବୀର ସିଂହ ଏବଂ ରାଜବୀରଙ୍କ ବିଧାୟକ ପୁତ୍ର ସନ୍ଦିପ ସିଂହ କ'ଣ ପରିବାରବାଦୀ ରାଜନୀତିର ପ୍ରତୀକ ନୁହଁନ୍ତି ? ଏମାନଙ୍କୁ କ'ଣ ରାଷ୍ଟ୍ରବାଦର ପ୍ରତୀକ କୁହାଯିବ ? ଏଭଳି ତାଲିକା ଏତିକିରେ ସରିନାହିଁ । ସ୍ୱର୍ଗତ ପ୍ରମୋଦ ମହାଜନଙ୍କ କନ୍ୟା ପୁନମ ମହାଜନ, ଗୋପୀନାଥ ମୁଣ୍ଡେଙ୍କ ପରିବାରର ପ୍ରୀତମ ମୁଣ୍ଡେ ଓ ପଙ୍କଜା ମୁଣ୍ଡେ, ବିଜେପି ନେତା ବେଦପ୍ରକାଶ ଗୋଏଲଙ୍କ ପୁତ୍ର ଓ ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋଏଲ, ଲାଲାଜୀ ଟଣ୍ଡନଙ୍କ ପୁତ୍ର ଆଶୁତୋଷ ଟଣ୍ଡନ, ଠାକୁର ପ୍ରସାଦଙ୍କ ପୁତ୍ର ରବିଶଙ୍କର ପ୍ରସାଦ, ଯଶବନ୍ତ ସିହ୍ନାଙ୍କ ପୁତ୍ର ଜୟନ୍ତ ସିହ୍ନା ଓ ଦେବେନ୍ଦ୍ର ପ୍ରଧାନଙ୍କ ପୁତ୍ର ଧର୍ମେନ୍ଦ୍ର ପ୍ରଧାନ, ବିଏସ୍ ୟେଦୁୟେରେପ୍ପାଙ୍କ ପୁତ୍ର ବିୱାଇ ରାଘବେନ୍ଦ୍ର, କୈଳାସ ବିଜୟବର୍ଗିସଙ୍କ ପୁତ୍ର ଆକାଶ ବିଜୟ ଭର୍ଗିସ, ଗଙ୍ଗାଧର ଫଡନବୀସଙ୍କ ପୁତ୍ର ଦେବେନ୍ଦ୍ର ଫଡନବିସ, ସାଂସଦ ଦୀୟା କୁମାରୀ, କିରଣ ରିଜୁ, ରୀତା ବହୁଗୁଣା ଆଦି ଅନେକ ବିଜେପି ନେତା ପରିବାରବାଦୀ ରାଜନୀତିରୁ ସୃଷ୍ଟି । ଏମାନେ କିନ୍ତୁ ବିଜେପି ଦୃଷ୍ଟିରେ ପରିବାରବାଦୀ ରାଜନୀତିରୁ ମୁକ୍ତ ।

ସେହିଭଳି ବିଜେପି ଯେତେବେଳେ ଜାମ୍ମୁ-କାଶ୍ମୀରରେ ମେହେବୁବା ମୁଫତିଙ୍କ ସହ ମେଣ୍ଟ କରି ସରକାର ଗଢିଥିଲା ସେତେବେଳେ ମେହେବୁବା ପରିବାରବାଦୀ ନଥିଲେ କିନ୍ତୁ ଭାଙ୍ଗିଯିବା ପରେ ମେହେବୁବାଙ୍କ ବିରୁଦ୍ଧରେ ବିଜେପି ପରିବାରବାଦର ଅଭିଯୋଗ ଆଣୁଛି ଓ ମେହେବୁବାଙ୍କ ଦଳ ପିଡିପିକୁ ରାଷ୍ଟ୍ରବିରୋଧି କହୁଛି । ପାବରେ ଦୁଇ ଦଶନ୍ଧିରୁ ଅଧିକ ସମୟ ପର୍ଯ୍ୟନ୍ତ ବାଦଲ ପରିବାରର ଅକାଳୀ ଦଳ ସହ ବିଜେପି ମେଣ୍ଟ କରିଥିଲା । ଆଜି ମଧ ହରିଆଣାରେ ଦେବୀ ଲାଲଙ୍କ ନାତି ଦୁଶ୍ୟନ୍ତ ଚୌତାଲା ବିଜେପିର ମେଣ୍ଟ ସରକାରରେ ଉପମୁଖ୍ୟମନ୍ତ୍ରୀ ଅଛନ୍ତି । ତାଙ୍କ ଯୋଗ୍ୟତା ହେଉଛି ସେ ଦେବୀଲାଲଙ୍କ ନାତି । ଏସବୁରେ ବିଜେପିକୁ ପରିବାରବାଦ କଥା ଦିଶୁନାହିଁ । ବିଜେପିର ନେତାମାନେ ସଭା ସମିତିରେ ପରିବାରବାଦ କଥାକୁ ନେଇ ଯୋରଦାର ହୋହାଲ୍ଲା କରିବା ବେଳେ ତାଙ୍କୁ କେବଳ ନେହେରୁ ପରିବାର ନଜରକୁ ଆସୁଛି କିନ୍ତୁ ସେଇ ପରିବାରର ମେନେକା ଗାନ୍ଧୀ ଏବଂ ତାଙ୍କ ପୁତ୍ର ବରୁଣ ଗାନ୍ଧୀ ବିଜେପିକୁ ରାଷ୍ଟ୍ରବାଦୀ ଲାଗୁଛନ୍ତି । ବିଜେପିକୁ ନିଜ ଦଳରେ ଥିବା ପରିବାରବାଦ କଥା ଦିଶୁନି କାହିଁକି ? କେବଳ ବିରୋଧିଙ୍କୁ ପରିବାରବାଦୀ କହି ସମାଲୋଚନା କରିବା ଏବେ ବିଜେପିର ମୁଖ୍ୟ ଏଜେଣ୍ଡା ପାଲଟିଛି ।


ରାମଚନ୍ଦ୍ରପୁର, ରଣପୁର,
ମୋ-୯୪୩୮୪୮୫୦୯୪





### ମନୋହୃତ ମୁହୂର୍ତ୍ତ

ଅନସୂୟା ପଣ୍ଡା

କେଉଁ ଏକ ସକାଳେ ତୁମେ ଆସିଥିଲ
ମନେପଡେ ପ୍ରୀତିର ଆଭା ନେଇ
ମୁଁ ତୁମ ସ୍ୱର୍ଶରେ ଝଟକୁ ଥିଲି
ସବୁଜ ସୁନୀଳ ଲତାର ଗହଳେ
ମନୋନେତ୍ରେ ଭିନ୍ନ ଏକ ସଂଜ୍ଞାଟେ
ହେଇ ।

ଜୀବନ ଜୀବନ ହେଇ ରହିଲାନି
ହେଇଗଲା ଅକଳ୍ପ୍ୟ ଅଚିନ୍ତ୍ୟ ମହାତୀର୍ଥ
ମୋ'ଠାରୁ ମୁଁ ଗୋଡ କାଢି ଅଲକ୍ଷ୍ୟରେ
ବିଲୀନ ତୋ

ଅନ୍ତଃସ୍ୱରେ ଅନ୍ତଃଷେତନାରେ
ଝୁରିହୁଏ ସେଇ ସବୁ ମନୋହୃତ ମୁହୂର୍ତ୍ତ ।

ଆମେ ଅର୍ଦ୍ଧନାରୀଶ୍ୱର ହେଇଗଲେ
ଯନ୍ତ୍ରଣା ଜଞ୍ଜାଳ ଆଢୁଆଳରେ
ଆଙ୍କିଦେଲେ ମୁଗ୍ଧ ଚିତ୍ର ଅବିକଳ୍ପ କରି
ସେଦିନ ବି ଥିଲା ଝଡ ରାତି ଭରା ଭୀତି
ଅନୁରକ୍ତ ଶ୍ରାବଣ ସ୍ନିଗ୍ଧ ଅନୁଭୂତି ।

ଅଭାବର ମୃଦୁ କରାଘାତରେ
ଆସୁଥିଲା ବୈଶାଖର ତାତି ଅଦିନରେ
ଆମେ କିନ୍ତୁ ହସୁଥିଲେ ଯନ୍ତ୍ରଣା ଭିତରେ
ସନ୍ତୁଳିତ କରି ପେଟ ତାତି କ୍ଷୁଧାରେ
ସାଉଁଟୁ ଥିଲେ ପାପୁଲିଏ ତୃପ୍ତି ମନରେ ।


ବୁର୍ଲା, ସମ୍ବଲପୁର,
ମୋ: ୯୪୩୯୨୧୧୯୭୧


### ସକାଳର ସ୍ପର୍ଶରେ

ତପନ ସାହୁ

ନିତି ସକାଳ ହୁଏ
ପକ୍ଷୀ ପର ଝାଡି ଉଡିଯାଏ
ଖାଦ୍ୟ ଅନ୍ୱେଷଣରେ
ପୂର୍ବ ଦିଗ ଝଲସି ଉଠେ ତୁମ ମୁହଁ ପରି
କାଉଟିଏ ମୋ ଛାତରେ ଆସି
ବୋବାଉଥାଏ
ଖୁଦ ମାଗେ ବୋଧେ
ତା କା... କା... ଡାକରେ

ତୁମ ଦେହ ବାସ୍ନାର ସନ୍ଦେଶ ନେଇ !!

ମୁଁ ଆଖି ମଳିମଳି ଉଠେ
ଝର୍କା ଖୋଲି ଦେଖେ ତ
ସକାଳ ହୋଇ ସରିଥାଏ
ମୁରୁଜ ପଡ଼ି ସାରିଥାଏ ପାଖ ପଡୋଶୀର
ଅଗଣାରେ
ଭ୍ରମର ଚୁମୁଥାଏ ଫୁଲ
ତୁମ ନାମ ପାଲଟୁଥାଏ ଶ୍ଳୋକ
ଆୟୁତେ ଚୁମ୍ବନ ହୋଇ
ମେଘ ହାତ ଠାରି ମୋ ଠିକଣା ମାଗୁଥାଏ
ଭାସି ଯିବାପାଇଁ ତୁମ ଆକାଶକୁ !!!

ବିଛଣା ସଜାଡି ମୁଁ ଗୋଟାଉ ଥାଏ
ତୁମ ସ୍ୱପ୍ନିଳ ସ୍ପର୍ଶ
ତୁମ ଛାଇ ଆବୋରି ବସି ଥାଏ ମୋ
ଅବୟବ
ରାସ୍ତା ଏବେ ଚଳଚଞ୍ଚଳ,

ମୋ ଘର ପାଖ ବରଗଛରୁ
ଅଜଣା ପକ୍ଷୀ ମାନଙ୍କ କୋଳାହଳରେ
ମୋ ଅନ୍ୟମନସ୍କତା
ବଢ଼ାଉ ଥାଏ ହାତ ଛୁଇଁବାକୁ ତୁମ ଦେହ
ଆଉ ମୋର ଆଶା ସବୁ ବିଲୁପ୍ତ ପ୍ରାୟ
ସକାଳର ଓସାରିଆ ଛାତିରେ !!!


ବେଲଗାଁ, ଏମ୍ ରାମପୁର, କଳାହାଣ୍ଡି
ମୋ.୯୦୧୯୩୧୧୮୬୮


### ଆଜିର ସମାଜ

ଅନନ୍ତ କୁମାର

ପେଟ ପାଇଁ ଦାନା ମିଳୁ ନାହିଁ ଏଠି
ପିନ୍ଧିବାକୁ କନା ମିଳୁ ନାହିଁ,
ଅଳିଆ ଗଦାରୁ ଖୁଣ୍ଟି ଖାଉଛି ମଣିଷ
ଶୋଇବାକୁ ଜାଗା ଟିକେ ନାହିଁ,

କେମିତି କହିବି କେମିତି କହିବି
କହିଲେ ହୋଇବ ବଡ ପୋଥି
ନ୍ୟାୟ ବଦଳରେ ଅନ୍ୟାୟ ମିଳୁଛି
ତୁଣ୍ଡ ଖୋଲିଲେ ହବ ଏଠି ଦୋଷୀ

ଖତ ଖାଇ ଗଲାଣି ମଣିଷ ପଣିଆ
ସବୁ ଏଠି ହେଉଛି ଜାଲି ଆତି,
କହିବ କାହାକୁ ଶୁଣିବ କିଏ ଏଠି
ଏ ତ କଳି ଯୁଗର ରିତି ନିତୀ

ହାତ ବାନ୍ଧି ପୋଲିସ୍ ବସେ
ବଡ ବଡିଆଙ୍କ ଆଦେଶରେ
ଗରିବ ନ୍ୟାୟ ପାଇଁ ଆଜି
କୋର୍ଟ କଚେରୀ ଯାଇ ମରେ,

ପରିବା ହାଟରେ ନାହିଁ ବେପାର
ଗରିବ ବସି ବସି ନିତି ଉପବାସ ମରେ
ସହରାଟା ସାରା ଭିଡ ଚାଲେ
ଦେହର ବେପାର ପାଇଁ ଏଠି ଅନ୍ଧକାରେ,

ନାଟକ ପରି ଚାଲିଛି ଆଜିର ସମାଜ
ତୁଣ୍ଡ ଖୋଲିବାକୁ ନାହାଁନ୍ତି କେହି ଏଠି,
ସବୁ ଜଣେ ଜଣେ ଏଠି ଅଭିନେତା ସାଜି
ଅଭିନୟ କରନ୍ତି ସଭିଏଁ ସବୁ ଦେଖି,

ସବୁର ଦିନେ ହବ ହିସାବ କିତାବ
ବଡ ଦେଉଳର ମହାପ୍ରଭୁଙ୍କ ପାଖେ,
ଧର୍ମର ହେବ ଦିନେ ବିଜୟ ନିଶ୍ଚିତ
ଅଧର୍ମ ସାଥେ କେହି ପାଖେ ନ ଥିବେ,


ତିହିଡି, ଭଦ୍ରକ,
ମୋ: ୮୩୩୯୯୩୯୯୨୯


### ଗଛ ଓ ଆମେ

ଲକ୍ଷ୍ମୀଧର ସିଂ

ସେ ଖାଲି ଦେଇ ଜାଣେ
ଆମେ ଖାଲି ନେଇ ଜାଣୁ
ସେ ତ୍ୟାଗୀ
ଆମେ ସ୍ୱାର୍ଥୀ
ଆମର ଖାଦ୍ୟ, ବସ୍ତ୍ର, ବାସଗୃହ
ବିଳାସ ବ୍ୟସନ ପାଇଁ
ସେ ତାର ସର୍ବସ୍ୱ-
ଚେର ମୂଳ
କାଣ୍ଡ, ଡାଳ
ଫୁଲ ଫଳ
ଦାନ କରିଦିଏ ।

ପୁଣି ଆମକୁ ଅମ୍ଳଜାନ ଯୋଗାଏ ।
ପ୍ରତି ବଦଳରେ
ଆମର କିନ୍ତୁ ତାକୁ ସାହାଯ୍ୟ କରିବାର
କୌଣସି ପ୍ରବୃତ୍ତି ଦେଖା ଯାଏ ନାହିଁ ।


ତାର ଉପକାର କରିବା ପରିବର୍ତ୍ତେ
ଆମେ ତାର ଅପକାର ହିଁ କରି ଥାଉ ।
ଦଳବଳ ହୋଇ ଯେମିତି,
ତାର ବଂଶ ନିପାତରେ ଆମେ ଲାଗିଛୁ ।
ଜଙ୍ଗଲ ସଫା କରି ଚାଲିଛୁ ।
ପାହାଡ଼ ତାଡି ଖାଦାନ କରୁଛୁ ।

ଯାହାକି ଆମ ପାଇଁ ଶୁଭଙ୍କର ନୁହଁ ।
ଏକଥା ଆମର ଜାଣି ରଖିବା
ଦରକାର ।

ତାର ବିନାଶ ହିଁ ଦିନେ
ଆମର ବିନାଶର ମୂଳ କାରଣ ହେବ ।


ସା-ଅଁଳାପାଳ, ପୋ-ଗରଡିହି
ବାଲେଶ୍ୱର -୭୫୬୦୪୧
ମୋ:୬୩୭୦୦୨୬୮୦୫






# ସତ ଉଗାରିଲେ ଐଶ୍ୱର୍ଯ୍ୟା

ବହୁ ବର୍ଷ ପରେ ପୂର୍ବତନ ବିଶ୍ୱ ସୁନ୍ଦରୀ ଐଶ୍ୱର୍ଯ୍ୟା ରାୟ ସତ ଉଗାରିଛନ୍ତି। ତାଙ୍କ ମୁହଁରୁ ଅଭିନେତା ସଲମାନ ଖାନଙ୍କ ନାଁ ଶୁଣିବାକୁ ମିଳିଛି। ଏକ ସାକ୍ଷାତକାରରେ ଐଶ୍ୱର୍ଯ୍ୟା କହିଛନ୍ତି, ସଲମାନ ମୋତେ ସନ୍ଦେହ କରୁଥିଲେ ଏବଂ ପ୍ରତାରଣା ମଧ୍। ଏକଥା ଜାଣିବା ପରେ ସଲମାନଙ୍କ ସହ ସେ ସମ୍ପର୍କ ଛିନ୍ନ କରିଥିଲେ। ଐଶ୍ୱର୍ଯ୍ୟାଙ୍କ ମୁହଁରୁ ତାଙ୍କ ପୂର୍ବତନ ପ୍ରେମିକ ସଲମାନଙ୍କ ନାଁ ଶୁଣି ଦର୍ଶକ ବେଶ୍ ପସନ୍ଦ କରିବା ସହ ତାଙ୍କ ଅତୀତକୁ ସାଉଁଟିଛନ୍ତି। ଐଶ୍ୱର୍ଯ୍ୟାଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସଲମାନ ଖାନଙ୍କ ସହ ବଲିଉଡର ସୁନ୍ଦରୀ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟଙ୍କ ସମ୍ପର୍କକୁ ନେଇ ଅତୀତରେ ଖୁବ୍ ଚର୍ଚ୍ଚା ହୋଇଥିଲା। ୧୯୯୯ରେ ସଞ୍ଜୟ ଲୀଲା ଭନ୍‌ସାଲୀଙ୍କ ଫିଲ୍ମ ‘ହମ୍ ଦିଲ୍ ଦେ ଚୁକେ ସନମ୍’ରେ କାମ କରୁଥିବାବେଳେ ଦୁହେଁ ପ୍ରେମରେ ପଡ଼ିଥିଲେ। ପ୍ରଶଂସକମାନେ ଉଭୟଙ୍କ ବିଷୟରେ ଛୋଟ ଛୋଟ କଥା ଜାଣିବା ପାଇଁ ଉତ୍ସୁକତାର ସହ ଅପେକ୍ଷା କରିଥାନ୍ତି। ସଲମାନ-ଐଶ୍ୱର୍ଯ୍ୟାଙ୍କ ଯୋଡ଼ି ଏକାଧିକ ଫିଲ୍ମରେ ଜମି ଯାଇଥିଲା। ହେଲେ ଭଲ ସମୟ ଅଧିକ ଦିନ ରହିଲା ନାହିଁ। ଉଭୟଙ୍କ ମଧ୍ୟରେ ଦୂରତା ବଢ଼ିଥିଲା। ଗଣମାଧ୍ୟମରେ ସେମାନଙ୍କ ସମ୍ପର୍କରେ ଆସୁଥିବା ଖବରକୁ ନେଇ ଐଶ୍ୱର୍ଯ୍ୟାଙ୍କ ପିତାମାତା କ୍ରୋଧିତ ହେଉଥିଲେ। ସେମାନେ ସଲମାନଙ୍କୁ ପସନ୍ଦ କରୁ ନଥିଲେ। ଏହାପରେ ଐଶ୍ୱର୍ଯ୍ୟା ସଲମାନଙ୍କ ସହ ସମ୍ପର୍କ ତୁଟାଇବାକୁ ନିଷ୍ପତ୍ତି ନେଇଥିଲେ।



# ଶ୍ରେଷ୍ଠଙ୍କୁ ଦେଖି ଶିଖୁଛନ୍ତି ଅନନ୍ୟା



ଆଗାମୀ ୩୦ ଦିନ ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ତାଙ୍କର ‘ଖୋ ଗୟେ ହମ୍ କହାଁ’ ଶୀର୍ଷକ ସିନେମାର ସୁଟିଂ ଏ ଭିତରେ ଶେଷ ହେବାକୁ ଯାଉଛି। ଏଥିରେ ଡିଜିଟାଲ୍ ଯୁଗରେ ତିନି ବନ୍ଧୁଙ୍କ ସମ୍ପର୍କର ନାଟକୀୟ ଚିତ୍ରଣ ଦେଖିବାକୁ ମିଳିବ। ଏଥି ସହିତ ଅନନ୍ୟାଙ୍କ ପ୍ରଥମ ହିନ୍ଦୀ-ତେଲୁଗୁ ଦ୍ୱିଭାଷୀ ଚଳଚ୍ଚିତ୍ର ‘ଲାଇଗର’ ଆସନ୍ତା ଅଗଷ୍ଟ ଶେଷ ସପ୍ତାହରେ ମୁକ୍ତିଲାଭ କରିବ। ତେଣୁ ଏହାର ପ୍ରଚାର କାମରେ ସେ ଅଭିନେତା ବିଜୟ ଦେବରକୋଣ୍ଡାଙ୍କ ସହିତ ବ୍ୟସ୍ତ ରହିବେ। ସୁଟିଂ ଓ ପ୍ରଚାର କାମର କ୍ଳାନ୍ତି ଦୂର କରିବା ତଥା ପ୍ରେରଣା ହାସଲ କରିବା ଲାଗି ଅନନ୍ୟା କେତେକ ପୁରୁଣା ଚଳଚ୍ଚିତ୍ରର ସାହାଯ୍ୟ ନିଅନ୍ତି ବୋଲି ନିକଟରେ ଏକ ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ‘ଓମ୍ ଶାନ୍ତି ଓମ୍’, ‘କୁଛ୍ କୁଛ୍ ହୋତା ହେ’, ‘କଭି ଖୁସି କଭି ଗମ୍’ ଆଦି ଚଳଚ୍ଚିତ୍ର ଦେଖି ଦେଖି ସେ ବଡ଼ ହୋଇଛନ୍ତି। ତା ସହିତ ‘ଲକ୍ ବାଏ ଚାନ୍‌ସ’ ଓ ‘ଜୀନ୍ଦେଗି ମିଲେଗି ନା ଦୋବାରା’ ଭଳି ଚଳଚ୍ଚିତ୍ର ତାଙ୍କୁ ବିଶେଷ ଭାବେ ପ୍ରଭାବିତ କରିଆସିଛି। ତେଣୁ ସେ ପ୍ରତି ମାସରେ ଏହିସବୁ ଚଳଚ୍ଚିତ୍ରରୁ ଅନ୍ତତଃ ଗୋଟିଏ ଆରମ୍ଭରୁ ଶେଷ ଯାଏ ଦେଖନ୍ତି। ଗତ ଦୁଇ ବର୍ଷ ହେଲା ସେ ବିଶ୍ୱ ଚଳଚ୍ଚିତ୍ର ଓ ଆଞ୍ଚଳିକ ଭାରତୀୟ ସିନେମା ଆଡ଼କୁ ମଧ୍ୟ ମୁହାଁଇଛନ୍ତି। ଶ୍ରେଷ୍ଠ ଚଳଚ୍ଚିତ୍ର ନିର୍ମାତା ଓ ଅଭିନେତାଙ୍କ କଳା ତାଙ୍କୁ ଚମତ୍କୃତ କରିଛି। ସେ ସେଥିରୁ ବହୁତ କିଛି ଶିଖିବାକୁ ପାଇଛନ୍ତି ବୋଲି ସ୍ୱୀକାର କରିଛନ୍ତି। ଆଲିଆ ଭଟ୍ଟ, ଆଲୁ ଅର୍ଜୁନ, ନତାଲୀ ପୋର୍ଟମ୍ୟାନଙ୍କ ଅଭିନୟ ଓ ବ୍ୟକ୍ତିତ୍ୱ ଦ୍ୱାରା ସେ ସର୍ବାଧିକ ପ୍ରଭାବିତ। ଅଭିନେତାଙ୍କ ପରିବାରରେ ଜନ୍ମ ହୋଇଥିଲେ ବି ଅନନ୍ୟାଙ୍କ ପକ୍ଷେ ଦର୍ଶକଙ୍କ ପାଖରେ ଗ୍ରହଣୀୟ ହେବା ସେତେ ସହଜ ହୋଇନାହିଁ। ତେବେ ଏ ବର୍ଷ ମୁକ୍ତିଲାଭ କରିଥିବା ଶକୁନ ବତ୍ରାଙ୍କ ‘ଗେହରାଇୟାଁ’ ଚଳଚ୍ଚିତ୍ରରେ ଅନନ୍ୟାଙ୍କ ଅଭିନୟ ପ୍ରଥମ ଥର ପାଇଁ ସିନେ ସମୀକ୍ଷକଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା। ଆଜିର ମନୋରଂଜନ ଶିଳ୍ପରେ ଯୁବ ଅଭିନେତା-ଅଭିନେତ୍ରୀମାନେ ନିଜ ଦକ୍ଷତା ପ୍ରମାଣିତ କରି ନିଜଲାଗି ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବା ଖୁବ୍ କଠିନ ବୋଲି ଅନନ୍ୟା ବୁଝିସାରିଛନ୍ତି। ତେଣୁ ସେ ଶ୍ରେଷ୍ଠମାନଙ୍କୁ ଦେଖି ନିଜକୁ ମାର୍ଜିତ କରିବାରେ ଲାଗିପଡ଼ିଛନ୍ତି। ଏ ଦିଗରେ ସେ କେତେ ଫଳପ୍ରଦ ହେଉଛନ୍ତି ତାହା ତାଙ୍କର ଆଗାମୀ ଚଳଚ୍ଚିତ୍ରମାନ ଦେଖି ଦର୍ଶକ ଠଉରାଇପାରିବେ।

# ‘ଇମରଜେନ୍ସି’ ଇନ୍ଦିରା ଗାନ୍ଧିଙ୍କ ଭାବମୂର୍ତ୍ତି ନଷ୍ଟ କରିବ



ଚଳଚ୍ଚିତ୍ର ‘ଥାଲାଇଭି’ରେ ସ୍ୱର୍ଗତ ଜୟଲଳିତାଙ୍କୁ ଚିତ୍ରଣ କରିବା ପରେ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ‘ଇମରଜେନ୍ସି’ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ପ୍ରବନ୍ଧ କରିବା ପାଇଁ ଏକ ଚ୍ୟାଲେଞ୍ଜ ନେଇଛନ୍ତି। ଏହି ଚଳଚ୍ଚିତ୍ରଟି ୧୯୭୫ରୁ ୧୯୭୭ ମଧ୍ୟରେ ହୋଇଥିବା ଜରୁରୀକାଳୀନ ପରିସ୍ଥିତି ଭାରତ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ପ୍ରଦର୍ଶନ କରିବ। ଚଳଚ୍ଚିତ୍ରର ସୁଟିଂ ଚାଲିଥିବାବେଳେ କଂଗ୍ରେସ ଆପତ୍ତି ଉଠାଇଛି। ଏଥିରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ଭାବମୂର୍ତ୍ତିକୁ ଖରାପ କରିବାକୁ ଚେଷ୍ଟା କରାଯାଉଛି। ମଧ୍ୟପ୍ରଦେଶ କଂଗ୍ରେସ ମିଡିଆ ସେଲ୍ ଉପ-ସଭାପତି ସଂଗୀତା ଶର୍ମା କଙ୍ଗନାଙ୍କ ଇନ୍ଦିରା ଗାନ୍ଧିଙ୍କ ଚରିତ୍ର ଚିତ୍ରଣକୁ ବିରୋଧ କରିଛନ୍ତି। ଫିଲ୍ମ ରିଲିଜ ହେବା ପୂର୍ବରୁ ସେମାନଙ୍କୁ ଦେଖାଇବାକୁ ସେ ଦାବି କରିଛନ୍ତି। କିଛି ଦିନ ପୂର୍ବେ ସୋସିଆଲ ମିଡିଆରେ ‘ଇମରଜେନ୍ସି’ର ଏକ ଟିଜର ଭିଡିଓ ଭାଇରାଲ ହେବା ପରେ ନେଟେନିଜେନମାନେ ଅଭିନେତ୍ରୀଙ୍କୁ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀଙ୍କ ସହ ଅଜବ ସମାନତା ପାଇଁ ପ୍ରଶଂସା କରିଥିଲେ। ନିକଟରେ ସୁଟିଂ ସେଟ୍‌ରୁ ସେ ଏକ ବିଟିଏସ୍ ଭିଡିଓ ମଧ୍ୟ ସେୟାର କରିଛନ୍ତି। ଏହି ଚଳଚ୍ଚିତ୍ର ଆସନ୍ତା ବର୍ଷ ମୁକ୍ତିଲାଭ କରିବ।

# ଅମିଷା ପଟେଲ୍‌ଙ୍କ ନାଁରେ ୱାରେଣ୍ଟ ଜାରି

ଅଡୁଆରେ ଅଭିନେତ୍ରୀ ଅମିଷା ପଟେଲ। ତାଙ୍କ ନାଁରେ ଜାରି ହେଲା ୱାରେଣ୍ଟ। ମୁରାଦାବାଦ ଏକ ଅଦାଲତ ଅମିଷାଙ୍କ ନାଁରେ ଏହି ୱାରେଣ୍ଟ ଜାରି କରିଛନ୍ତି। କୋର୍ଟରେ ସଠିକ୍ ସମୟରେ ହାଜର ନହେବା ଯୋଗୁ ତାଙ୍କୁ ଏହି ୱାରେଣ୍ଟ ଜାରି କରାଯାଇଛି। ଆସନ୍ତା ୨୨ ଅଗଷ୍ଟରେ କୋର୍ଟରେ ତାଙ୍କୁ ହାଜର ହେବାକୁ କୁହାଯାଇଛି। ସୂଚନା ମୁତାବକ, ମୁରାଦାବାଦ ସ୍ଥିତ ଏକ ଇଭେଣ୍ଟ କମ୍ପାନୀ ଅମିଷା ପଟେଲ ଏବଂ ତାଙ୍କ ସହଯୋଗୀ ୧୧ ଲକ୍ଷ ଟଙ୍କା ନେଇ କାର୍ଯ୍ୟକ୍ରମରେ ଯୋଗ ଦେଇନଥିବା ଅଭିଯୋଗ କରିଛନ୍ତି। ମୁରାଦାବାଦର ପବନ ବର୍ମା ଡ୍ରିମ କମ୍ପାନୀ ନାମକ ଏକ ଇଭେଣ୍ଟ କମ୍ପାନୀ ଚଳାଉଛନ୍ତି। ୧୬ ନଭେମ୍ବର ୨୦୧୭ରେ ଏକ ବିବାହ ସମାରୋହରେ ଡ୍ୟାନ୍ସ କରିବା ପାଇଁ ଅମିଷା ପଟେଲଙ୍କୁ ୧୧ ଲକ୍ଷ ଟଙ୍କା ଆଡଭାନ୍ସ ଦିଆଯାଇଥିଲା। ହେଲେ ଅମିଷା ପଟେଲ ଦିଲ୍ଲୀ ଯାଏଁ ଆସିଥିଲା କିନ୍ତୁ ମୁରାଦାବାଦ ଅଧିକ ଦୂର ହୋଇଯାଉଥିବା କହି ଆହୁରି ୨ ଲକ୍ଷ ଟଙ୍କା ମାଗିଥିଲେ। ହେଲେ ଇଭେଣ୍ଟ କମ୍ପାନୀ ଅମିଷାଙ୍କୁ ଆଉ ୨ ଲକ୍ଷ ଟଙ୍କା ଦେବାକୁ ମନା କରିଦେଇଥିଲା। ଏହାପରେ ଅମିଷା ୧୧ ଲକ୍ଷ ଟଙ୍କା ନେଇ ଦିଲ୍ଲୀରୁ ଫେରିଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ୫ ବର୍ଷ ବିତି ଯାଇଥିଲେ ମଧ୍ୟ ଅମିଷା ଏଯାଏଁ ଟଙ୍କା ଫେରସ୍ତ କରିନଥିବା ଅଭିଯୋଗ ହୋଇଛି। ଡ୍ରିମ୍ ଭିଜନ କମ୍ପାନୀର ମାଲିକ ପାବନ୍ ଭର୍ମାଙ୍କ ଅମିଷା ପଟେଲ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଏକ ମାମଲା ଦାୟର କରିଥିଲେ।



# ଅଭିନେତ୍ରୀଙ୍କ ଏ କି ଅବସ୍ଥା ! ରାସ୍ତାକଡ଼ରେ ବିକୁଛନ୍ତି ପରିବା

ସେ ଥିଲେ ବି-ଟାଉନ୍‌ର ହଟ୍ ଅଭିନେତ୍ରୀ। ଆଉ ଏବେ ପାଲଟିଛନ୍ତି ରାସ୍ତାକଡର ପରିବା ବିକାଳି। ଛିଣ୍ଡା ଶାଢ଼ୀରେ ରାସ୍ତାକଡରେ ବସି ବିକୁଛନ୍ତି ପରିବା। ନିଜ ହଟ୍ ଆଣ୍ଡ ଗ୍ଲାମରସ ଲୁକ୍‌କୁ ନେଇ ଚର୍ଚ୍ଚାରେ ରହୁଥିବା ଅଭିନେତ୍ରୀ



ଅଦା ଶର୍ମାଙ୍କ ବଦଳି ଯାଇଛି ପୂରା ଚେହେରା। ତାଙ୍କ ଅବସ୍ଥା ଯିଏ ଦେଖୁଛି ସିଏ ଆଶ୍ଚର୍ଯ୍ୟ ହୋଇଯାଉଛି।

ନିଜ ଲୁକ୍‌କୁ ନେଇ ସର୍ବଦା ଏକ୍ସପେରିମେଣ୍ଟ କରୁଥିବା ଅଭିନେତ୍ରୀ ଅଦା ଶର୍ମାଙ୍କ ଏଭଳି ଏକ ଅଜବଗଜବ ଲୁକ୍ ଏବେ ସାମ୍ନାକୁ ଆସିଛି। ଯାହା ସୋଶାଲ ମିଡିଆରେ ହଇଚଇ ସୃଷ୍ଟି କରିଦେଇଛି। ତାଙ୍କ ଆଉଟ୍‌ଫିଟ୍ ଦେଖି ଚାରିଆଡେ ତାଙ୍କୁ ନେଇ ଏବେ ଚର୍ଚ୍ଚା ଚାଲିଛି। ନିଜ ନୂଆ ଲୁକ୍‌ରେ ସମସ୍ତଙ୍କୁ ଚକିତ କରିଦେଇଛନ୍ତି ଅଦା।

ସେ ଗ୍ଲାମରସରୁ ପାଲଟିଛନ୍ତି ଦେଶୀ ଗାର୍ଲ। ନିକଟରେ ଅଫ୍ ସୋଲ୍ଡର ଗାଉନରେ ହଟ୍ ନଜର ଆସିଥିବା ଅଦା ରାସ୍ତାକଡରେ ସୂତା ଶାଢ଼ୀ ପିନ୍ଧି ପରିବା ବିକ୍ରି କରୁଛନ୍ତି। ଏହି ଲୁକ୍‌ରେ ତାଙ୍କୁ ଚିହ୍ନିବା ମୁସ୍‌କିଲ ହୋଇପଡିଛି। ନିଆରା ଢ଼ଙ୍ଗରେ ଫଟୋସୁଟ୍ ପାଇଁ ଏହି ଅବତାର ଆପଣାଇଛନ୍ତି ଅଦା। ଏହି ଫଟୋକୁ ଅଦା ନିଜ ଇନ୍‌ଷ୍ଟାଗ୍ରାମରେ ଶେଆର କରିଛନ୍ତି। କ୍ୟାପସନରେ ଲେଖିଛନ୍ତି- ‘ପରିବାର ଦର ବଢ଼ି ଯାଇଥିବା ଶୁଣୁଛି’। ଅଦା ଶର୍ମାଙ୍କ ଏହି ଫଟୋରେ ଅନେକ ୟୁଜର୍ସ ମଜାଦାର କମେଣ୍ଟ କରିଛନ୍ତି। କିଛି ୟୁଜର୍ସ ତାଙ୍କୁ ଟ୍ରୋଲ ମଧ୍ୟ କରି ଲେଖିଛନ୍ତି, ‘ଗାଈ ମଇଁଷି ଠାରୁ ଦୂରେଇ ରହିବ।’ ନିକଟରେ ଅଦା ଶର୍ମା ଏକ ଆୱାର୍ଡ ଶୋ’ରେ ନଜର ଆସିଥିଲେ। ଏହି ଶୋ’ରେ ସବୁଠୁ ଅଧିକ ଚର୍ଚ୍ଚା ତାଙ୍କ ଡ୍ରେସ୍‌କୁ ନେଇ ହୋଇଥିଲା। କାରଣ ସେ ପତ୍ରରେ ତିଆରି ଏକ ହଟ୍ ଆଉ ବୋଲ୍ଡ ଡ୍ରେସରେ ନଜର ଆସିଥିଲେ। କେବଳ ସେତିକି ନୁହେଁ ଏହି ଡ୍ରେସ୍ ସହ ସେ ନିଜ କାନ୍ଧରେ ଏକ ଝିଟିପିଟିର ନକଲି ଟାଟୁ ମଧ୍ୟ ତିଆରି କରିଥିଲେ। ସେହିପରି ଅନେକ ୟୁଜର୍ସ ତାଙ୍କର ଏହି ଡ୍ରେସ୍‌କୁ ନେଇ ପ୍ରଶଂସା କରିବା ସହ କ୍ରିଏଟିଭ୍ ବୋଲି କହିଥିଲେ। ଉଲ୍ଲେଖ ଯୋଗ୍ୟ, ଅଦା ଶର୍ମା ସର୍ବଦା ନିଜ ଲୁକ୍‌କୁ ନେଇ ଏକ୍ସପେରିମେଣ୍ଟ କରନ୍ତି। ତାଙ୍କୁ ଭିନ୍ନ ଭିନ୍ନ ଷ୍ଟାଇଲରେ ଓ ଭିନ୍ନ ଡ୍ରେସ୍‌ରେ ଫଟୋ ସୁଟ୍ କରିବା ଭଲ ଲାଗେ। ସେ ନିଜ ଆଉଟ୍‌ଫିଟ୍‌କୁ ନେଇ ପ୍ରାୟତଃ ଲାଇମ୍ ଲାଇଟ୍‌ରେ ରହୁନ୍ତି। କେବଳ ସେତିକି ନୁହେଁ ନିଜ ଫିଟ୍‌ନେସ୍‌କୁ ନେଇ ମଧ୍ୟ ତାଙ୍କର ଚର୍ଚ୍ଚା ହୁଏ।

# କ୍ୟାଟ୍ରିନାଙ୍କ ଭାଇ ପ୍ରେମରେ ଇଲିଆନା, ସାଜିବେ ଭାଉଜ !



ପ୍ରେମରେ ପଡିଲେ ଅଭିନେତ୍ରୀ ଇଲିଆନା ଡି’କ୍ରୁଜ। ଖୁବଶୀଘ୍ର ସେ ହେବେ ହାତକୁ ଦି ହାତ। ସେ ଅଭିନେତ୍ରୀ କ୍ୟାଟ୍ରିନା କୈଫଙ୍କ ସାଜିବେ ଭାଉଜ। ତାଙ୍କ ଭାଇ ସେବାଷ୍ଟିଅନ୍ କୈଫଙ୍କୁ କୁଆଡେ ଇଲିଆନା ବିବାହ କରିବେ। ଏ କଥା ଆମେ କହୁନୁ ବି-ଟାଉନ୍‌ରେ ଏଭଳି କିଛି ଜୋରସୋରରେ ଚର୍ଚ୍ଚା ଚାଲିଛି।


ନିକଟରେ ବଲିଉଡ ଅଭିନେତ୍ରୀ କ୍ୟାଟ୍ରିନା କୈଫ ତାଙ୍କର ୩୯ ତମ ଜନ୍ମଦିନ ପାଳନ କରିଛନ୍ତି। କ୍ୟାଟ୍ରିନାଙ୍କ ତାଙ୍କ ଜନ୍ମଦିନ ସେ ତାଙ୍କ ପରିବାର ଏବଂ ସାଙ୍ଗମାନଙ୍କ ସହିତ ମାଲଦ୍ୱୀପରେ ପାଳନ କରିଥିବା ଦେଖିବାକୁ ମିଳିଥିଲା। ଯାହାର ଫଟୋ ମଧ୍ୟ ସାମ୍ନାକୁ ଆସିଥିଲା। ଭାଇରାଲ ଫଟୋରେ କ୍ୟାଟ୍ରିନା ସ୍ୱାମୀ ତଥା ଅଭିନେତା ବିକ୍କି କୌଶଲ, ସନ୍ନି କୌଶଲ, ମିନି ମଥୁର, ଭାଇ ସେବାଷ୍ଟିଅନ, ଆନନ୍ଦ ତିଓ୍ୱାରୀ ଏବଂ ଅଭିନେତ୍ରୀ ଇଲିଆନା ଡି’କ୍ରୁଜ ନଜର ଆସିଥିଲେ। ହେଲେ ବର୍ତ୍ତମାନ ଏହି ଫଟୋରୁ ନୂଆ ଖବର ଶୁଣିବାକୁ ମିଳୁଛି। ଇଲିଆନା କୁଆଡେ କ୍ୟାଟ୍ରିନାଙ୍କ ଭାଇଙ୍କୁ ଡେଟ୍ କରୁଥିବା ନେଇ ଖୁବ୍ ଚର୍ଚ୍ଚା ଚାଲିଛି। କ୍ୟାଟ୍ରିନାଙ୍କ ଭାଇ ସେବାଷ୍ଟିଅନ୍ ଏବଂ ଇଲିଆନାଙ୍କ ଫଟୋ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କୁହାଯାଉଛି କି ଗତ ୬ ମାସ ହେବ ଉଭୟ ପରସ୍ପରକୁ ଡେଟ୍ କରୁଛନ୍ତି। କ୍ୟାଟ୍ରିନାଙ୍କ ଭାଇ ସେବାଷ୍ଟିଅନ୍ ବ୍ରିଟେନର ଜଣେ ମଡେଲ। ମିଡିଆ ରିପୋର୍ଟ ମୁତାବକ, ସେବାଷ୍ଟିଅନ୍ ଓ ଇଲିଆନା କେବଳ ଇନଷ୍ଟାଗ୍ରାମରେ ପରସ୍ପରକୁ ଫଲୋ କରୁନାହାନ୍ତି, ବାନ୍ଦ୍ରାସ୍ଥିତ କ୍ୟାଟ୍ରିନାଙ୍କ ପୁରୁଣା ଘରେ ଏକାଠି ସମୟ ମଧ୍ୟ ବିତାଉଛନ୍ତି। ଏହି ସବୁ ଖବର ସାମ୍ନାକୁ ଆସିବା ପରେ, ନା ନା କଳ୍ପନା ଚାଲିଛି। ଇଲିଆନା ଖୁବଶୀଘ୍ର କ୍ୟାଟ୍ରିନାଙ୍କ ଭାଉଜ ହେବାକୁ ଯାଉଥିବା ସୋଶାଲ ମିଡିଆରେ ଖବର ଘୁରି ବୁଲୁଛି। ପୂର୍ବରୁ ଇଲିଆନା ଫଟୋଗ୍ରାଫର ଆଣ୍ଡ୍ରିୟୁଙ୍କୁ ଡେଟ୍ କରୁଥିଲେ। ଉଭୟଙ୍କୁ ଅନେକ ଥର ଏକାଠି



ଦେଖିବାକି ମିଳିଥିଲା। ଉଭୟ ମଧ୍ୟ ପରସ୍ପର ପ୍ରତି ଅତ୍ୟନ୍ତ ଗମ୍ଭୀର ଥିଲେ, କିନ୍ତୁ ଉଭୟଙ୍କ ଏହି ସମ୍ପର୍କ ଅଧିକ ଦିନ ତିଷ୍ଠି ପାରି ନଥିଲା। ବ୍ରେକଅପ୍ ପରେ ଇଲିଆନା ବହୁତ ଭାଙ୍ଗି ଯାଇଥିଲେ। କିନ୍ତୁ ନିଜକୁ ସମ୍ଭାଳି ସେ ଆଗକୁ ବଢ଼ିଥିଲେ। ତେବେ ଇଲିଆନା ଆଗକୁ କ୍ୟାଟ୍ରିନାଙ୍କ ଭାଉଜ ହେଉଛନ୍ତି ନା ନାହିଁ ତାହା ଦେଖିବାକୁ ବାକି ରହିଲା।

# କାର୍ତ୍ତିକ ଆର୍ଯ୍ୟନଙ୍କ ହାତରେ ବଡ଼ ପ୍ରୋଜେକ୍ଟ

ବଲିଉଡ ଅଭିନେତା କାର୍ତ୍ତିକ ଆର୍ଯ୍ୟନ। ଫିଲ୍ମ ‘ଭୁଲ ଭୁଲେୟା-୨’ର ଜବରଦସ୍ତ ସଫଳତା ପରେ ସେ ବକ୍ସ ଅଫିସର ଦମ୍‌ଦାର ଷ୍ଟାର ପାଲଟି ଯାଇଛନ୍ତି। ଏହି ଫିଲ୍ମର ସଫଳତା ଯୋଗୁ ତାଙ୍କର କେବଳ ଫ୍ୟାନ୍ ଫଲୋଇଂ ବଢ଼ି ନାହାନ୍ତି, ବର ଦର୍ଶକ ତାଙ୍କ ଆଗାମୀ ଫିଲ୍ମକୁ ଅପେକ୍ଷା ମଧ୍ୟ କରିଛନ୍ତି। ଏସବୁ ଭିତରେ ହାଣ୍ଡସମ ହଙ୍କ କାର୍ତ୍ତିକ ଆର୍ଯ୍ୟନଙ୍କ ହାତରେ ଲାଗିଛି ଏକ ବଡ ପ୍ରୋଜେକ୍ଟ। ବଲିଉଡର ନାମଦାମୀ ପ୍ରଡ୍ୟୁସର ସାଜିଦ ନାଦିଆଦୱାଲାଙ୍କ ଫିଲ୍ମରେ ନଜର ଆସିବେ କାର୍ତ୍ତିକ। କେବଳ ସେତିକି ନୁହେଁ ଏହି ଅନ୍‌ଟାଇଟେଲ୍ ପ୍ରୋଜେକ୍ଟରେ ନିର୍ଦ୍ଦେଶନା ଦେବେ କବୀର ଖାନ୍। ଏଥିରେ କାର୍ତ୍ତିକଙ୍କୁ ଲିଡ୍ ରୋଲରେ ଦେଖିବାକୁ ମିଳିବ। ଅରିଜନାଲ କାହାଣୀ ଉପରେ ଫିଲ୍ମଟି ତିଆରି ହେବ। ଏନେଇ ସାଜିଦ ନାଦିଆଦୱାଲାରଙ୍କ ପ୍ରଡକ୍ସନ ହାଉସ ତରଫରୁ ଟ୍ୱିଟ୍ କରି ଘୋଷଣା କରାଯାଇଛି। କବୀର ଓ କାର୍ତ୍ତିକଙ୍କ ଏହି ଫିଲ୍ମକୁ ନେଇ ଅଧିକ କିଛି ତଥ୍ୟ ସାମ୍ନାକୁ ଆସିନାହିଁ। କିନ୍ତୁ ମିଡିଆ ରିପୋର୍ଟ ମୁତାବକ, ଏହା ଏକ ମାସ୍ ଏଣ୍ଟରଟେନର ଫିଲ୍ମ ବୋଲି କୁହାଯାଉଛି। ଏଥିସହ ଫିଲ୍ମରେ କାର୍ତ୍ତିକ ଏକ ଏଭଳି ଅଦ୍ଭୁତ ଚରିତ୍ରରେ



ନଜର ଆସିବେ ଯାହାକୁ ଦେଖି ଦର୍ଶକେ ଚକିତ ହୋଇଯିବେ। ଉଲ୍ଲେଖଯୋଗ୍ୟ, ଆଗକୁ କାର୍ତ୍ତିକ ଆର୍ଯ୍ୟନ୍‌ଙ୍କ ଫିଲ୍ମ ‘ସାହେବଜାଦା’ ରିଲିଜ ହେବାକୁ ଯାଉଛି। ଏହି ଫିଲ୍ମଟି ସାଉଥଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ତେଲୁଗୁ ହିଟ୍ ଫିଲ୍ମ ‘ଅଲା ବୈକୁଣ୍ଠପୁରମଲ୍ଲୁ’ର ହିନ୍ଦୀ ରିମେକ। ଏଥିରେ କାର୍ତ୍ତିକଙ୍କ ଅପୋଜିଟ୍‌ରେ କିର୍ତ୍ତି ସେନନ୍ ଅଛନ୍ତି। ଏହା ବ୍ୟତୀତ କାର୍ତ୍ତିକଙ୍କ ପାଖରେ ଶଶଙ୍କ ଘୋଷଙ୍କ ଥ୍ରୀଲର ଫିଲ୍ମ ‘ଫ୍ରେଡି’, ହଂସଲ ମେହେଟାଙ୍କ ‘କ୍ୟାପଟ୍ଟେନ ଇଣ୍ଡିଆ’ ଓ ସମୀବ ବିଦ୍ୟାଂଶଙ୍କ ଫିଲ୍ମ ମଧ୍ୟ ରହିଛି।

# ମିଲେଟ ମିଶନରୁ ସଂପ୍ରସାରିତ କରାଯାଉଛି : କୃଷି ମନ୍ତ୍ରୀ

ଭୁବନେଶ୍ୱର,୨୧/୦୭ (ନି.ପ୍ର): ରାଜ୍ୟ ସରକାର ମାଣ୍ଡିଆ ଉତ୍ପାଦନକୁ ପ୍ରୋତ୍ସାହିତ କରୁଛନ୍ତି । ସରକାର ମିଲେଟ ମିଶନକୁ ସଂପ୍ରସାରିତ କରିବା ଦିଗରେ ପଦକ୍ଷେପ ନେଉଛନ୍ତି ବୋଲି କହିଛନ୍ତି ରାଜ୍ୟର କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ସଭ୍ୟ ଅମର ସତପଥୀଙ୍କ ମୂଳ ପ୍ରଶ୍ନ ଓ ରଘୁରାମ ପାଡାଲ ଓ ତାରା ପ୍ରସାଦ ବାହିନୀପତିଙ୍କ ଅତିରିକ୍ତ ପ୍ରଶ୍ନର ଉତର ଦେଇ କୃଷି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଏହି ସୂଚନା ଦେଇଛନ୍ତି ।

ଆଜି ପ୍ରଶ୍ନକାଳରେ ଏହି ପ୍ରଶ୍ନ ସମ୍ପର୍କିତ ଆଲୋଚନା ବେଳେ ବିଧାୟକ ରଘୁରାମ ପାଡାଲ କହିଥିଲେ ଯେ କୋରାପୁଟରେ ଅଦା ଉତ୍ପାଦନ ଖୁବ ହେଉଥିବା ବେଳେ ସେଠାରେ ଚାଷୀ ମାନେ କମ ମୂଲ୍ୟରେ ଅଦା ବିକ୍ରୀ କରୁଛନ୍ତି । ସେହିପରି ମାଣ୍ଡିଆକୁ ପୂର୍ବରୁ ଗରୀବ ଲୋକ ମାନଙ୍କର ଖାଦ୍ୟ କୁହା ଯାଉଥିବା ବେଳେ ଏବେ ପଂଚତାରକା ହୋଟଲ ମାନଙ୍କରେ ମଧ୍ୟ ଏହା ମିଳୁଛି । ତେଣୁ ଏହାକୁ ନେଇ ପ୍ରକ୍ରିୟାକରଣ ୟୁନିଟ କୋରାପୁଟରେ କରିବାକୁ ସେ ଅନୁରୋଧ କରିଥିଲେ ।

ଏହାର ଉତରରେ କୃଷି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ଯେ ସରକାର ଏହି ଦିଗରେ କାମ କରୁଛନ୍ତି । ରାଜ୍ୟରେ ମାଣ୍ଡିଆ ଉତ୍ପାଦନ ବଢ଼ିଛି ।

# କ୍ରିକେଟ୍ : ଦକ୍ଷିଣ ଆଫ୍ରିକା ଟି୨୦ ଲିଗ୍‌ର ଫ୍ରାଂଚାଇଜି କିଣିବ ରିଲାଏନ୍ସ

ମୁମ୍ବାଇ/ ଭୁବନେଶ୍ୱର,୨୧/୦୭ (ନି.ପ୍ର): ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍) ପକ୍ଷରୁ କ୍ରିକେଟ୍ ଦକ୍ଷିଣ ଆଫ୍ରିକାର ଆଗାମୀ ଟି୨୦ ଲିଗ୍‌ର ଏକ ଫ୍ରାଚାଂଇଜି ଟିମ୍ ଅଧିଗ୍ରହଣ କରିବା ନେଇ ଘୋଷଣା କରାଯାଇଛି । ନିକଟରେ କଂପାନି ପକ୍ଷରୁ ଓ ୟୁଏଇ-ଭିତିକ ଆନ୍ତର୍ଜାତିକ ଲିଗ୍ ଟି୨୦ ଟିମ୍‌କୁ ଅଧିଗ୍ରହଣ ପରେ ପରେ କେପ୍ ଟାଉନ୍ ସ୍ଥିତ ଏହି ନୂତନ ଫ୍ରାଚାଂଇଜି ଅଧିଗ୍ରହଣ ମୁମ୍ବାଇ ଇଣ୍ଡିଆନ୍‌ସ ବ୍ରାଣ୍ଡ୍‌କୁ ଆଗକୁ ବଢ଼ାଇବ । ଭାରତରେ କ୍ରିକେଟ୍ ଫ୍ରାଂଚାଇଜି, ଫୁଟ୍‌ବଲ୍ ଲିଗ୍‌ର ମାଲିକାନା, କ୍ରୀଡ଼ା ପ୍ରାଯୋଜନା, କନସଲଟାନ୍ସି ଓ କ୍ରୀଡ଼ାବିତ ପ୍ରତିଭା ପରିଚାଳନା ଜରିଆରେ ଓ ଏହି କ୍ଷେତ୍ରର ଶ୍ରେଷ୍ଠ ବ୍ୟବସ୍ଥାଗୁଡ଼ିକୁ ଆଗକୁ ଆଣି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ କ୍ରୀଡ଼ା ବ୍ୟବସ୍ଥାର ଅଭ୍ୟୁଦୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଏଥି ସହିତ, ଆର୍‌ଆଇଏଲ୍‌ର ସିଏସ୍‌ଆର୍ ଶାଖା ରିଲାଏନ୍ସ ଫାଉଣ୍ଡେସନ ସ୍ପୋର୍ଟସ୍ ସାରା ଦେଶରେ କ୍ରୀଡ଼ାବିତମାନଙ୍କୁ ବିଭିନ୍ନ କ୍ରୀଡ଼ାରେ ଚାମ୍ପିଅନ୍ ହେବା ଲାଗି ସୁଯୋଗ ପ୍ରଦାନ କରି ଭାରତର ଅଲିମ୍ପିକ ଅଭିଯାନର ନେତୃତ୍ୱ ନେଇଛି ଏବଂ ବିଶ୍ୱସ୍ତରୀୟ କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜନ କରିବାରେ ଭାରତର ନେତୃତ୍ୱ ନେଇଛି । ଚଳିତ ବର୍ଷ ପ୍ରାରମ୍ଭରେ ଶ୍ରୀମତୀ ନୀତା ଅମ୍ବାନିଙ୍କ ନେତୃତ୍ୱରେ ୪୦ ବର୍ଷର ବ୍ୟବଧାନ ପରେ ୨୦୨୩ରେ ମୁମ୍ବାଇରେ ସମ୍ମାନଜନକ ଆନ୍ତର୍ଜାତିକ ଅଲିମ୍ପିକ୍ କମିଟି ଅଧିବେଶନ ଆୟୋଜନ କରିବା ପାଇଁ ଏକ ସଫଳ ପ୍ରସ୍ତାବ ଉପସ୍ଥାପନା କରାଯାଇଥିଲା ।

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ନିର୍ଦ୍ଦେଶିକା ଶ୍ରୀମତୀ ନୀତା ଅମ୍ବାନି କହିଛନ୍ତି ଯେ, “ରିଲାଏନ୍ସ ପରିବାରକୁ ଆମର ନୂଆ ଟି୨୦ ଟିମ୍‌କୁ ସ୍ୱାଗତ କରି ଆମେ ଅତ୍ୟନ୍ତ ଉଲ୍ଲସିତ । ମୁମ୍ବାଇ ଇଣ୍ଡିଆନ୍‌ସର ନିର୍ଭିକ ଓ ମନୋରଂଜନଧର୍ମୀ କ୍ରିକେଟ୍‌କୁ ଆମେ ଭାରତ ଭଳି କ୍ରିକେଟ୍‌କୁ ଭଲ ପାଉଥିବା ଏକ ଦେଶ ଦକ୍ଷିଣ ଆଫ୍ରିକା ନେଉଥିବାରୁ ଅତ୍ୟନ୍ତ ଉତ୍ସାହିତ । ଦକ୍ଷିଣ ଆଫ୍ରିକାରେ ଏକ ଦୃଢ଼ କ୍ରୀଡ଼ା ପରିବେଶ ରହିଛି ଏବଂ ଏହି ସହଯୋଗିତାର ଶକ୍ତି ଓ ସମ୍ଭାବନା ସନ୍ଧାନ କରିବାକୁ ଆମେ ଲକ୍ଷ୍ୟ ରଖିଛୁ । ଆମେ ମୁମ୍ବାଇ ଇଣ୍ଡିଆନ୍‌ସର ବିଶ୍ୱସ୍ତରୀୟ ଉପସ୍ଥିତିକୁ ବଢ଼ାଉଥିବା ବେଳେ କ୍ରୀଡ଼ା ଜରିଆରେ ଖୁସି ଓ ଉଲ୍ଲାସର ପ୍ରସାର ଜାରି ରଖିବା ପାଇଁ ପ୍ରତିବଦ୍ଧ ରହିଛୁ ।’’

ରିଲାଏନ୍ସ ଜିଓର ଅଧ୍ୟକ୍ଷ ଆକାଶ ଅମ୍ବାନି କହିଛନ୍ତି ଯେ, “ଦକ୍ଷିଣ ଆଫ୍ରିକା ଫ୍ରାଂଚାଇଜି ସହିତ ଆମର ଏବେ ତିନିଟି ଦେଶରେ ତିନିଟି ଟି୨୦ ଟିମ୍ ରହିଛି । କ୍ରିକେଟ୍ ପରିବ୍ୟବସ୍ଥାରେ ଆମର ରହିଥିବା ଅଭିଜ୍ଞତା ଓ ଗଭୀର ଜ୍ଞାନ ତଥା ମୁମ୍ବାଇ ଇଣ୍ଡିଆନ୍ସ ବ୍ରାଣ୍ଡ୍‌କୁ ବ୍ୟବହାର କରି ଟିମ୍ ଗଠନ କରିବା ଏବଂ କ୍ରୀଡ଼ା ପ୍ରେମୀମାନଙ୍କୁ କିଛି ଶ୍ରେଷ୍ଠ କ୍ରିକେଟ୍ ଅନୁଭୂତି ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ ।’’

# ୧୭ ଲକ୍ଷ ଚଳୁ କରି ବନ୍ଧା ହେଲେ ‘ନିମନ୍ତ୍ରଣ’ ମ୍ୟାନେଜର

ଭୁବନେଶ୍ୱର,୨୧/୦୭ (ନି.ପ୍ର): ଭୁବନେଶ୍ୱର ସହିଦନଗରସ୍ଥିତ ‘ନିମନ୍ତ୍ରଣ’ ରେଷ୍ଟୁରାଣ୍ଟକୁ ଲୁଟି ଖୋଳ କରିଦେଲେ ଏହାର କର୍ମଚାରୀ । ପ୍ରାୟ ୬ ମାସରୁ ଉର୍ଦ୍ଧ୍ୱ ସମୟରେ ଏହି ରେଷ୍ଟୁରାଣ୍ଟର ପ୍ରାୟ ୧୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଚଳୁ କରିଦେଲେ ଏହାର ମ୍ୟାନେଜର । ଯାହା ହାତରେ ଥିଲା ଚାବିକାଠି, ସିଏ ହିଁ ଖାଲି କରୁଥିଲା ଭଣ୍ଡାର । ଅଡିଟ ବେଳେ ଏହା ଜଣାପଡ଼ିଥିବା ବେଳେ ଶେଷରେ OTDC ମ୍ୟାନେଜର ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି ଓ ଠିକା କର୍ମଚାରୀ ସୁନୀଲ ଘଡ଼େଇଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ୍ ।

ଓଡ଼ିଶାର ପାରମ୍ପରିକ ଖାଦ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଗତ ବର୍ଷ ସେପ୍ଟେମ୍ବରରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି ) ପକ୍ଷରୁ ଭୁବନେଶ୍ୱର ସହିଦନଗରରେ ଏହି ରେଷ୍ଟୁରାଣ୍ଟ ଖୋଲିଥିଲା । ମାତ୍ର ୧୦ ମାସର ଏହି ହୋଟେଲରେ ଗତ ୬ ମାସ ହେଲା ଚାଲୁଥିଲା ମହା ଘୋଟାଲା । ଏହାର ମୁଖ୍ୟ ମାଷ୍ଟରମାଇଣ୍ଡ ଥିଲେ ଅର୍ଦ୍ଧେନ୍ଦୁ ଶେଖର । ତାଙ୍କୁ ସହଯୋଗ କରୁଥିଲେ ସୁନୀଲ ଘଡ଼େଇ । ଏହି ରେଷ୍ଟୁରାଣ୍ଟରୁ ହେଉଥିବା ଆୟର ପେମେଣ୍ଟ ମୁଖ୍ୟତଃ ଅନଲାଇନ୍ ଓ ଅଫଲାଇନ୍‌ରେ ହୋଇଥାଏ । ମାତ୍ର ଏହି ଟଙ୍କାର ପ୍ରାୟ ଅଧା ଅଂଶକୁ ସରକାରୀ ଆକାଉଣ୍ଟରେ ଡିପୋଜିଟ କରିବା ବଦଳରେ ନିଜ ଆକାଉଣ୍ଟରେ ଡିପୋଜିଟ କରୁଥିଲେ ଏହି ୨ ଅଭିଯୁକ୍ତ । ପୁଲିସ ।

# ମାଟ୍ରିକ ପରୀକ୍ଷା ଦେଇନାହାନ୍ତି ୪୪୨୪୫ ଜଣ ଛାତ୍ରଛାତ୍ରୀ

ଭୁବନେଶ୍ୱର,୨୧/୦୭ (ନି.ପ୍ର): ଚଳିତ ୨୦୨୨ ବର୍ଷର ମାଟ୍ରିକ ପରୀକ୍ଷାରେ ୪୪୨୪୫ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ । ଏ ବିଷୟରେ ତଦନ୍ତ କରିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ । ଏହାସହ ଅନୁପସ୍ଥିତ ଥିବା ପିଲାଙ୍କ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିଛନ୍ତି ରାଜ୍ୟ ସରକାର । ବିଧାନସଭାରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହୀନିପତିଙ୍କ ପ୍ରଶ୍ନରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ ଲିଖିତ ଉତରରୁ ଏହି ସୂଚନା ମିଳିଛି । ସରକାର ଦେଇଥିବା ତାଲିକାରେ ସବୁଠୁ ଉପରେ ରହିଛି ମୟୁରଭଞ୍ଜ ଜିଲ୍ଲା । ମୟୁରଭଞ୍ଜ ଜିଲ୍ଲାରୁ ସର୍ବାଧିକ ୪୪୬୨ ପିଲା ଅନୁପସ୍ଥିତ ଥିଲେ । ସେହିପରି ଗଞ୍ଜାମ ଜିଲ୍ଲାରେ ୩୨୭୩ ପିଲା ମାଟ୍ରିକ ପରୀକ୍ଷା ରେ ଅନୁପସ୍ଥିତ ରହିଥିଲେ ।

# ରେଡ଼କ୍ରସ୍ ଓଡ଼ିଶା ରାଜ୍ୟ ଶାଖା ଜାତୀୟସ୍ତରରେ ପୁରସ୍କୃତ : ରାଜ୍ୟପାଳଙ୍କ ପ୍ରଶଂସା

ଭୁବନେଶ୍ୱର,୨୧/୦୭ (ନି.ପ୍ର): ଭାରତୀୟ ରେଡ଼କ୍ରସ୍ ,ଓଡ଼ିଶା ରାଜ୍ୟ ଶାଖା ପାଣ୍ଠିସଂଗ୍ରହ, ସଭ୍ୟ ସଂଗ୍ରହ ଓ ସ୍ୱେଚ୍ଛାକୃତ ରକ୍ତଦାନ ସଂଗ୍ରହରେ ୨୦୧୯-୨୦ ଓ ୨୦୨୦-୨୧ ବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ସିଲଡ଼୍ ଓ ପ୍ରଶଂସାପତ୍ର ପାଇଛନ୍ତି । ରାଜ୍ୟପାଳ ତଥା ଭାରତୀୟ ରେଡ଼କ୍ରସ୍ , ଓଡ଼ିଶା ରାଜ୍ୟ ଶାଖାର ଅଧ୍ୟକ୍ଷ ପ୍ରଫେସର ଗଣେଶୀ ଲାଲ ରେଡ଼କ୍ରସ୍ କାର୍ଯ୍ୟଧାରାର ଭୂୟସୀ ପ୍ରଶଂସା କରିବା ସହ ସେବାର ପରିସର, ଆକାର ଓ ପରିମାଣକୁ ଆହୁରି ବ୍ୟାପକ କରିବାକୁ ପରାମର୍ଶ ଦେଇଛନ୍ତି ।

ଆଜି ରାଜଭବନରେ ଆୟୋଜିତ ଏକ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଲାଲ ସେବାକୁ ଆଧାତ୍ମିକ ସାଧନା ଭାବରେ ବର୍ଣ୍ଣନା କରି ଏଥିନିମନ୍ତେ ଉତ୍ସର୍ଗୀକୃତ ମନୋଭାବ ଓ ନିଷ୍ଠା ଏକାନ୍ତ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । ଅବୈତନିକ ସଚିବ ସିଟିଏମ୍ ସୁଗୁଣା ଓଡ଼ିଶାରେ ରେଡ଼କ୍ରସ୍ ର ବିଭିନ୍ନ କାର୍ଯ୍ୟକ୍ରମ ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ରାଜ୍ୟପାଳ ଅବୈତନିକ ସଚିବଙ୍କୁ ସିଲଡ଼୍ ପ୍ରଦାନ କରିଥିଲେ । ବୌଦ୍ଧ ଜିଲ୍ଲା ଶାଖାର ଆଜୀବନ ସଭ୍ୟ ପ୍ରବୀର କୁମାର ଦାସଙ୍କୁ ଉଲ୍ଲେଖନୀୟ କୃତି ପାଇଁ ରେଡ଼କ୍ରସ୍ ସାର୍ଟିଫିକେଟ୍ ଅଫ୍ ମେରିଟ୍ ପ୍ରଦାନ କରାଯାଇଥିଲା । ଉତ୍ସବରେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ରଙ୍କ ସମେତ ରାଜଭବନର ଅଧିକାରୀ ଓ ରେଡ଼କ୍ରସ୍ ର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ ।

# ମାଟ୍ରିମୋନି ସାଇଟ୍‌ରୁ ପରିଚୟ ପରେ ୨୪ ଲକ୍ଷ ଟଙ୍କା ଠକି ନେଲେ ଯୁବତୀ

ଭୁବନେଶ୍ୱର,୨୧/୦୭ (ନି.ପ୍ର): ମାଟ୍ରିମୋନିଆଲ୍ ସାଇଟ୍ ରେ ନିଜ ପାଇଁ କନ୍ୟା ଖୋଜିବାକୁ ଯାଇ ୨୪ ଲକ୍ଷ ଟଙ୍କାର ଠକାମିର ଶୀକାର ହୋଇଛନ୍ତି ଜଣେ ଆଇଟି ଇଂଜିନିୟର । ଏନେଇ ଖୋର୍ଦ୍ଧା ଜଟଣୀ ଅଂଚଳର ଜଣେ ଯୁବକ ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ କରିଛନ୍ତି । ଯୁବକଙ୍କ ଅଭିଯୋଗ ଅନୁଯାୟୀ ବିବାହ ପାଇଁ ସେ ମାଟ୍ରିମୋନି ସାଇଟ୍ ରେ ରେଜିଷ୍ଟ୍ରେସନ୍ କରିଥିଲେ । ସେଠାରେ ସର୍ଚ୍ଚ କରୁଥିବା ବେଳେ ଜଣେ ଯୁବତୀଙ୍କ ହାବୁଡ଼ରେ ପଡ଼ିଥିଲେ । ଯୁବତୀ ଜଣକ ନିଜକୁ ବାଲେଶ୍ୱର ଜିଲ୍ଲାର ଝିଅ ବୋଲି ପରିଚୟ ଦେଇଥିଲେ । ନିଜର ନାଁ ପ୍ରିୟା ଗୁପ୍ତା କହିଥିଲେ । ସେ କାଲିଫର୍ଣ୍ଣିଆରେ ରହି ମେଡିକାଲ ପଢୁଥିବା କହିଥିଲେ । ପରିଚୟ ପରେ ଉଭୟ ଦୀର୍ଘ ଦିନ ଧରି ଚାଟିଂ କରୁଥିଲେ । ଦୀର୍ଘ ୬ ମାସ ଧରି ଚାଲିଥିଲା ଏମିତି କଥାବାର୍ତା । ପ୍ରିୟା ୭୦ ହଜାର ଡଲାର ଧରି ଭାରତ ଆସିଥିବା ବେଳେ ଦିଲୀ ବିମାନ ବନ୍ଦରରେ ଫସି ଯାଇଥିବା ଯୁବକଙ୍କୁ କହିଥିଲେ । ସେହି ଡଲାର ମୁକୁଳାଇବା ପାଇଁ ଟଙ୍କା ମାଗିଥିଲେ । ତାଙ୍କ କଥାରେ ପଡ଼ି ଯୁବକ ଜଣକ ଟଙ୍କା ଦେଇଥିଲେ । ଏମିତି ବିଭିନ୍ନ ସମୟରେ ମୋଟ୍ ୨୪ ଲକ୍ଷ ଟଙ୍କା ନେଇ ଠକିଥିବା ଯୁବକ ଜଣକ ଅଭିଯୋଗ କରିଛନ୍ତି ।

# ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧/୦୭ (ନି.ପ୍ର): ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି ବୋଲି ଗୃହ ବିଭାଗ ଖର୍ଚ୍ଚଦାବି ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ଅଛି । ମାଓବାଦୀ କାର୍ଯ୍ୟକଳାପ କମିଛି । ପୁଲିସ ବିଭାଗର ମାନବସମ୍ବଳ ବଢାଇବା ପାଇଁ ପ୍ରାଥମିକତା ଦିଆଯାଇଛି । ଗତବର୍ଷ ଓଡ଼ିଶା ପୁଲିସର ବିଭିନ୍ନ ପଦବିରେ ୯୪୪ ଜଣଙ୍କୁ ନିଯୁକ୍ତି ମିଳିଛି । ଅର୍ଥନୈତିକ ଅପରାଧ ରୋକିବା ପାଇଁ ୧୫ଟି ସାଇବର ଥାନା ପ୍ରତିଷ୍ଠା କରାଯାଇଛି । ଟ୍ରାନ୍ସଜେଣ୍ଡରମାନଙ୍କୁ ଏସ୍‌ଆଇ ପଦବିରେ ନିଯୁକ୍ତି ଦିଆଯାଇଛି । ରାଜ୍ୟରେ ୧୭୩୦ ଏଏସ୍‌ଆଇ ଓ ଏସ୍‌ଆଇ ପଦବି ପୂରଣ ହେବ । ଏଥି ପାଇଁ ପ୍ରକ୍ରିୟା ଚାଲିଛି । ସେହିଭଳି ରାଜ୍ୟର ସବୁ ପୁଲିସ ଷ୍ଟେସନରେ ସିସିଟିଭି ଲାଗିବ । ଏ ପର୍ଯ୍ୟନ୍ତ ୫୯୩ଟି ଥାନା ମଧ୍ୟରୁ ୫୮୪ଟି ଥାନାରେ ସିସିଟିଭି ଖଞ୍ଜାଯାଇ ସାରିଛି । ପୁଲିସ ଥାନାଗୁଡ଼ିକୁ ‘ମୋ ସରକାର’ ସହିତ ଯୋଡ଼ାଯାଇଛି । ପଞ୍ଚାୟତ, ପୌର ନିର୍ବାଚନ ଓ ମାଓ ଇଲାକାରେ ଶାନ୍ତି ଶୃଙ୍ଖଳାରେ ନିର୍ବାଚନ କରାଯାଇଛି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୁରୀରେ ରଥଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଛି । ୨ ବର୍ଷ ପରେ ସାଧାରଣ ଭକ୍ତି ପୁରୀ ରଥଯାତ୍ରାରେ ସାମିଲ ହୋଇଥିଲେ । ବ୍ୟାପକ ପୁଲିସ ମୁତୟନ ଯୋଗୁଁ ମହାପ୍ରଭୁଙ୍କ ରଥଯାତ୍ରା ଶୃଙ୍ଖଳିତ ହୋଇପାରିଛି । ବୁଧବାର ଗୃହରେ ସ୍ୱରାଷ୍ଟ୍ର ବିଭାଗର ୬୨୪୧,୨୦,୯୬୦୦୦ ଟଙ୍କାର ଖର୍ଚ୍ଚଦାବି ଗୃହିତ ହୋଇଛି ।

## କୋଭିଡକୁ ନେଇ ଅଯଥା ଆତଙ୍କିତ ହୁଅନ୍ତୁ ନାହିଁ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୨୧/୦୭ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣର ଯେଉଁ ବୃଦ୍ଧି ଦେଖାଯାଉଛି, ତାହା ଉଦବେଗଜନକ ନାହିଁ । ତେଣୁ କୋଭିଡକୁ ନେଇ ଅଯଥା ଆତଙ୍କିତ ହେବାର କୌଣସି କାରଣ ନାହିଁ । ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର କରୋନା ସଂକ୍ରମଣ ବୃଦ୍ଧି ଉପରେ ପ୍ରତିକ୍ରିୟା ପ୍ରକାଶ କରି ଏହା କହିଛନ୍ତି । ସେ କହିଛନ୍ତି ଯେ ‘କୋଭିଡ ଏବେ ରାଇଜିଂ ଟ୍ରେଣ୍ଡରେ ଅଛି । ପଜିଟିଭ୍ ସଂଖ୍ୟା ବଢୁଛି । ଏହା କେବେ କମିବ କହି ହେବନି । ଯେପର୍ଯ୍ୟନ୍ତ ସମାନ୍ତରାଳ ସ୍ଥିତିକୁ ନ ଆସିଛି, ଏହା ଆଗକୁ ବଢ଼ିବ କି ନାହିଁ କହିପାରିବା ନାହିଁ ।

ସେ କହିଛନ୍ତି ଯେ ଯାହା ପାଖରେ ଲକ୍ଷଣ ଦେଖାଯାଉଛି, ଟେଷ୍ଟ କରାଇ ନିଅନ୍ତୁ । ଆଇସୋଲେସନରେ ରୁହନ୍ତୁ । ଏବେ ବ୍ୟକ୍ତିଗତ ସ୍ତରରେ ସତର୍କ ହେବାକୁ ପଡ଼ିବ । ଲୋକ ସଚେତନ ହେଲେ, ସଂକ୍ରମଣକୁ ରୋକିପାରିବା ।

# ୭ ଦଫା ଦାବି ନେଇ ସମବାୟ ମନ୍ତ୍ରୀଙ୍କୁ ଭେଟିଲେ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ସଂଘ

ଭୁବନେଶ୍ୱର,୨୧/୦୭ (ନି.ପ୍ର): ୭ ଦଫା ଦାବି ନେଇ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ଙ୍କୁ ଭେଟିଲେ ନିଖିଳ ଓଡ଼ିଶା ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ସଂଘ । ରାଜ୍ୟରେ କାର୍ଯ୍ୟରତ ୬୬ଟି ନିୟନ୍ତ୍ରିତ ବଜାର କମିଟି ଗୁଡିକରେ ୨ ହଜାରୁ ଉର୍ଦ୍ଧ୍ୱ କର୍ମଚାରୀ ମାନଙ୍କ ମୌଳିକ ସମସ୍ୟା ଏବଂ ଏକକ ଚାକିରୀ ସର୍ତ୍ତାବଳୀ ଉପରେ ମନ୍ତ୍ରୀ ଙ୍କ ସହିତ ଆଲୋଚନା କରିଛି ସଂଘ । କାର୍ଯ୍ୟକାରୀ ସଭାପତି କିଶୋର ଚନ୍ଦ୍ର ଦାସ ଙ୍କ ନେତୃତ୍ୱ ରେ ଏକ ୧୦ ଜଣିଆ ଟିମ୍ ଯାଇ ବିଜେଡ଼ି ସାଂଗଠାନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ମନ୍ତ୍ରୀ ଅତନୁ ସବ୍ୟସାଚୀ ଙ୍କୁ ଭେଟି ଆଲୋଚନା କରିଛନ୍ତି । ସମାନ କାମକୁ ସମାନ ଦରମା , କର୍ମଚାରୀ ଙ୍କୁ ସାମାଜିକ ନିରାପତା ଭତା ସହ କପର୍ସ ଫଣ୍ଡ ଗଠନ , ଡି ଏଲ ଆର , ଏନ୍ ଏମ ଆର୍ ଏବଂ ଠିକା କର୍ମଚାରୀ ମାନଙ୍କୁ ସ୍ଥାୟୀ କରିବା , ପୂର୍ବ ଭଳି ମାର୍କେଟ ଫିସ ଆଦାୟ କୁ ଆଦେଶ ପ୍ରଦାନ କରିବା ସହିତ ଯୋଗ୍ୟତା ସମ୍ପନ୍ନ କର୍ମଚାରୀ ଙ୍କୁ ସମ୍ପାଦକ ପଦବୀ ରେ ନିଯୁକ୍ତି ପ୍ରଦାନ ଦାବି ନେଇ ଆଲୋଚନା କରିଛି ସଂଘ । ବିଧାନ ସଭା ପରେ ସଂଘ ର କର୍ମକର୍ତ୍ତା ସହ ଆଲୋଚନା କରାଯାଇ ଦାବି ସମ୍ପର୍କରେ ଆଲୋଚନା କରାଯିବା ସହ ଏହାର ସମାଧାନ ହେବ ବୋଲି ମନ୍ତ୍ରୀ ଶ୍ରୀ ନାୟକ ପ୍ରତିଶୃତି ଦେଇଥିବା ସଂଘ ତରଫରୁ ସୂଚନା ମିଳିଛି ।

# କାଶୀପୁରରେ ପାଣି ଉତ୍ସରୁ ବ୍ୟାପିଛି ସଂକ୍ରମଣ

ଭୁବନେଶ୍ୱର,୨୧/୦୭ (ନି.ପ୍ର): ରାୟଗଡ଼ା ଜିଲ୍ଲା କାଶୀପୁରରେ ପାଣି ଉତ୍ସରୁ ସଂକ୍ରମଣ ହୋଇଛି । ସେଠି ଭିବ୍ରିଓ କଲେରା ବ୍ୟାକ୍ଟେରିଆର ସଂକ୍ରମଣ ଥିବା ଜଣାପଡିଛି । ଯେହେତୁ ପାଣିର ଉତ୍ସ ସମସ୍ତଙ୍କ ଲାଗି ସମାନ ଥିଲା, ତେଣୁ ଆଖପାଖ ସ୍ଥାନକୁ ଏହି ସଂକ୍ରମଣ ବ୍ୟାପିଛି ବୋଲି ମତ ରଖିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର । ସେ ଆହୁରି କହିଛନ୍ତି ଯେ ସେଠାରେ ପ୍ରଥମେ ଅବସ୍ଥା ଖରାପ ଥିଲା । ଏବେ ନିୟନ୍ତ୍ରଣରେ ରହିଛି । ରାୟଗଡ଼ା, କୋରାପୁଟର ସ୍ୱାସ୍ଥ୍ୟ ବିଭାଗ ଟିମ୍ ସେ ସ୍ଥାନରେ ନିୟୋଜିତ ହୋଇ ସ୍ଥିତି ମନିଟରିଂ କରୁଛନ୍ତି । ଜଳ ବିଶୋଧନ କାର୍ଯ୍ୟକ୍ରମ ଚାଲିଛି । ଲୋକଙ୍କୁ କିଭଳି ଭଲ ପାଣି ଯୋଗାଇ ଦିଆଯାଇପାରିବ ସେନେଇ ବ୍ୟବସ୍ଥା କରାଯାଉଛି । ଏଠାରୁ ସ୍ୱାସ୍ଥ୍ୟ ବିଭାଗର ଟିମ ଯାଇଥିଲେ । ଆଜି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ରାୟଗଡ଼ା ଓ କୋରାପୁଟ ଯାଇଛନ୍ତି । ପ୍ରତିଦିନ ସେଠାରୁ ନମୁନା ପରୀକ୍ଷା କରାଯାଉଛି । ଆଦିବାସୀ ଅଂଚଳ ହୋଇଥିବାରୁ ଲୋକେ ପିଇବା ଲାଗି ଝରଣାରୁ ପାଣି ସଂଗ୍ରହ କରିଥାନ୍ତି । ତେଣୁ ସଂକ୍ରମିତ ଝରଣା ପାଣି ୟୁଆଡେ ଯାଇଛି, ସେଠାରେ ସଂକ୍ରମଣ ଆଶଙ୍କା ରହିଛି । ସେଥିଲାଗି ଉକ୍ତ ଉତ୍ସରୁ ପାଣି ବ୍ୟବହାର ନକରିବାକୁ ଲୋକମାନଙ୍କୁ ବୁଝାଯାଉଛି । କିନ୍ତୁ ଏବେ ସ୍ଥିତି ଉଦବେଗଜନକ ନାହିଁ । ଏହାକୁ ମହାମାରୀ କୁହାଯାଇପାରିବ ନାହିଁ ।

# ଆଜି ବି ରାଜ୍ୟରେ ୧୧୦୦ ଉପରେ ଦୈନିକ କରୋନା ସଂକ୍ରମଣ : ୧୬୯ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର,୨୧/୦୭ (ନି.ପ୍ର): ଆଜି ରାଜ୍ୟରେ ପୁଣି ଦୈନିକ କରୋନା ସଂକ୍ରମଣ ବୃଦ୍ଧି ପାଇଛି । ଗତକାଲି ୧୧୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୧୯୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୬୯୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୪୯୭ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୧୬୯ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୨୮ଟି ଜିଲ୍ଲାରୁ ୧୧୯୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩୧୨ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪, ବାଲେଶ୍ୱର ଜିଲ୍ଲାରୁ ୧୯ ଜଣ, ଭଦ୍ରକରୁ ୧୨ ଜଣ, ବରଗଡ଼ରୁ ୧୨, ବଲାଙ୍ଗୀରରୁ ୧୨ଜଣ, ବୌ?ଦ୍ଧରୁ ୧୬ ଜଣ, କଟକରୁ ୧୦୯ ଜଣ, ଦେବଗଡ଼ରୁ ୩ ଜଣ, ଢେଙ୍କାନାଳରୁ ୩ ଜଣ, ଗଜପତିରୁ ୬ ଜଣ, ଗଞ୍ଜାମରୁ ୨, ଜଗତସିଂହପୁରରୁ ୧୫ ଜଣ, ଯାଜପୁରରୁ ୨୮ ଜଣ, ଝାରସୁଗୁଡ଼ାରୁ ୩୩ ଜଣ, କଳାହାଣ୍ଡି ଜିଲ୍ଲାରୁ ୬ ଜଣ, କନ୍ଧମାଳରୁ ୫ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୧ ଜଣ, କେନ୍ଦୁଝରରୁ ୧୪, ଖୋର୍ଦ୍ଧା ଜିଲ୍ଲାରୁ ୩୧୨, କୋରାପୁଟ ଜିଲ୍ଲାରୁ ୯ ଜଣ, ମୟୂରଭଞ୍ଜରୁ ୧୦୨ ଜଣ, ନବରଙ୍ଗପୁରରୁ ୧୨ ଜଣ, ନୟାଗଡ଼ ଜିଲ୍ଲାରୁ ୩୬ ଜଣ, ପୁରୀରୁ ୨୭ ଜଣ, ରାୟଗଡ଼ାରୁ ୧୯ ଜଣ, ସମ୍ବଲପୁରରୁ ୭୦ ଜଣ, ସୋନପୁରରୁ ୫୨ଜଣ, ସୁନ୍ଦରଗଡ଼ରୁ ୧୭୪ ଜଣ ଓ ଷ୍ଟେଟପୁଲରୁ ୭୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୦୩, ୧୯୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨,୮୬, ୯୧୫ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୭୦୯୩ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

## ପାକ୍ଷିକ ସମ୍ବାଦପତ୍ର ‘ଅରଭାନୀ ସମୟ’ର ଷୋଡ଼ଶ ସ୍ୱନକ୍ଷତ୍ର ଉନ୍ମୋଚିତ

ଭୁବନେଶ୍ୱର,୨୧/୦୭ (ନି.ପ୍ର): ପାକ୍ଷିକ ସମ୍ବାଦପତ୍ର ‘ଅରଭାନୀ ସମୟ’ର ଷୋଡ଼ଶ ସ୍ୱନକ୍ଷତ୍ର ଉତ୍ସବ ସ୍ଥାନୀୟ ୟୁନିଟ୍-୯ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ବାଗ୍ମୀ ତଥା କଂଗ୍ରେସ ସେବା ଦଳର ମୁଖ୍ୟ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଉଦ୍‌ଘାଟକ ଭାବେ ଶିକ୍ଷାବିତ୍ ବଦ୍ରୀନାଥ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ମାନବ ଅଧିକାର ଆୟୋଗର ସଦସ୍ୟ ମନୋଜ ଜେନା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରବି ରଥ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମୟରେ ସମ୍ବାଦପତ୍ର ବହୁ କଣ୍ଟକିତ ପଥ ଦେଇ ଗତି କରୁଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ‘ଦୁର୍ନୀତି ବିରୋଧରେ ଗଣମାଧ୍ୟମର ଭୂମିକା’ ଶୀର୍ଷକ ଆଲୋଚନା ଚକ୍ରରେ ଭାଗ ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ ଯେ, ଦୁର୍ନୀତି ବହୁ ପୂର୍ବରୁ ସମାଜରେ ରହିଥିଲା ଏବଂ ରହିବ ମଧ୍ୟ । ଏହାକୁ ପ୍ରତିହତ କରିବା ପାଇଁ ସମସ୍ତ ଗଣମାଧ୍ୟମ ଆଗେଇ ଆସିବା ସହିତ ବ୍ୟାପକସ୍ତରରେ ଏହା ବିରୁଦ୍ଧରେ ଜନମତ ସୃଷ୍ଟି କରିପାରିଲେ ଦୁର୍ନୀତିକୁ କିଛି ପରିମାଣରେ କମାଯାଇ ପାରିବ । ଏହି ଅବସରରେ ଅରଭାନୀ ସମୟର ଷୋଡ଼ଶ ସ୍ୱନକ୍ଷତ୍ରକୁ ଅତିଥିମାନେ ଉନ୍ମୋଚନ କରିଥିଲେ ।

# ସାର ବିତରଣରେ ଅନିୟମିତତା

## ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୧/୦୭ (ନି.ପ୍ର): ଚଳିତ ଖରିଫରେ ଆବଶ୍ୟକ ସାରର ସୁଷମ ବଂଟନକୁ ସୁନିର୍ଶ୍ଚିତ କରିବା ଏବଂ ଚାଷୀମାନେ ଯେପରି ଠିକ୍ ସମୟରେ ଉଚିତ ମୂଲ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ପାଇବେ ସେଥି ନିମନ୍ତେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସାରର ଯୋଗାଣ ଓ ବଂଟନକୁ ବ୍ୟବସ୍ଥିତ କରିବା ପାଇଁ ଯାଂଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଅତିରିକ୍ତ ମୁଖ୍ୟ ମୁଖ୍ୟ ଶାସନ ସଚିବ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସଂଜୀବ ଚୋପ୍ରା ସମସ୍ତ ଜିଲ୍ଲାପାଳମାନଙ୍କୁ ପତ୍ର ଲେଖି ସାର ବିକ୍ରିର ଯାଂଚ ବ୍ୟବସ୍ଥାକୁ ବ୍ୟାପକ ଓ କଡ଼ାକଡ଼ି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ସାରର ମହଜୁଦ ଓ କଳାବଜାରୀକୁ ରୋକିବା ଉଦ୍ଦେଶ୍ୟରେ ସତର୍କ ଦୃଷ୍ଟି ରଖିବା ନିମନ୍ତେ ଜିଲ୍ଲା ଓ ବ୍ଲକ୍ ସ୍ତରରେ ଯାଂଚକାରୀ ଦଳକୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ଚାଷୀମାନଙ୍କ ନିକଟରେ ପର୍ଯ୍ୟାପ୍ତ ପରିମାଣରେ ସାର ଉପଲବ୍ଧ କରାଇବା ପାଇଁ ବିଭାଗ ପକ୍ଷରୁ ବିଭିନ୍ନ କୋଅପରେଟିଭ୍ ସଂସ୍ଥାର ଡିଲର ଏବଂ ଘରୋଇ ଡିଲରମାନଙ୍କୁ ସାର ଯୋଗାଇ ଦିଆଯାଇଛି । ସାର ସଂଗ୍ରହକାରୀ ସଂସ୍ଥା ମାର୍କଫେଡ୍ ଓ ଓଡ଼ିଶା କୃଷି ଶିଳ୍ପ ନିଗମ ମାଧ୍ୟମରେ ଆବଶ୍ୟକ ପରିମାଣର ୟୁରିଆ ସାର ଯଥେଷ୍ଟ ପୂର୍ବରୁ ଡିଲରମାନଙ୍କୁ ଯୋଗାଇଦେବାର ବନ୍ଦୋବସ୍ତ କରାଯାଇଛି । ଏଥି ସହିତ ରାଜ୍ୟର ଆବଶ୍ୟକତା ଅନୁସାରେ ଡିଏପି ଓ ପଟାସ ସାର ଯୋଗାଇଦେବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି । ଚାଷୀଙ୍କୁ ସାର ଯୋଗାଣକୁ ସୁବ୍ୟବସ୍ଥିତ କରିବା ପାଇଁ ବିଭାଗ ପକ୍ଷରୁ ପ୍ରତି ଜିଲ୍ଲାରେ ବିଭାଗୀୟ ଯାଂଚକାରୀ ଦଳ ଗଠନ କରାଯାଇଛି । ପ୍ରତି ବ୍ଲକ୍ ରେ ଅଧିସୂଚିତ କ୍ଷେତ୍ରୀୟ ଅଧିକାରୀଙ୍କୁ ସାର ନିରୀକ୍ଷକ ଭାବେ ନିୟୋଜିତ କରାଯାଇଛି । ଜିଲ୍ଲା ଓ କ୍ଷେତ୍ର ସ୍ତରରେ ଯାଂଚ ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ ଓ କଡ଼ାକଡ଼ି କରିବା ଦିଗରେ ଜିଲ୍ଲାପାଳମାନେ ପଦକ୍ଷେପ ନେବା ସହିତ ଯାଂଚ କାରୀ ଦଳଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବା ପାଇଁ ପତ୍ରରେ କୁହାଯାଇଛି । ଏଥି ସହିତ ବିଭିନ୍ନ ର୍ୟାକ୍ ପଏଂଟରୁ ନିର୍ଦ୍ଧାରିତ ଜିଲ୍ଲାମାନଙ୍କୁ ସାରର ବିତରଣ ଓ ଯୋଗାଣ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଅନୁରୋଧ କରାଯାଇଛି ।

# ସ୍କୁଲ ପିଲାଙ୍କ ମୁଣ୍ଡପିଛା ଖର୍ଚ୍ଚ ୯ ବର୍ଷରେ ୧୭୨% ବୃଦ୍ଧି

ଭୁବନେଶ୍ୱର,୨୧/୦୭ (ନି.ପ୍ର): ଶିକ୍ଷା ଅଧିକାର ଆଇନ ଅନୁଯାୟୀ ପ୍ରାଥମିକ ସ୍କୁଲରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ମୁଣ୍ଡ ପିଛା ଖର୍ଚ୍ଚ ବୃଦ୍ଧି ପାଇଛି । ୯ ବର୍ଷରେ ପାଖାପାଖି ୧୭୨ ପ୍ରତିଶତ ବଢ଼ିଛି । ୨୦୧୪-୧୫ ଆର୍ଥିକ ବର୍ଷରେ ପିଲାଙ୍କ ପିଛା ୯୧୮୪ ଟଙ୍କା ଖର୍ଚ୍ଚ ହେଉଥିଲା । ଏହା ଧୀରେ ଧୀରେ ବୃଦ୍ଧି ଘଟି ୨୦୨୧-୨୨ ଆର୍ଥିକ ବର୍ଷରେ ୨୫ ହଜାର ୪୧ ଟଙ୍କାରେ ପହଞ୍ଚିଛି । ଯଦି ଦେଖାଯାଏ ୨୦୧୫-୧୬ରେ ପିଲାଙ୍କ ପିଛା ୧୦ ହଜାର ୯୩୯, ୨୦୧୬-୧୭ରେ ୧୨ ହଜାର ୬୦୨, ୨୦୧୭-୧୮ରେ ୧୪ ହଜାର ୩୧୫, ୨୦୧୮-୧୯ରେ ୧୭ ହଜାର ୩୭୦, ୨୦୧୯-୨୦ରେ ୨୧ ହଜାର ୨୪୭ ଟଙ୍କା ଲେଖାଏ ଖର୍ଚ୍ଚ କରାଯାଇଛି । ମାତ୍ର ୨୦୨୦-୨୧ ଆର୍ଥିକ ବର୍ଷରେ ପିଲାଙ୍କ ପିଛା ସର୍ବାଧିକ ୨୫ ହଜାର ୫୬ ଟଙ୍କା ଖର୍ଚ୍ଚ କରାଯାଇଥିଲା । ଏହା ପରବର୍ଷ ଅର୍ଥାତ୍ ୨୦୨୧-୨୨ରେ ତାହା ୧୫ ଟଙ୍କା ହ୍ରାସ ପାଇଛି । ସେହିପରି ୨୦୨୧-୨୨ ଶିକ୍ଷାବର୍ଷରେ ସମଗ୍ର ଶିକ୍ଷା ଅଧୀନରେ ୬ରୁ ୧୪ ବର୍ଷ ବୟସର ୫୯୮୨ଜଣ ଛାତ୍ରଛାତ୍ରୀଙ୍କୁ ପରିବହନ ସୁବିଧା ଯୋଗାଇ ଦିଆଯାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ନିୟମ ଅନୁଯାୟୀ ପ୍ରତି ପିଲା ପିଛା ୩ ହଜାର ଟଙ୍କା ଲେଖାଏ ଅନୁମୋଦନ ହୋଇଛି । ଗତ ମାର୍ଚ୍ଚ ସୁଦ୍ଧା ମୋଟ ୯୦ ଲକ୍ଷ ୩୦ ହଜାର ଟଙ୍କା ବ୍ୟୟ କରାଯାଇଥିବା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀଙ୍କ ପ୍ରଶ୍ନରେ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏଭଳି ଉତ୍ତର ରଖିଛନ୍ତି । ୧୬୭୨ଟି ସ୍କୁଲରେ ଜଣେ ଲେଖାଏଁ ଶିକ୍ଷକ ରାଜ୍ୟରେ ୩୦ ହଜାର ୩୭୭ ପ୍ରାଥମିକ ବିଦ୍ୟାଳୟ, ୧୯ହଜାର ୨୩୮ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୨୬୦୧ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ୧୦ ହଜାର ୧୭ ଉଚ୍ଚ ବିଦ୍ୟାଳୟ ତଥା ହାଇସ୍କୁଲ ରହିଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଧୀନ ୧୬୭୨ଟି ସ୍କୁଲରେ ଜଣେ ଲେଖାଏଁ ଶିକ୍ଷକ ରହିଛନ୍ତି । ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୧୭୧ଟି ସ୍କୁଲରେ, ଗଞ୍ଜାମ ଜିଲ୍ଲାରେ ୧୩୪ ସ୍କୁଲରେ ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି । ୪୩୫ ଟି ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ଜଣେ ଲେଖାଏଁ ଶିକ୍ଷକ ରହିଛନ୍ତି ।

# ଗ୍ରୀନ ଏଜି ପ୍ରୋଜେକ୍ଟର ଜିଲ୍ଲାସ୍ତରୀୟ ଟେକନିକାଲ ସପୋର୍ଟ ଗ୍ରୁପର ଅଧିବେଶନ



ବାରିପଦା, ୨୧/୦୭ (ନି.ପ୍ର): ଓଡ଼ିଶା ସରକାରଙ୍କ କୃଷି ବିଭାଗ ଅଧୀନରେ, ଏଫଏଓ- ଜଇଏଫ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଗ୍ରୀନ ଏଜି ପ୍ରୋଜେକ୍ଟ ର ଜିଲ୍ଲାସ୍ତରୀୟ ଟେକନିକାଲ ସପୋର୍ଟ ଗ୍ରୁପର ତୃତୀୟ ଅଧିବେଶନ ଆଜି ମୟୁରଭଂଜ ଜିଲ୍ଲାପାଳଙ୍କ ପୌରହିତ୍ୟରେ, ମୟୁରଭଂଜ ଜିଲ୍ଲା ଫେସିଲିଟେସନ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଶ୍ରୀ ହେମନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ, ଓଡ଼ିଶା ସରକାର, ଶ୍ରୀ ଆର .ବି ସିଂହା , ପ୍ରକଳ୍ପ ନିର୍ଦ୍ଦେଶକ , ଗ୍ରୀନ ଏଜି , ଡି.ଏଫ ଓ କରଞ୍ଜିଆ ଅଭାସୀ ମାଧ୍ୟମରେ ଅଂଶଗ୍ରହଣ କରିଥିଲେ । ଉକ୍ତ ସଭାରେ ଶ୍ରୀ ରାମଚନ୍ଦ୍ର ସୋରେନ, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ମୟୁରଭଂଜ, ଶ୍ରୀ ରବୀନ୍ଦ୍ର କୁମାର ଖଟୁଆ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ମୟୁରଭଂଜ, ଶ୍ରୀ ରମାକାନ୍ତ ଗିରି, ଉପ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ମୟୁରଭଂଜ, ଶ୍ରୀ ଭବାନୀ ଶଙ୍କର କାଲୋ, ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା, ମୟୁରଭଂଜ, ତଥା ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଶ୍ରୀ କାଲୋ, ସ୍ୱାଗତ ଭାଷଣ ପ୍ରଦାନ କରି ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଶିମିଳିପାଳ ଜୈବ ମଣ୍ଡଳର ସୁରକ୍ଷା ତଥା ବିଶ୍ୱ ପର୍ଯ୍ୟାବରଣ ହିତସାଧନ, ମହତ୍ୱପୂର୍ଣ୍ଣ ଜୈବ ବିବିଧତା ଓ ବନ ସଂରକ୍ଷଣ ନିମନ୍ତେ ଭାରତୀୟ କୃଷି ପଦ୍ଧତିରେ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ । ପ୍ରକଳ୍ପର ରାଜ୍ୟ ବୈଷୟିକ ସଂଯୋଜକ ସୁକାନ୍ତ କୁମାର ସାମଲ ଏବଂ ଜିଲ୍ଲା ସ୍ତରୀୟ ଟିମ ଲିଡର, ଶ୍ରୀ ଅମରଜୀତ ମିଶ୍ର ପ୍ରକଳ୍ପର ଅଗ୍ରଗତି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଉକ୍ତ ବୈଠକ ରେ ଗ୍ରାମ୍ୟ ସ୍ତରରେ ଗ୍ରୀନ ଏଜି ପ୍ରକଳ୍ପ କୁ କାର୍ଯ୍ୟକାରୀ କରିବା ନିମନ୍ତେ ୬୬ ଗୋଟି ଗ୍ରାମ ଅନୁମୋଦନ ହେବା ପାଇଁ ପ୍ରସ୍ତାବ ରଖା ଯାଇଥିଲା । ବିଭିନ୍ନ ବିଭାଗର ସମନ୍ୱୟ ରେ ପ୍ରକଳ୍ପର ସଫଳ ରୂପାୟନ ପାଇଁ ଜିଲ୍ଲାପାଳ ଦିଗଦର୍ଶନ ଦେଇଥିଲେ । ସର୍ବଶେଷ ରେ ଶ୍ରୀ ଅଶୋକ କୁମାର ନାୟକ ଟିମ ତରଫ ରୁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଳେଶ୍ୱର ମହିଳା ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନର ପାଠଚକ୍ର

ଜଳେଶ୍ୱର, ୨୧/୦୭ (ନି.ପ୍ର): ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀମାନେ ଅବହେଳିତ, ନିର୍ଯ୍ୟାତିତ ହେଉଥିବାରୁ ସରକାର ତଥା ସାମାଜିକ ଅନୁଷ୍ଠାନ ମାନେ ଏହାକୁ ପ୍ରତିହତ କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ନାରୀମାନଙ୍କ ସୁରକ୍ଷା, ଅଧିକାର ଓ କର୍ତ୍ତବ୍ୟ ସଂପର୍କରେ ସମ୍ବିଧାନରେ ବିଶେଷ ନିୟମ ଥିବା ବେଳେ ଏହାକୁ କାର୍ଯ୍ୟକାରୀ କରିବାଲାଗି ସବୁ ସ୍ତରରୁ ପ୍ରୟାସ ଆରମ୍ଭ ହେବା ଉଚିତ୍ ବୋଲି ଜଳେଶ୍ୱର ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ପାଠଚକ୍ରରେ ମତ ପ୍ରକାଶ ପାଇଛି । ଏଥିରେ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ଦେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ କମଳାକାନ୍ତ ଚାନ୍ଦ ଯୋଗ ଦେଇ ନାରୀ ଆଗେଇଲେ ସମାଜ ଆଗେଇବ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପକ ସଂଗ୍ରାମ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ଡ. ଲିପ୍ସା ଦାସ ଅତିଥିପରିଚୟ ଓ ଆଭିମୁଖ୍ୟ ପ୍ରଦାନ କରିଥିଲେ । ଚନ୍ଦ୍ର ଶେଖର ଗିରି ଧନ୍ୟବାଦ ଅର୍ପଣ କରିଥିଲେ । ରାଜନନ୍ଦିନୀ ଜେନା, ରଶ୍ମିତା ଜେନା, ଗୀତାରାଣୀ ଜେନା, ସସ୍ମିତା ପରିଡା, ସୁସ୍ମିତା ସିଂହ ପ୍ରମୁଖ ସନ୍ଦର୍ଭପାଠ କରିଥିଲେ ।

## ଜାମ୍ମୁ-ଶ୍ରୀନଗର ରାଜମାର୍ଗ ଭୂସ୍ଖଳନ ପାଇଁ ବନ୍ଦ

ରାମବନ, ୨୧/୦୭ (ନି.ପ୍ର): ରାମବନ ଜିଲ୍ଲାରେ ବୁଧବାର ରାତିରୁ ଜାରି ପ୍ରବଳ ବର୍ଷା କାରଣରୁ ହୋଇଥିବା ଭୂସ୍ଖଳନ ପାଇଁ ଜାମ୍ମୁ-ଶ୍ରୀନଗର ରାଜମାର୍ଗ ଯାତାୟାତ ପାଇଁ ଗୁରୁବାର ଦିନ ବନ୍ଦ ଅଛି । ଏହାମଧ୍ୟରେ ଜାମ୍ମୁରୁ ଅମରନାଥ ଯାତ୍ରା ପାଇଁ ବାହାରିଥିବା ଭକ୍ତଙ୍କ ଗାଡ଼ିକୁ ଚନ୍ଦ୍ରକୋଟରେ ରୋକି ଦିଆଯାଇଛି । ରାଜମାର୍ଗ ସଫା ହେବା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ରହିବା ଏବଂ ଖାଇବା ପିଇବା ସହିତ ସମସ୍ତ ବ୍ୟବସ୍ଥା ପ୍ରଶାସନ ଦ୍ୱାରା ଚନ୍ଦ୍ରକୋଟରେ କରାଯାଇଛି ।

# ଷାଠିଏ ନମ୍ବର ରାଜପଥରେ ଦୁର୍ଘଟଣା ୧ ଗୁରୁତର



ବସ୍ତା, ୨୧/୦୭ (ନି.ପ୍ର): ୬୦ ନମ୍ବର ଜାତୀୟ ରାଜପଥ ରାଜଘାଟ ପୁରୁଣା ଟୋଲଗେଟ ଠାରେ ଅଜଣା ଗାଡି ଧକ୍କା ରେ ବାଇକ ଆରୋହୀ ଗୁରୁତର, ତାଙ୍କୁ ଉଦ୍ଧାରକରି ସ୍ଥାନିୟ ଲୋକେ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ସ୍ଥାନାନ୍ତର କରିଛନ୍ତି । ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ୬୦ ନମ୍ବର ଜାତୀୟ ରାଜପଥ ବସ୍ତା ଥାନା ଅନ୍ତର୍ଗତ ପୁରୁଣା ଟୋଲଗେଟ ଠାରେ ଅଜଣା ଗାଡି ଧକ୍କା ରେ ବାଇକ ଆରୋହୀ ଜଣଙ୍କ ଗୁରୁତର, ହୋଇଥିଲେ । ବାଇକ ଆରୋହୀ ଜଣଙ୍କ ଜଳେଶ୍ୱର ରୁ ଅମର୍ଦା ରୋଡ ଆସୁଥିବା ବେଳେ ଏକ ପଛରୁ ଦ୍ରୁତଗାମୀ ଅଜଣା ଗାଡି ଧକ୍କା ଦେଇଥିଲା ଫଳ ରେ ବାଇକ ଆରୋହୀ ଜଣଙ୍କ ଛିଟିକି ଯାଇପଡ଼ିଥିଲେ । ଫଳରେ ସ୍ଥାନୀୟ ଲୋକ ସଙ୍ଗେ ସଙ୍ଗେ ପହଞ୍ଚି ଜାତୀୟ ରାଜପଥ ଆମ୍ବୁଲାନ୍ସ କୁ ଖବର ଦେଇଥିଲେ ।ରାଜ ପଥ ଗାଡି ପହଞ୍ଚିବାପରେ ସ୍ଥାନୀୟ ଲୋକ ଘଟଣାସ୍ଥଳରୁ ଗୁରୁତର କୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ବାଇକ ଆରୋହୀ ଜଣଙ୍କ ହେଲେ ବଡଚାରି ଗାଁ ଗ୍ରାମର କାର୍ତ୍ତିକ ଚନ୍ଦ୍ର ସେନାପତି ବୋଲି ଜଣାପଡିଛି । ଖବରପାଇ ବସ୍ତା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

# ବ୍ୟାଙ୍କ ଅଫ୍ ବରୋଦା ବନ୍ତଛକ ଶାଖା ତରଫରୁ ୧୧୫ତମ ପ୍ରତିଷ୍ଠା ଦିବସ ପାଳିତ



ଭଦ୍ରକ,୨୧/୦୭ (ନି.ପ୍ର): ବ୍ୟାଙ୍କ ଅଫ୍ ବରୋଦା, ବନ୍ତଛକ ଶାଖା ପକ୍ଷରୁ ବ୍ୟାଙ୍କର ୧୧୫ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ବ୍ୟାଙ୍କ ଶାଖା ପରିଚାଳକ ଦେବାଶିଷ ପାଗଳଙ୍କ ତତ୍ତ୍ୱାବଧାନରେ ଦିବସ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା । ପୂର୍ବାହ୍ଣରେ ବ୍ୟାଙ୍କ ପରିସରରେ ପୂଜା, ଯଜ୍ଞ ଆଦି କରାଯାଇଥିଲା । ପରେ ବୃକ୍ଷରୋପଣ କରାଯାଇ ବ୍ୟାଙ୍କ କାର୍ଯ୍ୟ ସମୟରେ କେକ୍ କଟାଯାଇ ଗ୍ରାହକଙ୍କୁ ବଣ୍ଟନ କରାଯାଇଥିଲା । ଏହି ଅବସରରେ ବାର୍ତ୍ତା ଦେଇ ଶାଖା ପରିଚାଳକ ଶ୍ରୀଯୁକ୍ତ ପାଗଳ କହିଥିଲେ କି ଏହି ବ୍ୟାଙ୍କ ଏକ ଜାତୀୟ ସ୍ତରର ବ୍ୟାଙ୍କ, ଯାହା ସମସ୍ତ ଗ୍ରାହକଙ୍କୁ ସମସ୍ତ ସୁବିଧା ଯୋଗାଇଥାଏ । କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ସାଧାରଣ ଲୋକ ଯେପରି ପାଇ ପାରିବେ, ସେ ଦିଗରେ ଏହି ବ୍ୟାଙ୍କ ସର୍ବଦା ଯତ୍ନଶୀଳ ବୋଲି କହିଥିଲେ । କ୍ଷେତ୍ର ପ୍ରବନ୍ଧକ ରଣଜିତ୍ କୁମାର ଓ ଉପକ୍ଷେତ୍ର ପ୍ରବନ୍ଧକ ନିରାକାର ରଥଙ୍କ ବାର୍ତ୍ତା ପାଠ କରାଯାଇଥିଲା । ଅପରାହ୍ଣରେ ଚଣ୍ଡିଗାଁ ପଞ୍ଚାୟତ ପଗଡ଼ ଠାରେ ଥିବା ମାନବ ସେବା କନ୍ୟାଶ୍ରମର ଅନ୍ତେବାସିନୀଙ୍କୁ ରାସନ, ସଉଦାପତ୍ର ପ୍ରଦାନ କରିବା ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଏହି ଦିବସ ବ୍ୟାପୀ କାର୍ଯ୍ୟକ୍ରମରେ ବ୍ୟାଙ୍କର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ଦାୟିତ୍ୱ ଗ୍ରହଣ କଲେ ଗଗନଧୂଳି ସମବାୟ ସମିତି ସଭାପତି



ଖଇରା, ୨୧/୦୭ (ନି.ପ୍ର): ଖଇରା ବ୍ଲକ ଅଧୀନ ଗଗନଧୁଳୀ ସେବା ସମବାୟ ସମିତି ପରିଚାଳନା ବୋର୍ଡ ସଭାପତି ଭାବେ ହରେକୃଷ୍ଣ ଶତପଥି ନିର୍ଦ୍ୱନ୍ଦରେ ବିଜୟୀ ହେବା ପରେ ଗୁରୁବାର ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଚାଷୀଙ୍କ ହିତ ତାଙ୍କର ପ୍ରାଥମିକତା ହେବ ବୋଲି ଦାୟିତ୍ୱ ଗ୍ରହଣ ଅବସରରେ ସେ ପ୍ରକାଶ କରିଛନ୍ତି । ସମିତିର ସମ୍ପାଦକ ଗଗନ ଜେନା, ସରପଞ୍ଚ ମଦନ ମୋହନ ସାନ୍ତରା ଓ ଗୀତାଞ୍ଜଳୀ ବେହେରା, ଜିଲ୍ଲା ପରିଷଦ ସଭ୍ୟ ମାନସ ଦାଶ, ପ୍ରାକ୍ତନ ସରପଞ୍ଚ କରୁଣାକର ଜେନା ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ । ସମିତି କର୍ମଚାରୀ ଗଜେନ୍ଦ୍ର ସାହୁ, ଜୟନ୍ତୀ ସାହୁ, ଜଗବନ୍ଧୁ ମହାରଣା, ପ୍ରଭାକର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଦ୍ରୌପଦୀ ମୁର୍ମୁଙ୍କ ପାଇଁ ବସ୍ତା ଅଞ୍ଚଳରେ ବିଜୟ ଉତ୍ସବ ପାଳିତ



ବସ୍ତା, ୨୧/୦୭ (ନି.ପ୍ର): ଶ୍ରୀମତୀ ମହା ମହିମ ଦୌପଦୀ ମୁର୍ମୁ ରାଷ୍ଟ୍ରପତି ନିବାଚିତ ହେବା ନେଇ ବସ୍ତା ଅଞ୍ଚଳରେ ସବୁ ମହଲରେ ଚଳଚଞ୍ଚଳ ହେବା ଦେଖିବାକୁ ମିଳିଛି । ଓଡିସା ବାସୀଙ୍କର ସାନ ବାନ ମାନ ସାଜି ଭାରତ ର ପ୍ରଥମ ନାଗରିକ ମାନ୍ୟତା ପାଇ ବା ସହିତ ଓଡିଶା ବାସୀଙ୍କୁ ଗୌରବାନିତ କରିଛନ୍ତି ଏହି ଅବସରରେ ବସ୍ତା ନିର୍ବାଚନ ମଣ୍ଡଳୀର ସବୁଠି ଖୁସିର ଆସର ଜମିଛି । ସେହିପରି ବସ୍ତା ବିଜେପି ମଣ୍ଡଳ ପକ୍ଷରୁ ମଥାନୀ ଛକ ନିକଟରେ ପାଟି ଅଫିସ କାର୍ଯ୍ୟାଳୟରେ ବସ୍ତା ବିଜେପି ମଣ୍ଡଳ ସଭାପତି ରଞ୍ଜନକୁମାର ମହାନ୍ତିଙ୍କ ତତ୍ୱାବଧାନରେ ସାଂସଦ ପ୍ରତିନିଧି ପ୍ରଦୀପ ପଣ୍ଡା, ବିଜେପି ନେତା ଦେବାଶିଷ ମହାପାତ୍ର, କୃଷକମୋର୍ଚ୍ଚା ର ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ ସାହୁ, ସାଧାରଣ ସମ୍ପାଦକ ଅଭିରାମ ମଲ୍ଲିକ, ଦିନକୃଷ୍ଣ ବେହେରା, ରମେଶରାଉଳଦୁଧହଂସା ପଞ୍ଚାୟତର, ପ୍ରଭାରୀ ପ୍ରକାଶକୁଣ୍ଡୁ, ବାଦଲ ଦାସ, ଦେବାନନ୍ଦ ଦାସ, ପୁରୋଷତ୍ତମ ଦାସ, ସମେତ ବହୁ କର୍ମୀ ଉପସ୍ଥିତ ରହି ଆନନ୍ଦ ଉତ୍ସବ ପାଳନ କରିଥିବାବେଳେ ପର ସ୍ପରକୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ସେହିପରି ମାଗୁଣିଚରଣ ବାଳାଶ୍ରମରେ ୧୮୦ଜଣ ଅନ୍ତେବାସୀ ଛାତ୍ରମାନେ ନାଚି ଗୀତ ଗାଇ ଆନନ୍ଦ ଉଲ୍ଲାସ ପାଳିଥିଲେ ସେଥିରେ ଆଶ୍ରମର ଅଧ୍ୟକ୍ଷ ହରିହର ମହାପାତ୍ର, ପ୍ରଶନ୍ନକୁମାର ସେନାପତି, ପ୍ରଭାତବେହେରା, ଫୁଷ୍ପଲତାଜେନା, ପ୍ରଜ୍ଞାପିତା ବେହେରା, ସୁବ୍ରତ ମହାପାତ୍ର, କାହ୍ନୁସିଂ, କାଜଲ ଘଡେଇ, ଫୁଲମଣୀ ଗିରି, ଅର୍ଚ୍ଚନା ମହାପାତ୍ର, ସମେତ ଆଶ୍ରମର ସମସ୍ତ କର୍ମଚାରୀ ମିଷ୍ଟାନ ବଣ୍ଟନ କରାଯାଇଥିଲା ।

## ଗୋଟିଏ ରାତିରେ ପୃଥକ ପୃଥକ ଜାଗାରେ ଚୋରୀ

ବସ୍ତା, ୨୧/୦୭ (ନି.ପ୍ର): ବସ୍ତା ଥାନାର ବରୁଣଗଡିଆ ଗ୍ରାମରେ ମନ୍ଦିର ସ୍କୁଲରୁ ବହୁଟଙ୍କାର ମୂଲ୍ୟବାନ ସାମଗ୍ରି ଚୋରି ହୋଇଥିବାନେଇ ବସ୍ତା ରେ ଅଭିଯୋଗ ହୋଇଛି । ସୁଚନା ଥାଉକି ଉକ୍ତ ଗ୍ରାମରେ ଏକ ମନ୍ଦିର ଓ ସେହି ଗ୍ରାମରେ ଥିବା ହାଇସସ୍କୁଲ ରେ ଚୋର ଗତକାଲିରେ ତାଲାଭାଙ୍ଗି ମନ୍ଦିର ଥିବାପୂଜା ପାଇଁ ଘଣ୍ଟି, ପିତ୍ତଳ ବତ୍ରନ, ସ୍କୁଲରୁ ପିଲାଙ୍କପାଇଁ ରନ୍ଧାସାମଗ୍ରି ଚୋରି କରିଛନ୍ତି ଖବର ପାଇ ବସ୍ତା ପୋଲିସ ଘଟଣା ଘଟିଥିବା ଯାଗାକୁ ଯାଇ ତଦନ୍ତ ଯାରି ରଖିଥିବା ଜଣାପଡିଛି ।

## ସରପଞ୍ଚଙ୍କ ସ୍ୱଚ୍ଛତା ଅଭିଯାନ : ଆବର୍ଜନା ବାହାରେ ନଫିଙ୍ଗିବାକୁ ପରାମର୍ଶ ଦେଲେ

ଖଇରା, ୨୧/୦୭ (ନି.ପ୍ର): ଖଇରା ବ୍ଲକ ଅଧୀନ ତୁଡିଗଡିଆ ବଜାରକୁ ସଫା ସୁତୁରା ତଥା ପରିଷ୍କାର ପରିଚ୍ଛନ୍ନ ରଖିବାକୁ ସ୍ଥାନୀୟ ଗଗନଧୂଳୀ ପଞ୍ଚାୟତର ସରପଞ୍ଚ ମଦନ ସାନ୍ତରାଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି । ଗୁରୁବାର ବିଭିନ୍ନ ୱାର୍ଡର ସଭ୍ୟ ମାନଙ୍କୁ ସାଥି କରି ସ୍ୱଚ୍ଛତା ସମ୍ପର୍କରେ ବ୍ୟବସାୟୀ ମାନଙ୍କୁ ସଚେତନ କରାଇଥିଲେ । ଅଳିଆ ବାହରେ ନଫିଙ୍ଗି କୁଣ୍ଡରେ ପକାଇଲେ ପଞ୍ଚାୟତ ନିଜସ୍ୱ ଉଦ୍ୟମରେ ଏହାକୁ ସଂଗ୍ରହ କରିବ । ଫଳରେ ଜଳନିଷ୍କାସନ ପ୍ରଭାବିତ ହେବ ନାହିଁ ଏବଂ ବଜାରର ସୌନ୍ଦର୍ଯ୍ୟ ମଧ୍ୟ ବଢିବ ବୋଲି ପ୍ରତ୍ୟେକ ବ୍ୟବସାୟୀଙ୍କୁ ପରାମର୍ଶ ଦେଇଥିଲେ । ୱାର୍ଡସଭ୍ୟ କୃଷ୍ଣଚନ୍ଦ୍ର ଧଡା, ଯୁଧିଷ୍ଠିର ମହାପାତ୍ର,ପ୍ରଭାକର ପଲେଇ,ବାସନ୍ତୀଲତା ଦାସ, ସବିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ନୀଳଗିରିରେ ଦ୍ରୌପଦୀ ମୁର୍ମୁଙ୍କ ବିଜୟୀ ପାଇଁ ବିଜୟ ଉତ୍ସବ

ନୀଳଗିରି, ୨୧/୦୭ (ନି.ପ୍ର): ଓଡ଼ିଶା ମାଟିର ରାଷ୍ଟ୍ରପତି ପ୍ରାର୍ଥୀନୀ ଦ୍ରୌପଦୀ ମୁର୍ମୁଙ୍କ ବିଜୟ ପାଇଁ ଆଜି ନୀଳଗିରି ନିର୍ବାଚନ ମଣ୍ଡଳୀରେ ବିଜୟୀ ପାଇଁ ମହାସମାରୋହରେ ବିଜୟୀ ଉତ୍ସବ ପାଳନ କରାଯାଇଅଛି । ଏହି ଅବସରରେ ଜାତି, ଧର୍ମ, ବର୍ଣ୍ଣ, ରାଜନୀତିରୁ ଉର୍ଦ୍ଧ୍ୱରେ ଥାଇ ଦ୍ରୌପଦୀ ମୁର୍ମୁଙ୍କ ବିଜୟ ପାଇଁ ବିଭିନ୍ନ ଦେବାଳୟମାନଙ୍କରେ ପୂଜାର୍ଚ୍ଚନା କରାଯିବା ସହ ହଜାର ହଜାର ମିଠାଇ ବଂଟନ କରିଛନ୍ତି । ନୀଳଗିରିରେ ଥିବା ମା ବୁଢ଼ୀବାସୁଳୀ ପୀଠରେ ଶ୍ରୀମତୀ ମୁର୍ମୁ ଅନେକ ବାର ପୂଜାର୍ଚ୍ଚନା କରିଥିବା ବେଳେ ଆଜି ତାଙ୍କର ବିଜୟ ପାଇଁ ଉକ୍ତ ଦେବୀପୀଠରେ ପୂଜାର୍ଚ୍ଚନା କରାଯାଇଛି । ନୀଳଗିରି ବିଜେପି ଦଳ ପକ୍ଷରୁ ଏ ସମସ୍ତ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଦେଖିବାକୁ ମିଳିଛି । ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ମଣ୍ଡଳରେ ମିଠେଇ ବଂଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଗଙ୍ଗାଧର ମିଶ୍ର, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସମରଶଙ୍କର କାନୁନଗୋ, ଉପେନ୍ଦ୍ର ଦାସ, ରେଣୁ ବିଶ୍ୱାଳ, ପ୍ରଫୁଲ୍ଲ ଦଳାଇ, ଉଷାରାଣୀ ରାଉଳ, ବସନ୍ତ ରାଉଳ, ରାଧାଗୋବିନ୍ଦ ଖଟୁଆ, ଅକ୍ଷୟ ବେହେରା, କରୁଣାକର ପଣ୍ଡା, ତାପସ ମହାନ୍ତି, ମନୋରଂଜନ ବେହେରା, ରାମଚନ୍ଦ୍ର ଦାସ, ସୁବାଶିଷ ଆଚାର୍ଯ୍ୟ, ନଟୁ ସରକାର, ରାମକୃଷ୍ଣ ମହାପାତ୍ର, ଦେବାଶିଷ ଆଚାର୍ଯ୍ୟ ସମେତ ବହୁ ବିଜେପି କର୍ମୀ ବିଜୟ ଉତ୍ସବରେ ସାମିଲ ହୋଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଓଡ଼ିଆ ଝିଅ ଦ୍ରୌପଦୀ ହେଲେ....

ଭୋଟ ମୂଲ୍ୟ ୨,୬୧,୦୬୨ । ଭୋଟ ମୂଲ୍ୟ ୫୦% ଅତିକ୍ରମ କରି ଯାଇଥିବାରୁ ଦ୍ରୌପଦୀ ମୁର୍ମୁ ଗୋଟିଏ ରାଉଣ୍ଡ ଗଣତି ପୂର୍ବରୁ ହିଁ ଦେଶର ୧୫ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି । ଶେଷ ରାଉଣ୍ଡ ପରେ ଶ୍ରୀମତୀ ମୁର୍ମୁ ମୋଟ ଉପରେ କେତେ ଭୋଟ ପାଇଛନ୍ତି, ତାହା ସ୍ପଷ୍ଟ ହେବ । ୧୫ ଜଣ ସାଂସଦଙ୍କ ଭୋଟ ନାକଚ ହୋଇଛି । ଅର୍ଥାତ ଏମାନେ ଠିକ୍ ଭାବେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେବାରେ ଅକ୍ଷମ ହୋଇଛନ୍ତି । ସେହିପରି ୧୭ ଜଣ ବିରୋଧୀ ସାଂସଦ କ୍ରସ ଭୋଟିଂ କରିଛନ୍ତି । ପ୍ରଥମ ରାଉଣ୍ଡ ରେଜଲ୍ଟ ସାମ୍ନାକୁ ଆସିବା ପରେ ହିଁ ସାରା ଦେଶରେ ଆରମ୍ଭ ହୋଇଥିଲା ଉତ୍ସବ । ଦ୍ରୌପଦୀ ମୁର୍ମୁଙ୍କ ଜନ୍ମ ସ୍ଥାନ ରାଇରଙ୍ଗପୁର ଘର ଠାରୁ ଆରମ୍ଭ କରି ଦେଶର ବିଭିନ୍ନ ସ୍ଥାନରେ ବିଜେପି ସମର୍ଥକମାନେ ସେଲିବ୍ରେସନ ଆରମ୍ଭ କରିଥିଲେ । ପାରମ୍ପରିକ ବାଦ୍ୟଯନ୍ତ୍ର ସହ ପରସ୍ପରକୁ ମିଠା ଖୁଆଇ ସେମାନେ ମୁର୍ମୁଙ୍କ ପାଇଁ ଉତ୍ସବ ପାଳନ କରିଥିଲେ । ବିଜୟ ଉତ୍ସବ ପାଳନ କରାଯାଉଥିଲେ ହେଁ ଚୂଡ଼ାନ୍ତ ଫଳାଫଳ ପ୍ରକାଶ ପାଇ ନଥିଲା । ତଥାପି ମୁର୍ମୁ ଜିତିବା ଆଶାରେ ସମସ୍ତେ ଉତ୍ସବ ପାଳନ କରିଥିଲେ । ଫାଇନାଲ ରେଜଲ୍ଟ ବାହାରିବା ପରେ ଦ୍ରୌପଦୀଙ୍କ ସମର୍ଥକମାନେ ନିଜର ବିଜୟ ଉତ୍ସବକୁ ଆହୁରି ଜୋରଦାର କରିଛନ୍ତି । ଦ୍ରୌପଦୀଙ୍କ ପାଇଁ ରାଇରଙ୍ଗପୁରରେ ୨୦ ହଜାରରୁ ଅଧିକ ମିଠା ବଂଟା ଯାଇଛି । ସେହିପରି ତାଙ୍କ ଘର ଆଗରେ ମଧ ଶହଶହ ଲୋକ ଏକାଠି ହୋଇ ଖୁସିରେ ନାଚୁଥିବା ବେଳେର ଦୃଶ୍ୟ ସାମ୍ନାକୁ ଆସିଛି । କେବଳ ରାଇରଙ୍ଗପୁରରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଦ୍ରୌପଦୀଙ୍କ ବିଜୟ ପାଇଁ ଉତ୍ସବ ପାଳନ କରାଯାଇଛି । ସେ ପ୍ରଥମ ଓଡ଼ିଆ ଭାବେ ଦେଶର ସର୍ବୋଚ୍ଚ ପଦ ଅଳଂକୃତ କରିଥିବାରୁ ତାଙ୍କ ପାଇଁ ପୂରା ରାଜ୍ୟ ଆଜି ଗର୍ବରେ ଫାଟି ପଡ଼ିଛି ।

## ଦ୍ରୌପଦୀ ମୁର୍ମୁଙ୍କ ବିଜୟରେ....

କହିଛନ୍ତି ଯେ ଆଜି ଦେଶ ପାଇଁ ଏକ ଐତିହାସିକ ଦିନ । ଜନଜାତି ଜନନେତ୍ରୀ ଶ୍ରୀମତୀ ମୁର୍ମୁଙ୍କୁ ଦେଶର ୧୫ତମ ରାଷ୍ଟ୍ରପତି ଭାବେ ଘୋଷଣା କରାଯାଇଛି । ମୟୂରଭଞ୍ଜ ଜିଲ୍ଲାର ଏକ ସାଧାରଣ ସାଧାରଣ ଜନଜାତି ପରିବାରରୁ ଆସି ଶ୍ରୀମତୀ ମୁର୍ମୁ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀକୁ ଅଳଙ୍କୃତ କରିବାକୁ ଯାଉଥିବାରୁ ସମାଜର ବଞ୍ଚିତ, ମହିଳା, ଜନଜାତି ତଥା ଓଡ଼ିଶା ସମେତ ପୂର୍ବ ଭାରତରେ ଅପୂର୍ବ ଆନନ୍ଦର ଲହରୀ ଖେଳିଯାଇଛି । ସାଧାରଣ ପରିବାରରୁ ଆସି ଏକ ସାଧାରଣ କାର୍ଯ୍ୟକର୍ତ୍ତା ଦେଶର ରାଷ୍ଟ୍ରପତି ହେବା ଆମ ଗଣତନ୍ତ୍ରର ସବୁଠୁ ବଡ଼ ଉପଲବ୍ଧି । ଶ୍ରୀମତୀ ମୁର୍ମୁଙ୍କ ପାଇଁ ଓଡ଼ିଶାବାସୀ ଗୌରବାନ୍ୱିତ ଏବଂ ଜଣେ ଓଡ଼ିଆ ଭାବରେ ମୁଁ ଗର୍ବିତ । ତାଙ୍କ କାର୍ଯ୍ୟରୁ ଜନଜାତି ଓ ମହିଳାଙ୍କ ପ୍ରତି ଥିବା ତାଙ୍କର ସମ୍ବେଦନଶୀଳତା, କର୍ତ୍ତବ୍ୟବୋଧର ପ୍ରମାଣ ମିଳେ । ଦେଶରେ ପ୍ରାୟ ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ଜନସଂଖ୍ୟା ମହିଳା ଥିବା ବେଳେ ଏହି ପୃଷ୍ଠଭୂମିର ନେତୃତ୍ୱଙ୍କୁ ରାଷ୍ଟ୍ରପତି କରି ଆଜି ଦେଶ ବିଜୟ ସହ ନୂଆ ଇତିହାସ ସୃଷ୍ଟି କରିଛି । ଜନଜାତି ସମାଜର ଭଗବାନ ବିର୍ସା ମୁଣ୍ଡା, ଲକ୍ଷ୍ମଣ ନାୟକ, ମାଧୋ ସିଂହ ଦେଶକୁ ସ୍ୱାଧୀନତା ଦେବା ପାଇଁ ବଳିଦାନ ଦେଇଥିଲେ । ଆଜି ସେହି ସମାଜରୁ ଜନଜାତି ଜନନେତ୍ରୀ ଶ୍ରୀମତୀ ମୁର୍ମୁ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ଆନନ୍ଦର ବିଷୟ ବୋଲି ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି । ପ୍ରଥମ ଓଡ଼ିଆ ଏବଂ ଦେଶର ପ୍ରଥମ ଜନଜାତି ମହିଳା ଭାବେ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହେବା ଅବସରରେ ଦିଲ୍ଲୀରେ ବସବାସ କରୁଥିବା ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ଓଡ଼ିଆ ଭାଇ ଭଉଣୀମାନେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସରକାରୀ ବାସଭବନରେ ଏକାଠୀ ହୋଇଥିଲେ । ସେଠାରେ ପାରମ୍ପରିକ ନୃତ୍ୟ ଗୀତ ସହ ଏକ ଉତ୍ସବର ବାତାବରଣ ତିଆରି ହୋଇଥିଲା ।

## ସମନ ପରେ ଇଡିରେ ହାଜର....

ବିକ୍ଷୋଭ କରିଛି । ଇଡି ଭଳି କେନ୍ଦ୍ରୀୟ ସଂସ୍ଥାକୁ ହାତବାରିସି କରି ମୋଦୀ ସରକାର ବିରୋଧୀମାନଙ୍କୁ ଜାଣିଶୁଣି ହଇରାଣ କରୁଥିବା କଂଗ୍ରେସ ନେତା ଅଭିଯୋଗ କରିଛନ୍ତି । ସେହିପରି ଦିଲ୍ଲୀ, ମହାରାଷ୍ଟ୍ର, ରାଜସ୍ଥାନ, କର୍ଣ୍ଣାଟକ ସବୁଠୁ କଂଗ୍ରେସ କର୍ମୀମାନେ ବିକ୍ଷୋଭ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ, ବିଜେପି "ସତ୍ୟକୁ ଡରୁଛି, ତେଣୁ ବିରୋଧୀଙ୍କୁ ହଇରାଣ କରିବାକୁ କେନ୍ଦ୍ରୀୟ ସଂସ୍ଥାର ଅପବ୍ୟବହାର କରୁଛି । ନ୍ୟାସନାଲ ହେରାଲ୍ଡ ମାମଲାରେ ପୂର୍ବରୁ ସୋନିଆଙ୍କୁ ଦୁଇ ଦୁଇ ଥର ଇଡି ସମନ ପଠାଇସାରିଥିବାବେଳେ ସୋନିଆ ନିଜର ଅସୁସ୍ଥତା ଦର୍ଶାଇ ଜେରା ପାଇଁ ହାଜର ହୋଇନଥିଲେ । ତେବେ ୩ୟ ଥର ସମନ ପରେ ହାଜର ହୋଇଛନ୍ତି ସୋନିଆ । ପୂର୍ବରୁ ୫ଥର କଂଗ୍ରେସର ସାଂସଦ ରାହୁଲ ଗାନ୍ଧୀଙ୍କୁ ଜେରା କରିସାରିଛି ପ୍ରବର୍ତନ ନିର୍ଦ୍ଦେଶାଳୟ ।

## ଚାଲିଗଲେ ଟେଲି ଅଭିନେତ୍ରୀ....

ଅନ୍ୟ ଉଲ୍ଲେଖନୀୟ ଧାରାବାହିକଗୁଡ଼ିକ ଭିତରେ ରହିଛି 'ବସୁନ୍ଧରା', 'ସଂସ୍କାର', 'ସ୍ୱାଭିମାନ', 'ଦେବୀ', 'କୁମକୁମ୍' ଇତ୍ୟାଦି । ସେ ପ୍ରଥମେ ଆଙ୍କରିଂ ଜରିଆରେ ଗ୍ଲାମର ଦୁନିଆକୁ ପ୍ରବେଶ କରିଥିଲେ ମଧ ଧାରାବାହିକରେ ହିଁ ବିଶେଷ ଲୋକପ୍ରିୟତା ହାସଲ କରିଥିଲେ । ରାଜେଶ୍ୱରୀଙ୍କୁ କେତୋଟି ଚଳଚ୍ଚିତ୍ରରେ ବି ଦେଖିବାକୁ ମିଳିଥିଲା । ତାଙ୍କ ପ୍ରଥମ ଚଳଚ୍ଚିତ୍ର ହେଉଛି ବସନ୍ତ ସାହୁଙ୍କ ନିର୍ଦ୍ଦେଶିତ 'ସତ୍ୟମେବ ଜୟତେ' । ଏହାପରେ ସେ ଏନ୍ ପାଢ଼ୀଙ୍କ ନିର୍ଦ୍ଦେଶିତ 'ଆରେ ସାଥୀ ଆ' ଓ ଅମିତ ନାୟକଙ୍କ ନିର୍ଦ୍ଦେଶିତ 'ବ୍ଲାକମେଲ୍' ଚଳଚ୍ଚିତ୍ରରେ ବି ନଜର ଆସିଥିଲେ ।

# ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘର ଜିଲ୍ଲା ଶାଖା ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଭଦ୍ରକ, ୨୧/୦୭ (ନି.ପ୍ର): ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ ର ଭଦ୍ରକ ଜିଲ୍ଲା ଶାଖା ତରଫରୁ ଜିଲ୍ଲାର ସମସ୍ତ ଚୁକ୍ତିଭିତ୍ତିକ କର୍ମଚାରୀମାନେ ଏକାଠି ହୋଇ ଆଜି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ଓଡ଼ିଶା ସରକାରୀ ଚାକିରୀ କ୍ଷେତ୍ରରେ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ କରିବା, ୬ ବର୍ଷ ଚୁକ୍ତିଭିତ୍ତିକ ଚାକିରୀ ଅବଧିକୁ ମୂଳ ଚାକିରୀରେ ଗଣନା କରିବା, ଚୁକ୍ତିଭିତ୍ତିକ ନିଯୁକ୍ତି ଅଧିନିୟମ ୨୦୧୩ ମୁତାବକ ସପ୍ତମ ବେତନ କମିଶନ ଅନୁଯାୟୀ ମୂଳ ଦରମା ପ୍ରଦାନ କରିବା, ପୂର୍ବରୁ ୫୦% ବର୍ଦ୍ଧିତ ଦରମା ୧-୧-୨୦୧୬ ଠାରୁ ଲାଗୁ କରିବା ଏବଂ ନିୟମିତ କର୍ମଚାରୀମାନଙ୍କ ପରି ଚୁକ୍ତି ଭିତ୍ତିକ କର୍ମଚାରୀମାନଙ୍କୁ ଡ଼ି.ଏ. ଓ ଏଚ୍.ଆର୍.ଏ ପ୍ରଦାନ କରିବା ଆଦି ୫ ଦଫା ଦାବି ପୁରଣ ପାଇଁ ଏହି ଦରଖାସ୍ତରେ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି, ସଂଘର ଜିଲ୍ଲା ସଭାପତି ଶ୍ୟାମ ସୁନ୍ଦର ଜେନାଙ୍କ ଉପସ୍ଥିତିରେ ସଂଘର ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳଙ୍କୁ ଉକ୍ତ ଦାବି ପତ୍ର ପ୍ରଦାନ କରିଥିଲେ । ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ଚାକିରୀ କରିଥିବା କନିଷ୍ଠ ଶିକ୍ଷକ ଏବଂ ବିଭିନ୍ନ ବିଭାଗରେ ଚୁକ୍ତିଭିତ୍ତିକ ସରକାରୀ ଚାକିରୀରେ କାର୍ଯ୍ୟରତ କର୍ମଚାରୀମାନଙ୍କ ପାଇଁ ଓଡ଼ିଶା ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମ ୨୦୧୩କୁ ଓଡ଼ିଶାରୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବା ସହ ଚୁକ୍ତି ଭିତ୍ତିକ ଚାକିରୀ ସମୟକୁ ନିୟମିତ ଚାକିରୀ ସମୟ ଭାବେ ସମସ୍ତ ଉଦ୍ଦେଶ୍ୟରେ ଗଣାଯିବା ପାଇଁ ଏହି ଦାବି ପତ୍ରରେ ପ୍ରାର୍ଥନା କାରାଯାଇଛି । ପଦୋନ୍ନତି, ଇନ୍‌କ୍ରିମେଣ୍ଟ, ବରିଷ୍ଠତା, ଏମ୍.ଏ.ସି.ପି., ଅବସରକାଳୀନ ପ୍ରାପ୍ୟ ଆଦି ସମସ୍ତ କ୍ଷେତ୍ରରେ ଉକ୍ତ ଚୁକ୍ତିଭିତ୍ତିକ ଚାକିରୀ ଅବଧିକୁ ନିୟମିତ ଚାକିରୀ କାଳ ସହ ସାମିଲ କରିବା ପାଇଁ ଦାବି କରାଯାଇଛି ।

# ଆସନ୍ତା ୨୪ ତାରିଖରେ ଭଦ୍ରକ କଲେଜ ପୁରାତନ ଛାତ୍ର ସଂସଦର ସାଧାରଣ ବୈଠକ

ଭଦ୍ରକ,୨୧/୦୭ (ନି.ପ୍ର): ଭଦ୍ରକ କଲେଜ ପୁରାତନ ଛାତ୍ର ସଂସଦ କାର୍ଯ୍ୟାଳୟରେ ସଂସଦର ସଭାପତି ପ୍ର. ଦେବେନ୍ଦ୍ର ନାଥ ରାଉତଙ୍କ ସଭାପତିତ୍ୱରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ୭୫ ବର୍ଷରେ ପଦାର୍ପଣ କରିଥିବାରୁ ଆସନ୍ତା ନଭେମ୍ବର ମାସରେ ତିନି ଦିନ ଧରି ୭୫ ବର୍ଷ ପୂର୍ତ୍ତି ପାଳନ କରିବା ପାଇଁ ସ୍ଥିରିକୃତ ହୋଇଥିଲା । ସେଥି ନିମନ୍ତେ ଆସନ୍ତା ୨୪ ତାରିଖ ରବିବାର ଅପରାହ୍ଣ ୪ ଘଟିକା ସମୟରେ ଭଦ୍ରକ ମହାବିଦ୍ୟାଳୟ ପରିସରରେ ଏକ ସାଧାରଣ ବୈଠକ ଡାକିବାକୁ ସ୍ଥିର କରାଯାଇଥିଲା । ଉକ୍ତ ବୈଠକରେ ନୂତନ ସଭ୍ୟ ସଂଗ୍ରହ କରାଯିବା ସଙ୍ଗେସଙ୍ଗେ ୭୫ ବର୍ଷ ପୂର୍ତ୍ତି ପାଳନ ନିମନ୍ତେ ଭଦ୍ରକ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରମାନଙ୍କୁ ନେଇ ଏକ କମିଟି ଗଠନ କରିବା ପାଇଁ ସାଧାରଣ ବୈଠକରେ ଆଲୋଚନା କରିବାକୁ ନିଷ୍ପତି ନିଆଗଲା । ଚଳିତ ବର୍ଷ ଶେଷ ମାସରେ ନାକ୍ ଟିମ୍ ଭଦ୍ରକ କଲେଜ ଆସିବାକୁ ଥିବାରୁ ସେଥି ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ କରିବା ପାଇଁ ବୈଠକରେ ଯୋଗ ଦେଇଥିବା କଲେଜର ଅଧ୍ୟକ୍ଷ ସୁବୋଧ କୁମାର ମିଶ୍ରଙ୍କୁ ଅନୁରୋଧ କରାଗଲା । ଆଗାମୀ ୨୪ ତାରିଖରେ ହେବାକୁ ଥିବା ସାଧାରଣ ବୈଠକରେ ପୁରାତନ ଛାତ୍ରମାନଙ୍କୁ ଯୋଗ ଦେବାକୁ ବୈଠକରେ ଅନୁରୋଧ କରାଯାଇଛି । ସଭାରେ ସମ୍ମାନିତ ଅତିଥି ଭାବରେ ଭଦ୍ରକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶୈଳେନ୍ଦ୍ର ମହାପାତ୍ର, ପର୍ଶୁରାମ ଦ୍ୱିବେଦୀ ଯୋଗ ଦେଇଥିବା ବେଳେ ସୌରେଶ ମହାନ୍ତି, ଇନ୍ଦ୍ରମଣି ପଣ୍ଡା, ଗୋକୁଳାନନ୍ଦ ମହାନ୍ତି, ସରୋଜ ତପନ ଦାସ, ସରୋଜ କୁମାର ଦାସ, ବିଜୟ ସାହୁ, ପ୍ରମୋଦ ରାୟ, ଅମରେନ୍ଦ୍ର ବିଶ୍ୱାଳ, ସଂଗ୍ରାମ ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ପାଦକ ଅଜୟ କୁମାର ନାୟକ ସଭା ପରିଚାଳନରେ ସହଯୋଗ ନିମେନ୍ତ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

## ରାଜ୍ୟ ସରକାର ଓ ଆନ୍ତର୍ଜାତିକ ଅର୍ଥ ନିଗମ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୨୧/୦୭ (ନି.ପ୍ର): ଉତମ ସେବା ଯୋଗାଣ କ୍ଷେତ୍ରରେ ଅନ୍ୟ ଏକ ପଦକ୍ଷେପ ଭାବେ ରାଷ୍ଟ୍ରାୟତ ସଂପତି ମୁଦ୍ରିକରଣ ଓ ପୁନଃବିନିଯୋଗ ପାଇଁ ଆଜି ରାଜ୍ୟ ସରକାର ଏବଂ ବିଶ୍ୱ ବ୍ୟାଙ୍କର ଆନ୍ତର୍ଜାତିକ ଅର୍ଥ ନିଗମ ମ୍ଧରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ରାଜ୍ୟ ଲୋକସେବା ଭବନ ସଭାଗୃହଠାରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହା ସାର୍ବଜନୀନ ସଂପତିର ବୃତିଗତ ଆର୍ଥିକ ପରିଚାଳନା ତଥା ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ବିଶେଷ ସହାୟକ ହେବ। ଏହା ମ୍ମରେ ସାର୍ବଜନୀନ ସଂପତିର ଏକ ବୃହତ ରାଶି ବେସରକାରୀ ପୁଂଜିବିନିଯୋଗକୁ ବ୍ୟାପକ କରିବ । ବୁଝାମଣାପତ୍ର ଅନୁସାରେ ରାଷ୍ଟ୍ରାୟତ ଅଚଳ ସଂପତିଗୁଡ଼ିକର ମୁଦ୍ରିକରଣ ଓ ସେଥିରେ ଘରୋଇ ପୁଂଜିବିନିଯୋଗ ପ୍ରକ୍ରିୟାକୁ ସରଳ କରିବା ପାଇଁ ଆଇଏଫ୍‌ସି ବୈଷୟିକ ଓ ବୃତିଗତ ସହାୟତା ଯୋଗାଇବ । ଏହା ରାଜ୍ୟର ଶିଳ୍ପ ଭିତିଭୂମି ଓ ଶିଳ୍ପାନ୍ୱୟନ ବାତାବରଣ ବିକାଶରେ ବିଶେଷ ସହାୟକ ହେବ । ଏହା ମ୍ମ ଖୋଲାବଜାରରୁ ଋଣ ଉଠାଣ ଆବଶ୍ୟକତାକୁ ବହୁଭାବେ ହ୍ରାସ କରିବ ଓ ଭିତିଭୂମି ବିକାଶ ପାଇଁ ଆର୍ଥିକ ବ୍ୟବଧାନ ଦୂର କରିବ । ଏହି ପ୍ରଚେଷ୍ଟା ଘରୋଇ ପୁଂଜିବିନିଯୋଗ ଓ ଅଧିକ କର୍ମନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ବିଶେଷ ସହାୟକ ହେବ । ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଶକ୍ତି ବିଭାଗ ପ୍ରମୁଖ ସଚିବ ନିକୁଞ୍ଜବିହାରୀ ଧଳ, ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ କୁମାର ଶର୍ମା, ପୂର୍ତ ସଚିବ ବୀର ବିକ୍ରମ ଯାଦବ, ଶିଳ୍ପ ବିଭାଗ ଅତିରିକ୍ତ ସଚିବ ଶୁଭେନ୍ଦ୍ର କୁମାର ନାୟକଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଓଡ଼ିଶା ସରକାରଙ୍କ ତରଫରୁ ଇପିକଲର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ଓ ଆନ୍ତର୍ଜାତିକ ଅର୍ଥ ନିଗମର ସର୍ବଭାରତୀୟ ଅଧିକାରୀ ସୁଶ୍ରୀ ରୋଶିକା ସିଂହ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ ।

## କୋଷ୍ଟ କେନାଲ ପୁନରୁଦ୍ଧାର ଦାବିରେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର



ବାଲେଶ୍ୱର,୨୧/୦୭ (ନି.ପ୍ର): ଐତିହାସିକ କୋଷ୍ଟ କେନାଲର ପୁନରୁଦ୍ଧାର ପାଇଁ 'ଓଡ଼ିଶା କୋଷ୍ଟ କେନାଲ ମଞ୍ଚ' ପକ୍ଷରୁ କେନ୍ଦ୍ର ଜାହାଜ ଚଳାଚଳ, ପରିବହନ, ବନ୍ଦର ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ମଞ୍ଚର କର୍ମକର୍ତ୍ତା ଶୁଭଙ୍କର ମହାପାତ୍ର ଓ ଗୋବିନ୍ଦ ବଲ୍ଲଭ ଦଳାଇ ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପଶ୍ଚିମବଙ୍ଗର ଗେଓଖାଲିଠାରୁ ଭଦ୍ରକର ଚାରବାଟିଆ ପର୍ଯ୍ୟନ୍ତ ୨୧୭ କିମି ମଧ୍ୟରୁ ଲମ୍ୱର ଏହି କେନାଲର ପୁନୁରୁଦ୍ଧାର ଏକାନ୍ତ ଆବଶ୍ୟକ ହୋଇନଥିବା ସେମାନେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଜାତୀୟ ଜଳପଥ ନଂ ୫ରେ ୬୨୩ କି:ମି: ମଧ୍ୟରୁ ତାଳଚେର-ଧାମରା ୨୬୫ କି:ମି: ଓ ମଙ୍ଗଳାଯୋଡ଼ିରୁ ପାରାଦ୍ୱୀପ ୧୦୧ କି:ମି: ଜଳପଥର ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେଉଥିଲାବେଳେ ଗେଓଖାଲିରୁ-ଚାରବାଟିଆ ପର୍ଯ୍ୟନ୍ତ କୋଷ୍ଟ କେନାଲର ପୁନରୁଦ୍ଧାର ପ୍ରକଳ୍ପ ଏବେ ଶୀତଳ ଭଣ୍ଡାରରେ ପଡ଼ି ରହିଛି। ତେବେ ଉପକୂଳ ଓଡ଼ିଶାର ଅର୍ଥନୈତିକ ବିକାଶରେ ଏକଦା ସହାୟକ ହୋଇ ଆସିଥିବା ଏହି କୋଷ୍ଟ କେନାଲର ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ପ୍ରକଳ୍ପ ମଞ୍ଜୁରି ପାଇଁ ମନ୍ତ୍ରୀ ଶ୍ରୀ ସୋନଓ୍ୱାଲଙ୍କୁ ମଞ୍ଚ ପକ୍ଷରୁ ନିବେଦନ କରାଯାଇଛି। ମନ୍ତ୍ରୀ ମଧ୍ୟ କୋଷ୍ଟ କେନାଲର ପୁନରୁଦ୍ଧାର ବାବଦରେ ଉଚିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଭୂତଳ ଜଳସ୍ତରର ନିମ୍ନଗାମୀ ହୋଇ ଚାଲିଥିବା ବେଳେ ପରିବହନ ଓ ପରିବେଶ ନିମନ୍ତେ ଓଡ଼ିଶା କୋଷ୍ଟ କେନାଲର ପୁନରୁଦ୍ଧାରର ଆବଶ୍ୟକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ଏହାର ପୁନରୁଦ୍ଧାରରେ ଉଭୟ ପଶ୍ଚିମବଙ୍ଗ ଓ ଓଡ଼ିଶାର ଉପକୂଳ ଅଞ୍ଚଳର ବିକାଶ ହୋଇପାରନ୍ତା। ବାଲେଶ୍ୱର ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କ ସମେତ ଭଦ୍ରକର ସାଂସଦ ମଂଜୁଳତା ମଣ୍ଡଳ ମଧ୍ୟ ଏ ସମ୍ପର୍କରେ ସଂସଦରେ ଦାବି ଉପସ୍ଥାପନ କରିଛନ୍ତି ।

## ଶିକାରୀ ସହ ଦେଶୀ ବନ୍ଧୁକ ଜବତ୍



ନୀଳଗିରି, ୨୧/୦୭ (ନି.ପ୍ର): ପଶୁ ଶିକାର ପାଇଁ ୭ଜଣ ଶିକାରୀ କୁଲଡିହା ଅଭୟାରଣ୍ୟକୁ ଯାଉଥିବା ବେଳେ ପେଟ୍ରୋଲିଂ କରୁଥିବା ବନ କର୍ମଚାରୀଙ୍କ ହାତରେ ଜଣେ ଧରା ପଡ଼ିଥିବା ବେଳେ ଅନ୍ୟ ୬ଜଣ ଶିକାରୀ ଫେରାର ହୋଇ ଯାଇଛନ୍ତି । ପ୍ରାପ୍ତ ବିବରଣୀରୁ ପ୍ରକାଶ ବାଲିଚୁଆ ଗାଁର ୭ଜଣ ଶିକାରୀ ଦେଶୀ ବନ୍ଧୁକ ଧରି ଶିକାର କରିବାକୁ କୁଲଡିହା ଅଭୟାରଣ୍ୟକୁ ଯାଉଥିବା ବେଳେ କୁଲଡିହା ବିଟ୍-୨ର ଫରେଷ୍ଟ ଗାର୍ଡ ହିମାଂଶୁ ପାଢ଼ୀ, ଅଂଜନ କୁମାର ଦାଶ, ୫ଜଣ ସବୁଜ ବାହିନୀ ରାତି ପେଟ୍ରୋଲିଂ କରୁଥିବାବେଳେ ହାବୁଡ଼ରେ ପଡ଼ିଥିଲେ । ଘଟଣାସ୍ଥଳରୁ ୬ଜଣ ଫେରାର ହୋଇଯାଇଥିବା ବେଳେ ବାଲିଚୁଆ ଗ୍ରାମର ପୂର୍ଣ୍ଣ ସିଂ (୫୦) ଧରାପଡ଼ିଥିଲେ । ତାଙ୍କ ଠାରୁ ବନ ବିଭାଗ ଏକ ଦେଶୀ ବନ୍ଧୁକ ଜବତ୍ କରିବା ସହ ପୂର୍ଣ୍ଣ ସିଂ କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଏ ନେଇ କୁଲଡିହା ବନବିଭାଗ ପକ୍ଷରୁ ୭/୨୨-୨୩ ଏକ ମାମଲା ରୁଜୁ କରାଯାଇଛି ।

ଶିକାରୀ ସହ ଦେଶୀ ବନ୍ଧୁକ ଜବତ୍

ନୀଳଗିରି, ୨୧/୦୭ (ନି.ପ୍ର): ପଶୁ ଶିକାର ପାଇଁ ୭ଜଣ ଶିକାରୀ କୁଲଡିହା ଅଭୟାରଣ୍ୟକୁ ଯାଉଥିବା ବେଳେ ପେଟ୍ରୋଲିଂ କରୁଥିବା ବନ କର୍ମଚାରୀଙ୍କ ହାତରେ ଜଣେ ଧରା ପଡ଼ିଥିବା ବେଳେ ଅନ୍ୟ ୬ଜଣ ଶିକାରୀ ଫେରାର ହୋଇ ଯାଇଛନ୍ତି। ପ୍ରାପ୍ତ ବିବରଣୀରୁ ପ୍ରକାଶ ବାଲିଚୁଆ ଗାଁର ୭ଜଣ ଶିକାରୀ ଦେଶୀ ବନ୍ଧୁକ ଧରି ଶିକାର କରିବାକୁ କୁଲଡିହା ଅଭୟାରଣ୍ୟକୁ ଯାଉଥିବା ବେଳେ କୁଲଡିହା ବିଟ୍-୨ର ଫରେଷ୍ଟ ଗାର୍ଡ ହିମାଂଶୁ ପାଢ଼ୀ, ଅଂଜନ କୁମାର ଦାଶ, ୫ଜଣ ସବୁଜ ବାହିନୀ ରାତି ପେଟ୍ରୋଲିଂ କରୁଥିବାବେଳେ ହାବୁଡ଼ରେ ପଡ଼ିଥିଲେ । ଘଟଣାସ୍ଥଳରୁ ୬ଜଣ ଫେରାର ହୋଇଯାଇଥିବା ବେଳେ ବାଲିଚୁଆ ଗ୍ରାମର ପୂର୍ଣ୍ଣ ସିଂ (୫୦) ଧରାପଡ଼ିଥିଲେ । ତାଙ୍କ ଠାରୁ ବନ ବିଭାଗ ଏକ ଦେଶୀ ବନ୍ଧୁକ ଜବତ୍ କରିବା ସହ ପୂର୍ଣ୍ଣ ସିଂ କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଏ ନେଇ କୁଲଡିହା ବନବିଭାଗ ପକ୍ଷରୁ ୭/୨୨-୨୩ ଏକ ମାମଲା ରୁଜୁ କରାଯାଇଛି ।

## ରାଷ୍ଟ୍ରପତି ନିର୍ବାଚନ ଫଳ ପ୍ରକାଶ ପରେ ବିଜେପିର 'ବିଜୟ ଉତ୍ସବ'

ବାଲେଶ୍ୱର,୨୧/୦୭ (ନି.ପ୍ର): ଓଡ଼ିଶା ମାଟିର ଝିଅ ଦ୍ରୌପଦୀ ମୁର୍ମୁ ଭାରତର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବାକୁ ନେଇ ବିଭିନ୍ନ ମହଲରେ ଖୁସୀର ଲହରୀ ଖେଳିଯାଇଛି। ସ୍ୱାଧୀନ ଭାରତର ପ୍ରଥମ ମହିଳା ଆଦିବାସୀ ରାଷ୍ଟ୍ରପତି ଭାବେ ବିପୁଳ ଭୋଟରରେ ତାଙ୍କର ବିଜୟରେ ସବୁଠି ଖୁସୀର ମାହଲ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ସଦର ବିଜେପି ପକ୍ଷରୁ ସ୍ଥାନୀୟ ସିନେମାଛକରେ ବିଜୟ ଉତ୍ସବ ପାଳନ କରାଯାଇଛି। ଦଳୀୟ କର୍ମୀଙ୍କ ସମେତ ସାଧାରଣ ଲୋକ ରଙ୍ଗ ଖେଳି ବାଜା ବଜାଇ ବିଜୟ ଉତ୍ସବ ମନାଇଥିଲେ। ପରେ ପରସ୍ପରଙ୍କ ଭିତରେ ମିଠା ଖୁଆଇ ଅଭିନନ୍ଦନ ଜଣାଇଥିଲେ। ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଜଣେ ଆଦିବାସୀ ମହିଳା ରାଷ୍ଟ୍ରପତି ହେବା ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି ବୋଲି ଶ୍ରୀଦତ୍ତ ପରିପ୍ରକାଶ କରିଛନ୍ତି।

## ଓଡିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କ ରାଷ୍ଟ୍ରପତି ସୁନିଶ୍ଚିତ ନେଇ ବିଜୟ ଉତ୍ସବ ପାଳିତ




ଜଳେଶ୍ୱର, ୨୧/୦୭ (ନି.ପ୍ର): ବହୁ ପ୍ରତିକ୍ଷିତ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ୧୫ତମ ରାଷ୍ଟ୍ରପତି ଭାବେ ଓଡିଶାର ଗର୍ବ ତଥା ଓଡିଆ ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ସୁନିଶ୍ଚିତ ହୋଇଛି । ଆଜି ଭୋଟ ଗଣତି ଚାଲିଥିବା ବେଳେ ସମଗ୍ର ବିଶ୍ୱ ଏହି ବିଜୟକୁ ନେଇ ନଜର ରଖିଥିଲା। ତାଙ୍କର ବିଜୟ ସୁନିଶ୍ଚିତ ହୋଇଥିବାରୁ ଓଡିଶାର କୋଣ ଅନୁକୋଣରେ ବିଜୟ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଗତ କିଛିଦିନ ଧରି ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା ଓ ସଂକିର୍ତ୍ତନ ମାନ ଅନୁଷ୍ଠିତ ହେଉଥିବା ବେଳେ ଆଜି ଜଳେଶ୍ୱର ବିଜେପି ପକ୍ଷରୁ ବିଜୟ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ଜୟନାରାୟଣ ମହାନ୍ତି ନେତୃତ୍ୱରେ ଷ୍ଟେସନ ଛକଠାରେ ଏହି ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ମିଷ୍ଟାନ୍ନ ବଣ୍ଟନ, ଆତସବାଜି ଓ ବାଦ୍ୟର ତାଳେତାଳେ ସମର୍ଥକ ତଥା ଜଳେଶ୍ୱର ବାସୀ ଝୁମିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ଅଭିଜିତ୍ ପ୍ରଧାନ, ସିଦ୍ଧାର୍ଥ ଶଂକର ପାଳ, ରାଇବଣିଆ ମଣ୍ଡଳ ସଭାପତି ମନୋଜ ସାସମଲ, ସୁବର୍ଣ୍ଣରେଖା ମଣ୍ଡଳ ସଭାପତି ପ୍ରଣବ ପଣ୍ଡା, ସ୍ୱପ୍ନେଶ୍ୱର ମଣ୍ଡଳ ସଭାପତି ତପନ ବିଶ୍ୱାଳ, ପଶ୍ଚିମବାର୍ଡ଼ି ମଣ୍ଡଳ ସଭାପତି ପ୍ରତାପ ସେନାପତି, ସଂଜିବ ରାଉତ, ଅରବିନ୍ଦ ମଣ୍ଡଳ, ଅଜୟ ଦାସ, ରବିନ୍ଦ୍ର ଦତ୍ତ, ରାଜେନ୍ଦ୍ର ସିଂ, ସୁବ୍ରତ ଘୋଷ, ସଂଗ୍ରାମ ଜେନା ପ୍ରମୁଖ ଉତ୍ସବରେ ଭାଗ ନେଇଥିଲେ ।

## ବାଲିଆପାଳରେ ପ୍ରଥମ ବ୍ରାଉନସୁଗାର ଜବଦ

ବାଲିଆପାଳ, ୨୧/୦୭ (ନି.ପ୍ର): ଆଜି ବାଲିଆପାଳ ବ୍ଲକରେ ପ୍ରଥମ ଧଳା ଜହର ଏବଂ ତାର ବ୍ୟବସାୟୀକୁ ବାଲିଆପାଳ ପୁଲିସ ଧରିଛି । ବାଲିଆପାଳ ଥାନା ଅନ୍ତର୍ଗତ କର୍ମଦ୍ଧା-ବାଲିଆପାଳ ରାସ୍ତାର ସୁବର୍ଣ୍ଣରେଖା ପୋଲ ନିକଟରୁ କୌଣସି ସୂତରୁ ଖବର ପାଇ ବାଲିଆପାଳ ଥାନା ଅଧିକାରୀ ସୁବ୍ରତ ବେହେରା ଓ ସବଇନସପେକ୍ଟର ସସ୍ମିତା ମଲ୍ଲିକଙ୍କ ସମେତ ଏକ ପୋଲିସ ଟିମ ଜଣେ ସନ୍ଦିଗ୍ଧ ଯୁବକଙ୍କୁ ଧରିଥିଲେ । ଏବଂ ତାଙ୍କ ପକେଟରୁ ୯ ଗ୍ରାମ ଓଜନର ଧଳା ଜହର ଜବଦ କରିଥିଲେ । ଯାହାର ଆନୁମାନିକ ମୂଲ୍ୟ ୯ ଲକ୍ଷ ଟଙ୍କା ହେବ । ଗିରଫ ହୋଇଥିବା ଯୁବକ ଜଣଙ୍କ ହେଉଛନ୍ତି ଖଗଡାପାଳ ଗ୍ରାମର ସେକ କାସିମଙ୍କ ପୁତ୍ର ସେକ କରିମ୍(୨୮) । ବାଲିଆପାଳ ପୁଲିସ କରିମଙ୍କୁ ୧୬୯/୨୨ କେଶ ମୂଳେ ଗିରଫ କରି ଆଜି କୋର୍ଟ ଫରଓ୍ୱାର୍ଡ କରିଛି । ତେବେ ବାଲିଆପାଳ ବ୍ଲକର ବିଭିନ୍ନ ଛକ ବଜାର ମାନଙ୍କରେ ନିଶା କାରବାର ଏକ ନୀତିଦିନିଆ ଘଟଣାରେ ପରିଣତ ହୋଇଛି । ପୂର୍ବତନ ଥାନା ଅଧିକାରୀ ପର୍ଶୁରାମ ସାହୁ ବିଭିନ୍ନ ସମୟରେ ଚଢାଉ କରି ନିଶା କାରବାରକୁ କିଛି ମାତ୍ରା ରୋକିବାର ସଫଳ ହୋଇଥିଲେ । ବର୍ତମାନର ନୂଆ ଥାନା ଅଧିକାରୀ ସୁବ୍ରତ ବେହେରା ବାଲିଆପାଳରେ କେତେ ମାତ୍ରାରେ ନିଶା କାରବାର ରୋକି ପାରୁଛନ୍ତି ତାହା ଆଗାମୀ ଦିନରେ ଜଣାପଡିବ ।

## ଲୋକାର୍ପିତ ହେଲା ହିନ୍ଦୀ ଗୀତ ଜୟ ହୋ ଦ୍ରୌପଦୀ ମୁର୍ମୁ

ଭୁବନେଶ୍ୱର,୨୧/୦୭ (ନି.ପ୍ର): ଭାରତର ଆଗାମୀ ମହାମହିମ ରାଷ୍ଟ୍ରପତି ତଥା ଓଡ଼ିଶାର ଗର୍ବ ଗୌରବ ଓଡ଼ିଆ ମାଟିର ଝିଅ ଦ୍ରୌପଦୀ ମୁର୍ମୁଙ୍କ ଅଭିନନ୍ଦନ ଜଣାଇବା ପାଇଁ ନିଆରା ଉଦ୍ୟମ କରିଛନ୍ତି ଯୁବ କଣ୍ଠଶିଳ୍ପୀ ସରୋଜ ଜେନା । ଆଜି 'ଜୟ ହୋ ଦ୍ରୌପଦୀ ମୁର୍ମୁ' ଟାଇଟଲ୍ କୁ ନେଇ ମ୍ୟୁଜିକ୍ ଅଡିଓ ର ସ୍ଥାନୀୟ ମଂଚେଶ୍ୱର ଶିଳ୍ପାଂଚଳ ସ୍ଥିତ ସାଇମଣ୍ଡ ଷ୍ଟୁଡିଓ ଠାରେ ଶୁଭ ଉନ୍ମୋଚନ ହୋଇଯାଇଛି । ସଙ୍ଗୀତ ନିର୍ଦ୍ଦେଶକ ମାନସ କୁମାରଙ୍କ ନିର୍ଦ୍ଦେଶନାରେ ଗୀତ ରଚନା କରିଛନ୍ତି ବଭୂତି ସ୍ୱାଇଁ । ୪ ମିନିଟ୍ ୧୭ ସେକେଣ୍ଡ ଅବଧି ବିଶିଷ୍ଟ ହିନ୍ଦୀ ଭାଷାରେ ଏହି ସଙ୍ଗୀତ ସାରା ଦେଶବାସୀଙ୍କ ହୃଦୟକୁ ଛୁଇଁବ ବୋଲି ପ୍ରଯୋଜକ ପ୍ରଶାନ୍ତ ରାଉତ କହିଛନ୍ତି । ଆଜି ସାରା ଭାରତାସୀଙ୍କ ପାଇଁ ଏକ ଖୁସିର ଦିନ ହୋଇ ଥିବାରୁ ଏହିଦିନରେ ଆମ୍ଭେ ଶ୍ରୀମତୀ ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଏହି ଗୀତଟିକୁ ଶୁଭମୁକ୍ତି କରିଛୁ ବୋଲି ସହ ପ୍ରଯୋଜକ ପ୍ରଦ୍ୟୁମ୍ନ କୁମାର ବେହେରା ସୂଚନା ଦେଇଛନ୍ତି ।

## ଜଳେଶ୍ୱରରେ ୨୬ଟି ବିଦ୍ୟାଳୟ ୫ଟିରେ ହେବ ସାମିଲ



ଜଳେଶ୍ୱର, ୨୧/୦୭ (ନି.ପ୍ର): ସରକାର ଉନ୍ନତ ମାନର ଶିକ୍ଷାଦାନ ଲାଗି ବିଦ୍ୟାଳୟ ଗୁଡିକର ରୁପାନ୍ତରିକରଣ ଆରମ୍ଭ କରିଛନ୍ତି । ୧ମ ଓ ୨ ପର୍ଯ୍ୟାୟ ପରେ ତୃତୀୟ ପର୍ଯ୍ୟାୟରେ ଜଳେଶ୍ୱର ନିର୍ବାଚନ ମଣ୍ଡଳିର ୨୬ଟି ବିଦ୍ୟାଳୟକୁ ୫ଟି ସାମିଲ କରିବା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି । ନିର୍ବାଚନ ମଣ୍ଡଳି ଅଧିନସ୍ଥ ବସ୍ତା ବ୍ଲକର ୬ଟି, ଜଳେଶ୍ୱର ବ୍ଲକର ୧୭ଟି ଓ ମ୍ୟୁନିସିପାଲଟିର ୩ଟି ବିଦ୍ୟାଳୟକୁ ଏଥିରେ ସାମିଲ କରାଯିବ । ଏହି ଉପଲକ୍ଷେ ଆଜି ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ବିଦ୍ୟାଳୟ ମାନଙ୍କର ଶିକ୍ଷକ, ସଂପୃକ୍ତ ଅଂଚଳର ସରପଂଚ, ସମିତି ସଦସ୍ୟ, କନିଷ୍ଠ ଯନ୍ତ୍ରୀଙ୍କୁ ନେଇ ଏକ ସମିକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ପୌରହିତ୍ୟ କରିଥିଲେ । ସରକାର ଏହି ବିଦ୍ୟାଳୟ ଗୁଡିକୁ ୪୫ଲକ୍ଷ ଟଙ୍କା ଲେଖାଏଁ ଯୋଗାଇଦେବାର ବ୍ୟବସ୍ଥା ଥିବା ବେଳେ ନିର୍ବାଚିତ ପ୍ରତିନିଧିମାନେ ବିଦ୍ୟାଳୟର ପାଇଖାନା, ପାଣି ଇତ୍ୟାଦି ଲାଗି ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ଦେବାର ଆଲୋଚନା କରାଯାଇଥିଲା । ଆବଶ୍ୟକସ୍ଥଳେ ଜିଲା ପରିଷଦ ପାଣ୍ଠି ଓ ମନ୍ତ୍ରୀଙ୍କ ପାଣ୍ଠି ବ୍ୟବହାର କରାଯିବାର ପ୍ରସ୍ତାବ ମଧ୍ୟ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏବିଇଓ ଅଜୟ ଜେନା ଓ ଆସିଷ୍ଟାଣ୍ଟ ଇଞ୍ଜିନିୟରର ମନୋଜ ମୁଣ୍ଡ ଉପସ୍ଥିତ ଥିଲେ ।

## ଗୋଟିଏ ଦିନରେ ୧୧୯୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୧/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୧୯୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୦୩୧୯୧ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୬୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୮୬୯୧୫ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୦୯୩ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧରୁ ୬୯୯ ଜଣ ସଂଗରୋଧରୁ ଓ ୪୯୭ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୪, ବାଲେଶ୍ୱର ଜିଲ୍ଲାରେ ୧୯, ବରଗଡ ଜିଲ୍ଲାରେ ୧୨, ଭଦ୍ରକ ଜିଲ୍ଲାରେ ୧୨, ବଲାଙ୍ଗୀର ଜିଲ୍ଲାରେ ୧୫, ବୌଦ୍ଧ ଜିଲ୍ଲାରେ ୧୬, କଟକ ଜିଲ୍ଲାରେ ୧୦୯. ଦେବଗଡ, ଜିଲ୍ଲାରେ ୩, ଢେଙ୍କାନାଳ ଜିଲ୍ଲାରେ ୩ ଗଜପତି ଜିଲ୍ଲାରେ ୬ , ଗଂଜାମ ଜଲ୍ଲାରେ ୨, ଜଗତସିଂହପୁର ଜିଲ୍ଲାରେ ୧୫ , ଯାଜପୁର ଜିଲ୍ଲାରେ ୨୮, ଝାରସୁଗୁଡା ଜିଲ୍ଲାରେ ୩୩ . କଳାହାଣ୍ଡି ଜିଲ୍ଲାରେ ୬, କନ୍ଧମାଳ ଜିଲ୍ଲାରେ ୫, କେନ୍ଦ୍ରାପଡା ଜିଲ୍ଲାରେ ୧୧, କେନ୍ଦୁଝର ଜିଲ୍ଲାରେ ୧୪, ଖୋର୍ଧା ଜିଲ୍ଲାରେ ୩୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୯, ମୟୁରଭଂଜ ଜିଲ୍ଲାରେ ୧୦୨, ନବରଂଗପୁର ଜିଲ୍ଲାରେ ୧୨ ନୟାଗଡ ଜିଲ୍ଲାରେ ୩୬, ପୁରୀ ଜିଲ୍ଲାରେ ୨୭, ରାୟଗଡା ଜିଲ୍ଲାରେ ୧୯, ସମ୍ବଲପୁର ଜିଲ୍ଲାରେ ୭୦ , ସୋନପୁର ଜିଲ୍ଲାରେ ୫୨ ,ସୁନ୍ଦରଗଡ ଜିଲ୍ଲାରେ ୧୭୪ ଓ ଷ୍ଟେଟ ପୁଲରେ ୭୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅବଶିଷ୍ଟ ୨ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି।

## ରେଳପଥ ସହ ସ୍ଥାନୀୟ ଅଂଚଳର ସର୍ବାଙ୍ଗୀନ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ଟିମର ପରିଦର୍ଶନ




ବାରିପଦା, ୨୧/୦୭ (ନି.ପ୍ର): ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା ହେବା ପରଠାରୁ ତାଙ୍କ ଜନ୍ମମାଟି ମୟୂରଭଂଜ ଜିଲ୍ଲାର ରାଇରଙ୍ଗପୁର ସବୁବେଳେ ଚର୍ଚ୍ଚାରେ ରହି ଆସିଛି । ତାଙ୍କ ଗାଁର ଗୋଟିଏ ବସ୍ତିକୁ ବିଦ୍ୟୁତ ଦୀର୍ଘବର୍ଷ ଧରି ପହଂଚିପାରୁ ନଥିବା ବେଳେ, ଗଣ ମାଧମରେ ଖବର ପ୍ରସାରଣ ପରେ ରାତାରାତି ଗାଁକୁ ପହଂଚିଗଲା ବିଜୁଳି । ତେବେ ରାଷ୍ଟ୍ରପତି ନିର୍ବାଚନ ସରିଥିବା ବେଳେ ଦ୍ରୌପଦୀଙ୍କର ବିଜୟ ଏକ ପ୍ରକାର ସୁନିଶ୍ଚିତ ବୋଲି ଚର୍ଚ୍ଚା ହେଉଥିବା ବେଳେ, କେନ୍ଦ୍ର ରେଳ ବିଭାଗ ଓ ରାଜ୍ୟ ସରକାର ମଧ ତାଙ୍କ ଜନ୍ମ ମାଟି ଅଂଚଳର ବିକାଶ ପାଇଁ ଅହେତୁକ ତତ୍ପରତା ଦେଖାଇଛନ୍ତି । ମୟୂରଭଂଜ ଜିଲ୍ଲା ତଥା ପଶ୍ଚିମ ମୟୂରଭଂଜ କୁହା ଯାଉଥିବା ରାଇରଙ୍ଗପୁର ଅଂଚଳରେ ରେଳର ବିକାଶ ହୋଇପାରି ନଥିବା ବେଳେ, ସୋମବାର ଦକ୍ଷିଣ-ପୂର୍ବ ରେଳ ବିଭାଗର ଡିଆରଏମ ଆସି ଟାଟା- ବାଦାପାହାଡ଼ ରେଳ ରୁଟ ଦୋହରୀକରଣ କାର୍ଯ୍ୟର ସର୍ଭେ କରିବା ସହିତ ପରିଦର୍ଶନ କରିଛନ୍ତି । ଏହି ପରିଦର୍ଶନ କାଳରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ରାଜୀବ କୁମାର ଗୁପ୍ତାଙ୍କ ସହ ବରିଷ୍ଠ ମଣ୍ଡଳ ଅପରେସନାଲ ପ୍ରବନ୍ଧକ ଗଜରାସ ସିଂ ଚରନ, ଚକ୍ରଧରପୁର ରେଳମଣ୍ଡଳର ସହକାରୀ ବାଣିଜ୍ୟିକ ଅଧିକାରୀ ଅଶ୍ୱିନୀ ମିଶ୍ର, ଟାଟା ନଗର ଆଂଚଳିକ ପ୍ରବନ୍ଧକ ବିନୋଦ କୁମାର ପ୍ରମୁଖ ସାମିଲ ଥିଲେ । ତେବେ ଦ୍ରୌପଦୀ ମୁର୍ମୁଙ୍କ ଶାଶୁଘର ପାହାଡପୁର ଗ୍ରାମଟି ନିକଟସ୍ଥ ବାଦାମପାହାଡ ଅଂଚଳରେ ଥିବାରୁ ଚକ୍ରଧରପୁର ମଣ୍ଡଳ ରେଳ ବିଭାଗ ପକ୍ଷରୁ ଅଧିକାରୀଙ୍କ ଗସ୍ତକୁ ନେଇ ରେଳର ବିକାଶ ହେବାର ପୂର୍ବାନୁମାନ କରାଯାଇଛି । ଖୁବଶୀଘ୍ର ବାଦାମପାହାଡ ଠାରୁ କେନ୍ଦୁଝର ଓ ଗୋରୁମହିଷାଣୀ ଠାରୁ ବାଙ୍ଗରିପୋଷି ପର୍ଯ୍ୟନ୍ତ ରେଳପଥ ସଂଯୋଗୀକରଣ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି । ସେହିପରି ରାଜ୍ୟ ଜେଏମଏମ ଉପାଧକ୍ଷ ପ୍ରହ୍ଲାଦ ପୂର୍ତି ଉପସ୍ଥିତ ରହି ରାଇରଙ୍ଗପୁର ଠାରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ଏକ ସୁପରଫାଷ୍ଟଟ୍ରେନ ଚଳାଚଳ କରିବାକୁ ଡିଆରଏମଙ୍କୁ ଦାବିପତ୍ର ପ୍ରଦାନ କରିଥିବାର ଜଣା ଯାଇଛି । ଏହି କେନ୍ଦ୍ରୀୟ ପ୍ରତିନିଧି ଦଳ ଅନୁଧ୍ୟାନ କରି ଫେରିବା ପରେ ରାଜ୍ୟ ସରକାରଙ୍କ ଏକ ପ୍ରତିନିଧି ଦଳ ମଧ ଗସ୍ତ କରିଥିବାର ଜଣା ଯାଇଛି । ଦ୍ରୌପଦୀ ମୁର୍ମୁଙ୍କ ଜନ୍ମମାଟି କୁସୁମୀ ବ୍ଲକ ଉପରବେଡା ଗ୍ରାମ ଓ ଶାଶୁଘର ପାହାଡପୁର ଅଂଚଳରେ ବିଭିନ୍ନ ପ୍ରକାର ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ଉଭୟ ପଂଚାୟତରେ ଥିବା ସମସ୍ତ ଗ୍ରାମ ଗୁଡିକର ରାସ୍ତାଘାଟ, ପାନୀୟଜଳ, ଜଳସେଚନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ଦିଗରେ ଥିବା ବିଭିନ୍ନ ସମସ୍ୟା ଗୁଡିକର ତ୍ୱରିତ ସମାଧାନ କରିବା ସହିତ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିବାର ଜଣାଯାଇଛି ।

## ବାଲିଆପାଳ ବିଜୁ ଯୁବ ଜନତା ଦଳ ପକ୍ଷରୁ ୬ଟି ପଞ୍ଚାୟତରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ବାଲିଆପାଳ, ୨୧/୦୭ (ନି.ପ୍ର): ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ସାମାଜିକ କାର ?ୟ୍ୟକ୍ରମକୁ ଆହୁରି ବ୍ୟାପକ କରିବା ଲକ୍ଷ୍ୟରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ବାଲିଆପାଳରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପରିବେଶରେ ସନ୍ତୁଳନ ରକ୍ଷା ପାଇଁ ବ୍ୟାପକ ଚାରା ରୋପଣ ଉପରେ ସମସ୍ତେ ଗୁରୁତ୍ୱ ଦେଇଛନ୍ତି। ବିଜୁ ଜନତା ଦଳ ର ୨୫ ବର୍ଷ ପୂର୍ତ୍ତି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ନିର୍ଦ୍ଦେଶ କ୍ରମେ ବାହୁଡା ଯାତ୍ରା ଠାରୁ ସାରା ଓଡିଶାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ପ୍ରରିପ୍ରେକ୍ଷୀରେ ବାଲିଆପାଳ ବ୍ଲକ ବିଜୁ ଯୁବ ଜନତା ଦଳ ତରଫରୁ ଆଜି ୨୨ନଂ ଜୋନ୍ ଅଧିନସ୍ଥ ଜମ୍ବିରାଇ, ପଞ୍ଚୁପାଲି, ସାଉଡି, ବୋଳଂ, କୁଣ୍ଡୁଳି ଏବଂ ବଣିଆଡିହା ପଞ୍ଚାୟତରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ବ୍ୟୋମକେଶ ରାୟ,ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ତାପସ ପରିଡାଙ୍କ ଆହ୍ୱାନକ୍ରମେ ରାଜ୍ୟ ମହିଳା ବିଜେଡି କର୍ଯ୍ୟକାରୀ ସଭାପତି ସୁବାସିନୀ ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବାଲିଆପାଳ ବ୍ଲକ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ଜେନାଙ୍କ ନେତୃତ୍ୱରେ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ୨୨ନଂ ଜୋନ୍ ଜିଲ୍ଲା ପରିଷଦ ନିଶାକର ସେଠୀ, ଯୁବନେତା ହାଡିବନ୍ଧୁ ରାଉତ, ସଂଗ୍ରାମ ପରିଡା, ମୃତ୍ୟୁଞ୍ଜୟ ଗୋଚ୍ଛାୟତ, ବିକାଶ ଜେନା, ଆନନ୍ଦ ବେହେରା, ସୁବ୍ରତ କୁମାର ପାତ୍ର,ବିଜୁ ଯୁବ ଜନତା ଦଳ ଡିଜିଟାଲ ସେକ୍ରେଟେରୀ ଗୋପନାରାୟଣ ଜେନା, ଭଜହରି ଜେନା, ସୁଶାନ୍ତ ପାତ୍ର, ସନ୍ତୋଷ ମାହାଳିକ, ରତ୍ନାକର ବିଶ୍ୱାଳ, ରମାନାଥ ବିଶ୍ୱାଳ, ପଞ୍ଚାନନ କୁହ୍ଲାରୀ, ନିମାଁଇ ବିଶ୍ୱାଳ ପ୍ରମୁଖ ବିଜୁ ଯୁବ ଜନତା ଦଳର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo